
# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୨୯/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 29/2023 | Page 14 | ₹ 7.00 | BALASORE

୪୯ଶ ଭାଗ ୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 66 | ମୂଲ୍ୟ ₹୭/-

**ସାବାଲେଙ୍କାଙ୍କୁ ଅଷ୍ଟ୍ରେଲିଆନ ଓପନ ଟାଇଟଲ**

ବେଲାରୁଷର ଆରିନା ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

୧୪

୦୨

**କଲେଜିୟମ ସୁପାରିସକୁ ଅଟକାଯିବା ଗଣତନ୍ତ୍ର ପାଇଁ ଭୟଙ୍କର**

ବିଚାରପତି ନିଯୁକ୍ତି ଲାଗି କଲେଜିୟମ ସୁପାରିସ୍‌କୁ କେନ୍ଦ୍ର ସରକାର ଅଟକାଇ ରଖିବା ଗଣତନ୍ତ୍ର ପାଇଁ ଭୟଙ୍କର ବୋଲି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରୋହିଣ୍ଟନ୍ ଫଲି ନରିମାନ କହିଛନ୍ତି।




# ୨ ଯୁଦ୍ଧବିମାନ ଦୁର୍ଘଟଣା: ପାଇଲଟ ମୃତ

## ୧୦୦ କିଲୋମିଟର ଦୂରରୁ ମିଳିଲା ଭଗ୍ନାବଶେଷ

**ମୋରେନା,୨୮।୧**

ଭାରତୀୟ ବାୟୁସେନାର ୨ଟି ଲଢୁଆ ବିମାନ ଶନିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ନିୟମିତ ପ୍ରଶିକ୍ଷଣ ଉଡ଼ାଣ ବେଳେ ମଧ୍ୟପ୍ରଦେଶର ମୋରେନା ଜିଲାରେ ସୁଖୋଇ ୩୦ ଏମ୍‌କେଆଇ ଏବଂ ମିରେଜ୍-୨୦୦୦ ମଧ୍ୟରେ ଦୁର୍ଘଟଣା ହୋଇଥିଲା। ଏଥିରେ ମିରେଜ-୨୦୦୦ର ପାଇଲଟ ତଥା ୱିଙ୍ଗ୍ କମାଣ୍ଡର ହନୁମନ୍ତ ରାଓ ସାରଥୀଙ୍କ ମୃତ୍ୟୁ ଘଟିଥିବାବେଳେ ସୁଖୋଇର ଦୁଇଜଣ ପାଇଲଟ ଆହତ ହୋଇଛନ୍ତି। ସେମାନଙ୍କୁ ମିଲିଟାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ଗୋଆଲିୟର ନିକଟରେ ଦୁଇ ବିମାନ ପରସ୍ପରକୁ ସମ୍ଭବତଃ ଧକ୍କା ଦେଇଥିବା ପ୍ରତିରକ୍ଷା ବିଶେଷଜ୍ଞମାନେ କହୁଥିବାବେଳେ ବାୟୁସେନା ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନାହିଁ। ଦୁର୍ଘଟଣାରେ ଯୁଦ୍ଧବିମାନର କେତେକ ଭଗ୍ନାବଶେଷ ଛିଟିକି ଯାଇ ୧୦୦ କିଲୋମିଟର ଦୂର ରାଜସ୍ଥାନର ଭରତପୁରରେ ପଡ଼ିଥିଲା ବେଳେ ମୃତ ପାଇଲଟଙ୍କ ଦେହାବଶେଷ ପହରଗଡ଼ ଅଞ୍ଚଳରୁ ମିଳିଛି।

ବାୟୁସେନା ବେସ୍ ଭାବେ ବ୍ୟବହୃତ ଗ୍ୱାଲିୟର ବିମାନବନ୍ଦରରୁ ଦୁଇଟି ଯୁଦ୍ଧବିମାନ ଉଡ଼ାଣ ଆରମ୍ଭ କରିଥିଲେ। ଦୁର୍ଘଟଣା ସମ୍ପର୍କରେ ଏୟାର ଚିଫ୍ ମାର୍ଶାଲ ଭି.ଆର୍. ଚୌଧାରୀ





ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଅବଗତ କରାଇଛନ୍ତି। ୨ ଯୁଦ୍ଧବିମାନ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସହାୟତା ଲାଗି ସେ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ବିମାନ ଚଳାଚଳ ବିଶେଷଜ୍ଞ ଅଞ୍ଜିତ ଗୁପ୍ତାଙ୍କ କହିବା ଅନୁଯାୟୀ ଆକାଶ ମାର୍ଗରେ ଦୁଇ ବିମାନ ମଧ୍ୟରେ ଧକ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଭାରତରେ ଗତ ୭୦ ବର୍ଷ ମଧ୍ୟରେ ଆକାଶମାର୍ଗରେ ଧକ୍କା ଲାଗି ୬୪ଟି ବିମାନ ଧ୍ୱଂସ ହେବା ସହ ୩୯ ପାଇଲଟଙ୍କ ଜୀବନ ଯାଇଛି। ମିଡ୍ ଏୟାର କୋଲିଜନ୍ ଯୋଗୁ ଭାରତକୁ ୧୧ଟି ମିଗ୍-୨୧, ୮ଟି ହଣ୍ଟର ଏବଂ ୫ଟି ଜାଗୁଆର ହରାଇବାକୁ ପଡ଼ିଛି। ଗତବର୍ଷ ଜୁଲାଇରେ ରାଜସ୍ଥାନର ବାର୍‌ମେର ନିକଟରେ ମିଗ୍-୨୧ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ପାଇଲଟଙ୍କ ମୃତ୍ୟୁ ଘଟିଥିଲା। ଗତ ୫ ବର୍ଷରେ ୩ ବାହିନୀର ବିମାନ ଓ ହେଲିକପ୍ଟର ଦୁର୍ଘଟଣାରେ ୪୨ ପ୍ରତିରକ୍ଷା କର୍ମଚାରୀଙ୍କ ଜୀବନ ଯାଇଥିବା ଗତବର୍ଷ ମାର୍ଚ୍ଚରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ ରାଜ୍ୟ ସଭାକୁ କହିଥିଲେ।

ବାୟୁସେନାର ଦୁଇଟି ଯୁଦ୍ଧବିମାନ ମଧ୍ୟରେ ଦୁର୍ଘଟଣା ଖବରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଦୁଃଖ ପ୍ରକାଶ କରିବା ସହ ଆହତ ପାଇଲଟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ରାଜସ୍ଥାନରେ ବିମାନ ଦୁର୍ଘଟଣା

**ଜୟପୁର,୨୮।୧(ପି.ଟି.)**

ରାଜସ୍ଥାନର ଭରତପୁର ଜିଲାରେ ଶନିବାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ସହରର ଉଚ୍ଛଇନ ଅଞ୍ଚଳରେ ଏକ ଖୋଲା ପଡ଼ିଆରେ ବିମାନଟି ଖସିପଡ଼ିଥିଲା ବୋଲି ସ୍ଥାନୀୟ ଏସ୍‌ପି ଶ୍ୟାମ ସିଂ କହିଛନ୍ତି। ତେବେ ତାହା ବିମାନ କି ହେଲିକପ୍ଟର ଏବଂ ସୈନ୍ୟବାହିନୀର କି ନୁହେଁ, ସ୍ପଷ୍ଟ ହୋଇନାହିଁ।

# ପରଲୋକରେ ସାହିତ୍ୟିକ ହୁସେନ ରବି ଗାନ୍ଧୀ

## ମୁଖ୍ୟମନ୍ତ୍ରୀଙ୍କ ଶୋକ



ଡ. ହୁସେନ ରବି ଗାନ୍ଧୀ

**ଭୁବନେଶ୍ୱର(ବ୍ୟୁରୋ)/ କଟକ ଅଫିସ୍/ଯାଜପୁର ଅଫିସ୍, ୨୮।୧**

ବିଶିଷ୍ଟ ସାହିତ୍ୟିକ ତଥା ରାଜନେତା ଡ. ହୁସେନ ରବି ଗାନ୍ଧୀଙ୍କର ଶନିବାର ମଧ୍ୟାହ୍ନ ୧୨ଟା ୩୦ରେ ପରଲୋକ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୭୫ ବର୍ଷ ହୋଇଥିଲା। ହୁସେନ ରବିଙ୍କ ଦେହାନ୍ତକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ ମାଧ୍ୟମରେ ଶୋକବ୍ୟକ୍ତ କରିଛନ୍ତି। ବିଜୁବାବୁଙ୍କ ସହଯୋଗୀ ତଥା ବରିଷ୍ଠ ରାଜନେତା ଭାବେ ବିଜେଡିକୁ ☞ପୃଷ୍ଠା-୪

# ଆଜି ଟାଇଟଲ ଟକ୍କର

## ବେଲ୍‌ଜିୟମ ବନାମ ଜର୍ମାନୀ




ହକି ବିଶ୍ୱକପ୍

**ଭୁବନେଶ୍ୱର, ୨୮।୧ (କ୍ରୀଡ଼ା ପ୍ରତିନିଧି)**

ଚଳିତ ହକି ବିଶ୍ୱକପ୍‌ର ମେଗା ଫାଇନାଲ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ୟୁରୋପର ଦୁଇ ପାୱାର ହାଉସ ଜର୍ମାନୀ ଓ ବେଲ୍‌ଜିୟମ। ଜର୍ମାନୀ ଦଳ ୨ ଥର ଟାଇଟଲ ଜିତିଥିବାବେଳେ ବେଲ୍‌ଜିୟମ ହେଉଛି ଡିଫେଣ୍ଡିଂ ଚାମ୍ପିୟନ। ଏହା ବ୍ୟତୀତ ଏହି ଦଳ ଅଲିମ୍ପିକ୍ସ ଚାମ୍ପିୟନ ମଧ୍ୟ। କଳିଙ୍ଗ ସମେତ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାର ୧୫ତମ ସଂସ୍କରଣରେ ଉଭୟ ଜର୍ମାନୀ ଓ ବେଲ୍‌ଜିୟମ ଏ ପର୍ଯ୍ୟନ୍ତ ଅପରାଜିତ ରହିଛନ୍ତି। ପୁଲ୍ 'ବି'ରେ ଶୀର୍ଷ ସ୍ଥାନରେ ରହି ବେଲ୍‌ଜିୟମ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ଜର୍ମାନୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ କ୍ରସ୍ ଓଭର ମଧ୍ୟଦେଇ ଆଗକୁ ବଢ଼ିଛି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ବେଲ୍‌ଜିୟମ ଦ୍ୱିତୀୟ ଓ ଜର୍ମାନୀ ତୃତୀୟ ସ୍ଥାନରେ ରହିଛି। ତେଣୁ ଦୁଇ ସମକକ୍ଷ ଦଳ ମଧ୍ୟରେ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

**ପୁଲ୍ ପର୍ଯ୍ୟାୟରେ ହୋଇଥିଲା ଭେଟ**

ଚଳିତ ସଂସ୍କରଣର ପୁଲ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ଭେଟ ହୋଇଥିଲା। ଉଭୟ ଦଳ ପାଇଁ ଏହାଥିଲା ଦ୍ୱିତୀୟ ମ୍ୟାଚ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚଟି ୨-୨ ଗୋଲରେ ଡ୍ର ରହିଥିଲା। ସେଡ୍ରିକ ଚାର୍ଲିରଙ୍କ ଗୋଲ ବଳରେ ବେଲ୍‌ଜିୟମ ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ନେଇଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ ନିକ୍ଲାସ ୱେଲେନଙ୍କ ଗୋଲ ସହାୟତାରେ ଜର୍ମାନୀ ମ୍ୟାଚକୁ ସମାନ ସ୍ତରକୁ ଆଣିଥିଲା। ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଚତୁର୍ଥ କ୍ୱାର୍ଟରରେ ଜର୍ମାନୀର ଟମ୍ ଗ୍ରାମବୁଶ୍ ଏବଂ ବେଲ୍‌ଜିୟମର ଭିକ୍ଟର ୱେଗନେଜ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ସମାନ ସ୍ତରକୁ ଚାଲି ଆସିଥିଲା। ☞ପୃଷ୍ଠା-୪

# ୩୦ ଜିଲାରେ ହେବ ହାଇକୋର୍ଟର ଭିସି କ୍ୟାବିନ


- ପ୍ରଥମ ପର୍ଯ୍ୟାୟରେ ୧୦ ଜିଲା ସାମିଲ
- ଫେବୃୟାରୀ ୧ରୁ କାର୍ଯ୍ୟାରମ୍ଭ

**କଟକ ଅଫିସ,୨୮।୧**

ରାଜ୍ୟର ୩୦ ଜିଲାରେ ଓଡ଼ିଶା ହାଇକୋର୍ଟର ଭିସି (ଭିଡିଓ କନ୍‌ଫରେନ୍ସ) କ୍ୟାବିନ୍ ପ୍ରତିଷ୍ଠା ହେବ। ଆପେକ୍ସକୋର୍ଟର ୨୦୨୨ ଡିସେମ୍ବର ୧୪ ତାରିଖ ନିର୍ଦ୍ଦେଶ ମୁତାବକ ସବୁ ଜିଲାରେ ଭିସି କ୍ୟାବିନ୍ ହେବ। ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲାରେ ପାଇଲଟ୍ ପ୍ରକଳ୍ପ ଭାବେ ଏହା କାର୍ଯ୍ୟାରମ୍ଭ କରିବ। ଏଥିରେ ହାଇକୋର୍ଟର ଭର୍ଚୁଆଲ କୋର୍ଟ ସହିତ ଇ-ଫାଇଲିଂ, ତ୍ରୁଟି ସଂଶୋଧନ, ଭର୍ଚୁଆଲ ଶୁଣାଣି, ସାର୍ଟିଫାଏଡ୍ କପି ଅନୁମୋଦନ ଆଦି କାର୍ଯ୍ୟ ହାଇକୋର୍ଟର ନିର୍ଦ୍ଦେଶାବଳୀ ଅନୁସାରେ ସମ୍ପାଦିତ ହେବ। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼ (ରାଉରକେଲା), କଳାହାଣ୍ଡି (ଭବାନୀପାଟଣା), କୋରାପୁଟ (ଜୟପୁର), ଗଞ୍ଜାମ (ବ୍ରହ୍ମପୁର), ଖୋର୍ଦ୍ଧା (ଭୁବନେଶ୍ୱର), ପୁରୀ, ବାଲେଶ୍ୱର, ଭଦ୍ରକରେ ଫେବୃୟାରୀ ୧ରୁ ୨ ଜଣ ଲେଖାଏ କର୍ମଚାରୀ ଯୋଗଦେବା ନିମନ୍ତେ ହାଇକୋର୍ଟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**

ସାଂଘାତିକ ଅଭିଯୋଗ



# କୁକୁରକୁ ମାରିବା ନେଇ ୨ ଯୁବକଙ୍କ ନାଁରେ ମାମଲା

**ଉଡୁପି, ୨୮।୧**

କୁକୁରକୁ ନିର୍ମମ ଭାବେ ହତ୍ୟା କରିବା ନେଇ ଶନିବାର କର୍ନାଟକ ଉଡୁପି ପୋଲିସ ଦୁଇ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରିଛି। ବଣ୍ଟାକାଲସ୍ଥିତ ଶ୍ରୀ ମାଧ୍ୱା ଭଡିରାଜା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ କଲେଜ ପରିସରରେ କୁକୁରଙ୍କ ହତ୍ୟା କରାଯାଇଥିବା ପୋଲିସ କହିଛି। ସେହି କଲେଜର ଜଣେ ଛାତ୍ର କୁକୁର ସହ ଖେଳୁଥିବା ଦେଖି ଅଭିଯୁକ୍ତ ୱାର୍ଡେନ୍ ନାଗାରାଜ ଏବଂ ରାଜେଶ ଜାଣିଶୁଣି କୁକୁରଙ୍କୁ ହତ୍ୟା କରିଥିବା ପ୍ରାଥମିକ



ତଦନ୍ତରୁ ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି। ମମାଧଭାରାଜ ଆନିମଲ କେୟାର ଟ୍ରଷ୍ଟର ସଦସ୍ୟ ବବିତା ମାଧବରାଜଙ୍କ ସୂଚନାନୁସାରେ, ନାଗାରାଜ ଏବଂ ରାଜେଶ କୁକୁରକୁ ପ୍ରଥମେ ଏକ ବସ୍ତାରେ ପୂରାଇ ବାନ୍ଧି ଦେଇଥିଲେ। ଏହାପରେ ଦୁହେଁ କୁକୁରଟିର ମୃତ୍ୟୁ ପର୍ଯ୍ୟନ୍ତ ତାକୁ ନିର୍ଦ୍ଦୟ ଭାବେ ପିଟିଥିଲେ। କଲେଜ ଗାଡ଼ିରେ ମଲାକୁକୁରକୁ ନେଇ ଦୁହେଁ କୌଣସିଆଡ଼େ ଫୋପାଡ଼ି ଦେଇଥିଲେ। ତେବେ ଏ ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏ ଘଟଣା ନେଇ ମଞ୍ଜୁଳା କାରକେରା ଶିରଭା ଥାନାରେ ପ୍ରଥମେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଏ ସଂକ୍ରାନ୍ତରେ ମାମଲା ରୁଜୁ କରାଯାଇଛି।

### ପୋଲିସ ପରିଚୟ ଦେଇ ନାବାଳିକାଙ୍କୁ ବଳାତ୍କାର

ମହାରାଷ୍ଟ୍ର ଥାଣେରେ ୨ ଜଣ ଯୁବକ ପୋଲିସ ପରିଚୟ ଦେଇ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଡୋମ୍ବିଭିଲି ଟାଉନ୍‌ରେ ଥିବା ଏକ ନଦୀ କୂଳରେ ଶୁକ୍ରବାର ଅପରାହ୍ନରେ ପୀଡ଼ିତା ତାଙ୍କ ବୟଫ୍ରେଣ୍ଡଙ୍କ ସହ ଥିଲେ। ସେତିକିବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ନିଜକୁ ପୋଲିସ ବୋଲି କହି ନାବାଳିକା ଓ ତାଙ୍କ ବୟଫ୍ରେଣ୍ଡଙ୍କୁ ଧମକାଇ ଥିଲେ। ଏହାପରେ ସେମାନେ ବଳପୂର୍ବକ ନାବାଳିକାଙ୍କୁ ପାଖ ଜଙ୍ଗଲକୁ ନେଇ ସେଠାରେ ତାଙ୍କ ବଳାତ୍କାର କରିଥିବା ପୋଲିସ କହିଛି।

# ମୋଗଲ ଗାର୍ଡେନ ହେଲା ଅମୃତ ଉଦ୍ୟାନ



ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିରେ ଭାରତ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ରାଷ୍ଟ୍ରପତି ଭବନ ପରିସରରେ ଥିବା ମୋଗଲ ଗାର୍ଡେନ୍‌କୁ ଅମୃତ ଉଦ୍ୟାନ ଭାବେ ନାମିତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ ଉଦ୍ୟାନକୁ ଏକ ସର୍ବସାଧାରଣ ନାମ ପ୍ରଦାନ କରିଥିବା ତାଙ୍କ ଉପ ପ୍ରେସ୍ ସଚିବ ନାଭିକା ଗୁପ୍ତା କହିଛନ୍ତି। ତେବେ ରାଷ୍ଟ୍ରପତି ଭବନ ୱେବ୍‌ସାଇଟ୍‌ରେ ଉଭୟ ମୋଗଲ ଗାର୍ଡେନ ଏବଂ ଅମୃତ ଉଦ୍ୟାନ ନାମ ରହିଛି। ରାଷ୍ଟ୍ରପତି ଭବନ ପରିସରରେ ୩ଟି ଉଦ୍ୟାନ ରହିଛି। ଶ୍ରୀନଗରର ମୋଗଲ ଗାର୍ଡେନ ପ୍ରେରଣାରେ ନିର୍ମିତ ଉଦ୍ୟାନର ନାମ ମୋଗଲ ଗାର୍ଡେନ ରଖାଯାଇଥିଲା। ଏହା ୧୫ ଏକର ଜମିରେ ନିର୍ମିତ ହୋଇଛି। ବାର୍ଷିକ ଉଦ୍ୟାନ ଉତ୍ସବ ଅବସରରେ ମୋଗଲ ଗାର୍ଡେନ ଫେବୃୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲା ରହୁଥିଲା। ଏବେ ଅମୃତ ଉଦ୍ୟାନ ଅଗଷ୍ଟରୁ ମାର୍ଚ୍ଚ ଖୋଲା ରହିବ ବୋଲି ରାଷ୍ଟ୍ରପତି ଭବନ ୱେବ୍‌ସାଇଟରେ କୁହାଯାଇଛି।

# ୪.୯ କୋଟିରେ ନିଲାମ ହେଲା ଡାଏନାଙ୍କ ଗାଉନ୍





ବ୍ରିଟେନ୍ ୱେଲ୍ସର ପ୍ରିନ୍ସେସ୍ ଡାଏନାଙ୍କ ଗାଉନ୍ (୬ ଲକ୍ଷ ଡଲାର) ୪.୯ କୋଟି ଟଙ୍କାରେ ନିଲାମ ହୋଇଛି। ସୋଥେବିଜ୍ ପକ୍ଷରୁ ନ୍ୟୁୟର୍କରେ ଏହାର ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଇଗଣୀ ରଙ୍ଗର ଭେଲ୍‌ଭେଟ୍ କପଡ଼ାରେ ଏହି ଗାଉନ୍ ତିଆରି କରାଯାଇଥିଲା। ଏହି ଗାଉନ୍‌ଟି ଅଦ୍ୟାବଧି ୫ରୁ ଊର୍ଦ୍ଧ୍ୱ ଥର ନିଲାମ ହୋଇସାରିଛି। ଡାଏନା ଏହି ଗାଉନ୍‌କୁ ୧୯୯୧ରେ ରୟାଲ ପୋଟ୍ରେଟ୍ ଏବଂ ଭାନିଟି ଫେୟାର ଫଟୋଶୁଟ୍ ବେଳେ ପିନ୍ଧିଥିଲେ। ସୂଚନା ମୁତାବକ ବ୍ରିଟିଶ୍ ଫ୍ୟାଶନ ଡିଜାଇନର ଭିକ୍ଟର ଇଡେଲଷ୍ଟନ୍ ଏହି ଗାଉନ୍‌କୁ ତିଆରି କରିଥିଲେ। ପ୍ରଥମଥର ପାଇଁ ଏହି ଗାଉନ୍ ୧୯୯୭ରେ ୨୪.୧୫୦ ଡଲାରରେ ନିଲାମ ହୋଇଥିଲା।

## 'କଲେଜିୟମ ସୁପାରିସକୁ କେନ୍ଦ୍ର ଅଟକାଇବା ଗଣତନ୍ତ୍ର ପାଇଁ ଭୟଙ୍କର'




ଜଷ୍ଟିସ୍ ରୋହିଣ୍ଟନ୍ ଫଲି ନରିମାନ

**ନୂଆଦିଲ୍ଲୀ,୨୮।୧:** ବିଚାରପତି ନିଯୁକ୍ତି ନେଇ କଲେଜିୟମ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିବା କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁଙ୍କୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରୋହିଣ୍ଟନ୍ ଫଲି ନରିମାନ କଡ଼ା ସମାଲୋଚନା କରିଛନ୍ତି। ବିଚାରପତି ନିଯୁକ୍ତି ଲାଗି ସୁପ୍ରିମକୋର୍ଟ କଲେଜିୟମ କରିଥିବା ସୁପାରିସ୍‌କୁ କେନ୍ଦ୍ର ସରକାର ଅଟକାଇ ରଖିବା ଗଣତନ୍ତ୍ର ପାଇଁ ଭୟଙ୍କର ବୋଲି ସେ କହିଛନ୍ତି। ଏଥିରୁ ବୁଝାପଡୁଛି ସରକାର ଏକ ନିର୍ଦ୍ଦିଷ୍ଟ କଲେଜିୟମକୁ ଅପେକ୍ଷା କରିବା ସହ ପରବର୍ତ୍ତୀ କଲେଜିୟମ ନିଷ୍ପତ୍ତି ବଦଳାଇବ ବୋଲି ଆଶା କରୁଛନ୍ତି। ଉପଯୁକ୍ତ ସମୟରେ ବିଚାରପତିଙ୍କୁ ନିଯୁକ୍ତି ଦିଆଯିବା ଜରୁରୀ ବୋଲି ନରିମାନ କହିଛନ୍ତି। ୨୦୨୧ ଅଗଷ୍ଟରେ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ନରିମାନ ସୁପ୍ରିମକୋର୍ଟ କଲେଜିୟମରେ ଥିଲେ। ନ୍ୟାୟପାଳିକାର ନିରପେକ୍ଷତା ହେଉଛି ସାମ୍ବିଧାନିକ ନୀତି। ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବତନ ବିଚାରପତି କହିଛନ୍ତି।

# ୩୦ ହଜାର ଲୋକଙ୍କଠାରୁ ୨୦୦ କୋଟି ଠକେଇ

ନୂଆଦିଲ୍ଲୀ,୨୮।୧



### ୱାର୍କ ଫ୍ରମ୍ ହୋମ୍ ଦୁର୍ନୀତି

- ବିଦେଶରୁ ଚାଲିଥିଲା ନେଟ୍‌ୱର୍କ
- ଦୁବାଇର ସେଲ୍ କମ୍ପାନୀ ଆକାଉଣ୍ଟରେ ଜମା ହେଉଥିଲା ଟଙ୍କା

ଘରେ ରହି ବୃହତ୍ ଇ-କମର୍ସ ସାଇଟ୍‌ରେ କାମ କରିବାର ପ୍ରଲୋଭନ ଦେଖାଇ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ୨୦୦ କୋଟି ଟଙ୍କା ଠକିନେଇଛନ୍ତି ଅନ୍ତର୍ଜାତୀୟ ଠକ ରାକେଟ୍। ପୋଲିସ ୩ ଜଣଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସେମାନେ ବ୍ୟବହାର କରୁଥିବା ୱେବ୍‌ସାଇଟର ସର୍ଭର ଚାଇନାରେ ହୋଇଥିବାବେଳେ ଦୁବାଇର କେତେକ କମ୍ପାନୀ ସହ ଅର୍ଥ କାରବାର ହେଉଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ପେଟିଏମ୍‌ର ଜଣେ ପୂର୍ବତନ ଡେପୁଟି ମ୍ୟାନେଜର ଅଛନ୍ତି। ମୁଖ୍ୟ ଅଭିଯୁକ୍ତ ଜର୍ଜିଆରେ ରହିଥିବାବେଳେ ଉକ୍ତ ଗ୍ୟାଙ୍ଗ୍‌ର ଛତିଶଗଡ଼, ମୁମ୍ବାଇ, ହରିୟାଣା, ଦିଲ୍ଲୀ ଓ ପଞ୍ଜାବ ସହ ଲିଙ୍କ୍ ରହିଥିବା ପୋଲିସ କହିଛି।

ଗତବର୍ଷ ସେପ୍ଟେମ୍ବର ୨୬ରେ ଜଣେ ମହିଳାଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଦିଲ୍ଲୀର ରୋହିଣୀ ଅଞ୍ଚଳରେ ରହୁଥିବା ଏହି ମହିଳା ଜଣକ ଇନ୍‌ଷ୍ଟାଗ୍ରାମରେ ଏକ ବିଜ୍ଞାପନ ଦେଖିଥିଲେ। ଏଥିରେ ଘରେ ରହି ଦିନକୁ ୧୫ ହଜାର ଟଙ୍କା ରୋଜଗାର କରିବାର ଅଫର ଦିଆଯାଇଥିଲା। ମହିଳା ଜଣକ ଏଥିପାଇଁ ନିଜକୁ ପଞ୍ଜୀକୃତ କରିଥିଲେ। ଏକ ନିର୍ଦ୍ଦିଷ୍ଟ ଅନ୍‌ଲାଇନ ସାମଗ୍ରୀ ବିକ୍ରି ବଢ଼ାଇବାକୁ ତାଙ୍କୁ କୁହାଯାଇଥିଲା। ସେ ଯେଉଁ ୱେବ୍‌ସାଇଟ ସ୍କ୍ରିନ୍‌ରେ କାମ କରୁଥିଲେ, ସେଥିରେ ମହିଳାଙ୍କ ୱାଲେଟ୍‌ରେ ଟଙ୍କା ଜମା ହେଉଥିବା ଦେଖିବାକୁ ମିଳୁଥିଲା। କିନ୍ତୁ ତାଙ୍କ ନିଯୁକ୍ତିଦାତା ରିହାତି ଦରରେ ଅଧିକ ଅନ୍‌ଲାଇନ ସାମଗ୍ରୀ କିଣିବାକୁ ତାଙ୍କୁ କହୁଥିଲେ। ମହିଳା ଜଣକ ୪ ଥରରେ ମୋଟ ୧.୨ ଲକ୍ଷ ଟଙ୍କା ପୈଠ କରିବା ପରେ ତାଙ୍କ ଆକାଉଣ୍ଟକୁ ଆଦୌ ଟଙ୍କା ଆସି ନ ଥିବା ଜାଣିବାକୁ ପାଇଥିଲେ। ଅଭିଯୋଗ ମିଳିବା ପରେ ନଭେମ୍ବର ୨୦ରେ ଦିଲ୍ଲୀ ପୋଲିସର ଆଉଟର ନର୍ଥ ଜିଲା ସାଇବର ଥାନାରେ ମାମଲା ରୁଜୁ ହୋଇଥିଲା। ଏସିପି ଯଶପାଲ ସିଂଙ୍କ ନେତୃତ୍ୱରେ ତଦନ୍ତକାରୀ ଟିମ୍ ଅନୁଧ୍ୟାନ କରିବା ପରେ ଏକ ଟେଲିଗ୍ରାମ ଆଇଡି ପାଇଥିଲେ। ଚାଇନାର ବେଜିଂରୁ ସ୍କାମରମାନେ ଏହି ଆଇଡି ଚଳାଉଥିଲେ। ଏହା ବ୍ୟତୀତ ବିଦେଶରୁ ପରିଚାଳିତ ହେଉଥିବା ଏକ ହ୍ୱାଟ୍ସଆପ୍ ନମ୍ବର ମଧ୍ୟ ମିଳିଥିଲା। ଏଥିରେ କାରବାର ହୋଇଥିବା ଅର୍ଥ ଯାଞ୍ଚ କରିବାକୁ ବ୍ୟାଙ୍କଗୁଡ଼ିକୁ କୁହାଯାଇଥିଲା। ଠକାମିର ଶିକାର ହୋଇଥିବା ଲୋକେ ଏକ ସେଲ୍ କମ୍ପାନୀ ଆକାଉଣ୍ଟରେ ଟଙ୍କା ଜମା କରିଥିବା ଜଣାପଡ଼ିଥିଲା। ଏଥିରେ ଦୈନିକ କାରବାର ପରିମାଣ ଥିଲା ହାରାହାରି ୫.୨ କୋଟି ଟଙ୍କା। ପୋଲିସ ଅଭିଷେକ ଗର୍ଗ(୪୦), ସତୀଶ ଯାଦବ (୩୬) ଏବଂ ସନ୍ଦୀପ ମହଲା (୩୨)ଙ୍କୁ ଗିରଫ କରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ ହଜାର ଲୋକଙ୍କଠାରୁ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି। ଏହି ଦୁର୍ନୀତି ମାମଲାରେ ଆହୁରି ଅଧିକ ଲୋକ ଗିରଫ ହେବେ ବୋଲି ଆଉଟର ନର୍ଥ ଡିସିପି ଦେବେଶ ମହଲା କହିଛନ୍ତି। ଜର୍ଜିଆରେ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗର୍ଗ ବୈଷୟିକ ସହାୟତା ଯୋଗାଉଥିଲେ। ଏହା ସହାୟତାରେ ସେମାନେ ବିଭିନ୍ନ ଲୋକଙ୍କ ସହ ଯୋଗାଯୋଗ କରୁଥିଲେ। ଦିଲ୍ଲୀ ୟୁନିଭର୍ସିଟିର ସ୍ନାତକ ତଥା ଦିଲ୍ଲୀ ବାସିନ୍ଦା ଯାଦବ ପୂର୍ବରୁ ବିଭିନ୍ନ କମ୍ପାନୀରେ କାମ କରିଥିଲେ। ସେ ମିରର ଆପ୍ ବ୍ୟବହାର କରି ମୁଖ୍ୟ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ସହ ଓଟିପି ଆକ୍ସେସ ସୁବିଧା କରୁଥିଲେ। ସନ୍ଦୀପ ଇ-ୱାଲେଟ ମାଧ୍ୟମରେ ବିଦେଶକୁ ଅର୍ଥ ପ୍ରେରଣ କରୁଥିଲେ। ଉକ୍ତ ଅର୍ଥ ୭ଟି ବିଭିନ୍ନ କମ୍ପାନୀ ଦେଇ ପଠାଯାଉଥିଲା। ବେଳେବେଳେ କ୍ରିପ୍ଟୋ କରେନ୍ସିକୁ ମଧ୍ୟ ବ୍ୟବହାର କରାଯାଉଥିଲା। ଏହା ଉପରେ ତଦନ୍ତ ଜାରି ରହିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଘରେ ରହି କାମ କରିବା କିମ୍ବା ପାର୍ଟ ଟାଇମ୍ ନିଯୁକ୍ତି ଅଫର ଦେଉଥିବା ବାର୍ତ୍ତାର ପ୍ରଲୋଭନରେ ନ ପଡ଼ିବାକୁ ପୋଲିସ ଜନସାଧାରଣଙ୍କୁ ସତର୍କ କରାଇଛି।

## ଷ୍ଟ୍ରିଟ୍ ଭେଣ୍ଡରଙ୍କ ନାଁରେ ୩୬୬ କୋଟି ଜିଏସ୍‌ଟି ଠକେଇ ଅଭିଯୋଗ

ଆଗ୍ରା,୨୮।୧

ଉତ୍ତରପ୍ରଦେଶର ମୁଜାଫରନଗରରେ ରାସ୍ତା ପାର୍ଶ୍ୱରେ ବସି ପୋଷାକ ବିକ୍ରି କରି ଦିନକୁ ୫୦୦ ଟଙ୍କା ରୋଜଗାର କରୁଥିବା ଜଣେ କ୍ଷୁଦ୍ର ବ୍ୟବସାୟୀଙ୍କ ନାମରେ ୩୬୬ କୋଟି ଟଙ୍କାର ଟିକସ ଫାଙ୍କି ଅଭିଯୋଗ। ଇଜାଜ ଅହମଦ ନାମକ ଉକ୍ତ ଷ୍ଟ୍ରିଟ୍ ଭେଣ୍ଡର ଜିଏସ୍‌ଟି ଅଫିସରଙ୍କୁ ଭେଟି ସେମାନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଦୁଇବର୍ଷ ପୂର୍ବେ ଅହମଦ ଏକ ରଦ୍ଦିମାଲ୍ ଦୋକାନ ଖୋଲିବା ପାଇଁ ଜିଏସ୍‌ଟି ନମ୍ବର ନିମନ୍ତେ ଆବେଦନ କରିଥିଲେ। ଏଥିରେ କ୍ଷତି ହେବାରୁ ସେ ରଦ୍ଦି ମାଲ୍ ସଂଗ୍ରହ ଛାଡ଼ି ରାସ୍ତା ପାର୍ଶ୍ୱରେ ପୋଷାକ ବିକିବା ଆରମ୍ଭ କରିଥିଲେ। ଜିଏସ୍‌ଟି ଆକାଉଣ୍ଟ ବନ୍ଦ କରିବା ପାଇଁ ସେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ କହିଥିଲେ, କିନ୍ତୁ ବନ୍ଦ ହେଲା କି ନାହିଁ ବୁଝି ନ ଥିଲେ। ଠକେଇ ପଛରେ ଏକ ବଡ଼ ର୍‍ୟାକେଟ କାମ କରୁଥିବା ପଶ୍ଚିମ ଉତ୍ତରପ୍ରଦେଶ ଜିଏସ୍‌ଟି ବିଭାଗ ଯୁଗ୍ମ କମିଶନର ଜେ.ଏସ୍. ଶୁକ୍ଲା କହିଛନ୍ତି। ବିଭିନ୍ନ କମ୍ପାନୀ ଓ ବ୍ୟକ୍ତିବିଶେଷ ଅହମଦଙ୍କ ଜିଏସ୍‌ଟି ଆକାଉଣ୍ଟକୁ ବ୍ୟବହାର କରିଥିବା ସନ୍ଦେହ କରାଯାଉଛି।


## ଜେରୁଜେଲମ୍‌ରେ ଗୁଳିକାଣ୍ଡ: ୭ ମୃତ

### ବାପପୁଅଙ୍କୁ ଗୁଳିକଲେ ୧୩ ବର୍ଷର ବାଳକ

**ଜେରୁଜେଲମ,୨୮।୧:** ପୂର୍ବ ଜେରୁଜେଲମ୍‌ରେ ଜଣେ ୧୩ ବର୍ଷୀୟ ବାଳକ ଶନିବାର ଗୁଳି ଚଳାଇ ଜଣେ ବ୍ୟକ୍ତି ଓ ତାଙ୍କ ପୁଅଙ୍କୁ ଆହତ କରିଛନ୍ତି। ଶୁକ୍ରବାର ରାତିରେ ଜଣେ ବନ୍ଧୁକଧାରୀ ଏକ ଇହୁଦୀ ଉପାସନା ଗୃହ ବାହାରେ ଗୁଳି ଚଳାଇ ୭ ଜଣଙ୍କୁ ହତ୍ୟା କରିଥିଲେ। ଜଣେ ୨୧ ବର୍ଷୀୟ ପାଲେଷ୍ଟାଇନ ଯୁବକ ଆଖିବୁଜା ଗୁଳି ଚଳାଇଥିଲେ। ଇସ୍ରାଏଲ୍ ପାଲେଷ୍ଟାଇନ୍ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଦୁଇଟି ଗୁଳିକାଣ୍ଡ ଘଟଣା ଏହାକୁ ବଢ଼ାଇଦେଇଛି। ଶନିବାର ସକାଳେ ପୂର୍ବ ଜେରୁଜେଲମ୍ ଉପକଣ୍ଠ ସିଲୱାନଠାରେ ନାବାଳକ ଜଣକ ଗୁଳି ଚଳାଇଥିଲେ ବୋଲି ପୋଲିସ କହିଛି। ଆହତ ବାପପୁଅଙ୍କୁ ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ଶୁକ୍ରବାର ଇହୁଦୀ ଉପାସନା ଗୃହ ନିକଟ ଗୁଳିକାଣ୍ଡ ଘଟଣାରେ ପୋଲିସ ୪୨ ଜଣଙ୍କୁ ଗିରଫ କରିଛି।

# ବାରଣ ସତ୍ତ୍ୱେ ଟିସ୍ ଛାତ୍ରୀଛାତ୍ର ଦେଖିଲେ ବିବିସି ଡକୁମେଣ୍ଟାରି

ମୁମ୍ବାଇ: ୨୮।୧




ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି) ପକ୍ଷରୁ ପ୍ରସ୍ତୁତ ଡକ୍ୟୁମେଣ୍ଟାରିକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ୨୦୦୨ ଗୁଜରାଟ ଦଙ୍ଗାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକାକୁ ନେଇ ତିଆରି ହୋଇଥିବା 'ଇଣ୍ଡିଆ: ଦ ମୋଦି କ୍ୱେଶ୍ଚିନ୍'କୁ ନେଇ ବିଭିନ୍ନ କଲେଜ ପରିସରରେ ବିଶୃଙ୍ଖଳା ବାତାବରଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶନିବାର ଟାଟା ଇନ୍‌ଷ୍ଟି-ଚ୍ୟୁଟ ଅଫ୍ ସୋସିଆଲ ସାଇନସେସ୍ (ଟିସ୍) କର୍ତ୍ତୃପକ୍ଷଙ୍କ ବାରଣ ସତ୍ତ୍ୱେ କେତେଜଣ ଛାତ୍ରୀଛାତ୍ର ମୋବାଇଲ୍‌ରେ କଲେଜ ପରିସରରେ ବିବିସି ଡକ୍ୟୁମେଣ୍ଟାରି ଦେଖିଛନ୍ତି। କ୍ୟାମ୍ପସ ବାହାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା (ବିଜେୱାଇଏମ୍), ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଭାଜପା ଏବଂ ଆର୍‌ଏସ୍‌ଏସ୍ ସମର୍ଥକଙ୍କ ଦ୍ୱାରା ଡକ୍ୟୁମେଣ୍ଟାରି ପ୍ରଦର୍ଶନକୁ ନେଇ ପ୍ରତିବାଦ କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ଆୟତ୍ତ କରିଥିଲା। ଅନ୍ୟପକ୍ଷେ ବିବିସି ସିରିଜ୍ ସ୍କ୍ରିନିଂକୁ ନେଇ ଦିଲ୍ଲୀ ୟୁନିଭର୍ସିଟି ଆର୍ଟସ୍ ଫାକଲ୍ଟିଜ୍‌ଙ୍କ ବିଲ୍ଡିଂ ସମ୍ମୁଖରେ ଛାତ୍ରୀ ଗୋଷ୍ଠୀଙ୍କ ଦ୍ୱାରା କରାଯାଇଥିବା ହଙ୍ଗାମାର ତଦନ୍ତ ପାଇଁ ୟୁନିଭର୍ସିଟି କର୍ତ୍ତୃପକ୍ଷ ଶନିବାର ୭ ଜଣିଆ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିଛନ୍ତି। ତେବେ କମିଟି ଆସନ୍ତା ୩୦ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା କୁଳପତି ଯୋଗେଶ ସିଂଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପାର୍ଲାମେଣ୍ଟରେ ପିଟିଶନ ପାଇଁ ନାଗରିକଙ୍କୁ କ୍ଷମତା ମିଳୁ

### ସୁପ୍ରିମକୋର୍ଟରେ ଆବେଦନ

ନୂଆଦିଲ୍ଲୀ,୨୮।୧(ପି.ଟି.)

ପାର୍ଲାମେଣ୍ଟରେ ପିଟିଶନ ଦାଏର ଲାଗି ନାଗରିକଙ୍କୁ କ୍ଷମତା ମିଳିବା ଆବଶ୍ୟକ। ଏଥିପାଇଁ ଉପଯୁକ୍ତ ବ୍ୟବସ୍ଥା ସୃଷ୍ଟି କରିବା ନିମନ୍ତେ କେନ୍ଦ୍ର ସରକାର ଓ ଅନ୍ୟ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେବା ଲାଗି ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। ଶୁକ୍ରବାର ଜଷ୍ଟିସ କେ.ଏମ୍ ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠରେ ଏହାର ଶୁଣାଣି ହୋଇଥିଲା। ଆବେଦନର ଏକ କପି ସରକାରଙ୍କ ଓକିଲଙ୍କୁ ପ୍ରଦାନ କରିବା ଲାଗି ଖଣ୍ଡପୀଠ ଆବେଦନକାରୀ କରନ ଗର୍ଗଙ୍କୁ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଫେବୃୟାରୀକୁ ଧାର୍ଯ୍ୟ କରିଛନ୍ତି। ପାର୍ଲାମେଣ୍ଟରେ ବିଭିନ୍ନ ପ୍ରସଙ୍ଗ ଉପରେ ବିତର୍କ, ଆଲୋଚନା ନିମନ୍ତେ ଜନସାଧାରଣ ସିଧାସଳଖ ପାର୍ଲାମେଣ୍ଟରେ ଆବେଦନ କରିବା ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୪, ୧୯(୧)(ଏ) ଏବଂ ୨୧ରେ ଏହାକୁ ମୌଳିକ ଅଧିକାର ଘୋଷଣା କରିବାକୁ ପିଟିଶନରେ ନିବେଦନ କରାଯାଇଛି।




ଜୋଷୀମଠ ସହରରେ ବିପଦସଙ୍କୁଳ ହୋଟେଲ ମାଉଣ୍ଟଭିୟୁକୁ ଏସ୍‌ଡିଆର୍‌ଏଫ୍ କର୍ମଚାରୀମାନେ ଭାଙ୍ଗୁଛନ୍ତି।

# ୨୫ ବୁଲା କୁକୁରଙ୍କୁ ପିଟି ମାରିଦେଲେ

ରାଜକୋଟ,୨୮।୧



ଗୁଜରାଟର ଗିର୍-ସୋମନାଥ ଜିଲାର ଏକ ଗ୍ରାମରେ ୨୫ଟି ବୁଲା କୁକୁର ଓ ଛୁଆଙ୍କୁ ପିଟି ମାରିଦେବା ଘଟଣାରେ ପ୍ରାଣୀ ଅଧିକାରୀ କର୍ମୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଭେରାଭାଲ ତାଲୁକ ଅନ୍ତର୍ଗତ ଅଜୋଥା ଗ୍ରାମରେ ଘଟିଥିବା ଏହି ବୀଭତ୍ସ ଘଟଣାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଅମାନୁଷିକ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ପ୍ରାଣୀ କଲ୍ୟାଣ ବୋର୍ଡ ରାଜ୍ୟ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭିଙ୍କ ନିକଟରେ ଦାବି କରିଛି। ଖବର ଅନୁଯାୟୀ ଗ୍ରାମରେ ଗଣବିବାହ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ସ୍ଥାନୀୟ ଲୋକେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଥିଲେ। ଗାଁ ଲୋକମାନେ କୁକୁରଗୁଡ଼ିକୁ ଖୋଜି ଧରିବା ସହ ପିଟି ମାରିଦେଇଥିଲେ। କେତେକ କୁକୁରଙ୍କୁ ଅଖାରେ ଭର୍ତ୍ତି କରି ପିଟାଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ରାଜ୍ୟ ପ୍ରାଣୀ କଲ୍ୟାଣ ବୋର୍ଡ ସଦସ୍ୟ ରାଜେନ୍ଦ୍ର ଶାହା ଜିଲା ଏସ୍‌ପି ଏବଂ ଜିଲାପାଳଙ୍କୁ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଇଣ୍ଟରଭ୍ୟୁ ନେବାବେଳେ ଏଚ୍‌ଆର୍‌ଙ୍କ ଚାକିରି ଚାଲିଗଲା

ୱାଶିଂଟନ୍,୨୮।୧



ଡାନ୍ ଲାନିଗାଲ ର୍‍ୟାନ୍


### ଗୁଗଲ୍‌ରେ ଛଟେଇ ଅଭିଯାନ

ବିଭିନ୍ନ ଆଇଟି କମ୍ପାନୀ ଏବେ କର୍ମଚାରୀମାନଙ୍କୁ ଛଟେଇ କରିବାରେ ଲାଗିଛନ୍ତି। ତେବେ ଏହି ସୂଚୀରୁ ଗୁଗଲ୍ ବାଦ୍ ପଡ଼ିନାହିଁ । କମ୍ପାନୀରୁ ଗୁଗଲ୍ ପାଖାପାଖି ୧୨,୦୦୦ କର୍ମଚାରୀଙ୍କୁ ବାହାର କରିବା ନେଇ ଘୋଷଣା କରିଛି। ଗୁଗଲ୍‌ରେ ଏଚ୍‌ଆର୍ (ହ୍ୟୁମାନ ରିସୋର୍ସେସ୍) ଭାବେ କାର୍ଯ୍ୟ କରୁଥିବା ଡାନ୍ ଲାନିଗାଲ ର୍‍ୟାନ୍‌ଙ୍କୁ କିନ୍ତୁ କମ୍ପାନୀର ଏ ପ୍ରକାର ନିଷ୍ପତ୍ତି ବଡ଼ ଝଟକା ଦେଇଛି। ଡାନ୍ ଫୋନ୍ ଯୋଗେ ଜଣେ ଆବେଦନକାରୀଙ୍କ ଇଣ୍ଟରଭ୍ୟୁ ନେଉଥିବାବେଳେ ହଠାତ୍ ତାଙ୍କ କଲ୍ ସଂଯୋଗ କାଟି ଦିଆଯାଇଥିଲା। ଡାନ୍ କିଛି ବୁଝିପାରିବା ଆଗରୁ ସେ ବ୍ୟବହାର କରୁଥିବ କମ୍ପାନୀର କମ୍ପ୍ୟୁଟର ହଠାତ୍ ଲକ୍ ହୋଇଯାଇଥିଲା। ଡାନଙ୍କ ଇମେଲ୍ ମଧ୍ୟ କମ୍ପାନୀ ପକ୍ଷରୁ ବନ୍ଦ କରି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନ୍ୟୁଜ୍ ଦେଖି ସେ ଜାଣିବାକୁ ପାଇଲେ ଯେ, ତାଙ୍କୁ ଚାକିରିରୁ ବାହାର କରାଯାଇଛି।

ଏ ନେଇ ଡାନ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ମଧ୍ୟ ଶେୟାର କରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି ଯେ, ଗୋଟିଏ ବର୍ଷ ପୂର୍ବେ ସେ ଗୁଗଲ ଜଏନ୍ କରିଥିଲେ। ଗୁଗଲ୍‌ରେ ଚାକିରି କରିବା ତାଙ୍କ ପାଇଁ ସ୍ୱପ୍ନ ଥିଲା, ଯାହା ପୂରା ମଧ୍ୟ ହୋଇଥିଲା। ତେବେ ଗୁଗଲର ଅନ୍ୟ କର୍ମଚାରୀମାନଙ୍କ ସହ କାମ କରିବା ତାଙ୍କ ପାଇଁ ଏକ ବଡ଼ ସୁଯୋଗ ଥିବାବେଳେ କମ୍ପାନୀରେ କାର୍ଯ୍ୟ କରି ସେ ଅନେକ ଜ୍ଞାନ ଆହରଣ କରିଥିବା ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଗୁଗଲ କମ୍ପାନୀରୁ କର୍ମଚାରୀ ଛଟେଇ ନେଇ ସିଇଓ ସୁନ୍ଦର ପିଚାଇ କହିଛନ୍ତି, କମ୍ପାନୀରୁ ୧୨୦୦୦ କର୍ମଚାରୀଙ୍କୁ କାର୍ଯ୍ୟନିବୃତ୍ତ କରିବା ଲାଗି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଆମେରିକା କମ୍ପାନୀରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଏ ନେଇ ଇ-ମେଲ୍ ଜରିଆରେ ଅବଗତ କରିଦିଆଯାଇଛି। ଅନ୍ୟ ଦେଶଗୁଡ଼ିକର ଭିନ୍ନ ନିୟମ ଯୋଗୁ ଏହି ପ୍ରଣାଳୀ ବିଳମ୍ବ ହେଉଥିବା ସୁନ୍ଦର ସୂଚନା ଦେଇଛନ୍ତି।

## ଦିନ ତାପମାତ୍ରା ବଢୁଛି

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟରେ ଏବେ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ଖରାଦିନ ଭଳି ଦିନବେଳା ଅତ୍ୟଧିକ ଗରମ ହେଉଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ। ଏହାପରେ ୨ରୁ ୪ ଡିଗ୍ରୀ ତାପମାତ୍ରା କମିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେବେ ଶନିବାର ମଧ୍ୟ ଅଧିକାଂଶ ସ୍ଥାନର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିଥିଲା। ବୌଦ୍ଧରେ ସର୍ବାଧିକ ୩୪.୫ ଡିଗ୍ରୀ ଥିବାବେଳେ ତାଳଚେରରେ ୩୪.୪, ସୁନ୍ଦରଗଡ଼ ୩୩.୫, ସମ୍ବଲପୁର ୩୩.୧, ଝାରସୁଗୁଡ଼ା ୩୩, ଟିଟିଲାଗଡ଼ ୩୩, ବଲାଙ୍ଗୀର ୩୨.୮, ଭବାନୀପାଟଣା ୩୨.୫, ଅନୁଗୋଳ ୩୨.୧, ଭୁବନେଶ୍ୱର ୩୨, ହୀରାକୁଦ ୩୨.୧, ଫୁଲବାଣୀ ୩୧.୮, ମାଲକାନଗିରି ୩୨.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।




# ଟଣକାସାହି ସଂରକ୍ଷିତ ଜଙ୍ଗଲରେ ନିଆଁ

## ଆୟତ୍ତ କରିବାକୁ ବନବିଭାଗ ନାକେଦମ୍

ଉଦଳା,୨୮।୧ (ଡି.ଏନ.ଏ)

ଶୀତ ନ ସରୁଣୁ ବିଭିନ୍ନ ଜଙ୍ଗଲରେ ଏବେ ନିଆଁ ଲାଗୁଥିବା ଦେଖିବାକୁ ମିଳୁଛି। ୬ ଦିନ ପୂର୍ବେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ତିନିକୋଶିଆ ଜଙ୍ଗଲରେ ନିଆଁ ଲାଗିଥିଲା। ବନବିଭାଗ ଏହାକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଶନିବାର ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ଟଣକାସାହି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ, ଜଙ୍ଗଲରେ ଥିବା ବଡ଼ ବଡ଼ ମୂଲ୍ୟବାନ ଶାଗୁଆନ ଗଛ, ବହୁ ଔଷଧୀୟ ଗୁଳ୍ମ ପୋଡ଼ିଯାଇଛି। ଜଙ୍ଗଲରେ ଶୁଖିଲାପତ୍ର ପଡ଼ିଥିବାରୁ ନିଆଁ ଚାରିଆଡକୁ ବ୍ୟାପିଯାଇଥିଲା। ବନବିଭାଗ ପହଞ୍ଚି ୩ ଘଣ୍ଟା ପରିଶ୍ରମ ପରେ ଆୟତ୍ତ କରିବାରେ ସକ୍ଷମ ହୋଇଛି। ଜଙ୍ଗଲ ଭିତରେ ପୂର୍ବରୁ ପଡ଼ିଥିବା ଶୁଖିଲା ପତ୍ରକୁ ଅଲଗା କରିବାରେ ବନବିଭାଗ ହେଳା କରିଥିବାରୁ ନିଆଁ ଲାଗିଥିବା ପରିବେଶବିତ୍ କହିଛନ୍ତି। ତେବେ ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଆଶଙ୍କା କରାଯାଉଛି। ରେଞ୍ଜର ଅରୁଣ ବେହେରା କହିଛନ୍ତି, ଜଙ୍ଗଲରେ ନିଆଁ ଲଗିଥିବା ଖବର ପାଇ କର୍ମଚାରୀମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟ ପରିଶ୍ରମ ପରେ ନିଆଁକୁ ଆୟତ୍ତକୁ ଆଣିଥିଲେ। ଘଟଣା ଉପରେ ବନ ବିଭାଗ ନଜର ରଖିଥିବା ସେ କହିଥିଲେ।


ଟଣକାସାହି ସଂରକ୍ଷିତ ଜଙ୍ଗଲ ଜଳୁଛି।

# ଘରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

ବରଗଡ଼ ଅଫିସ୍, ୨୮।୧: ଦୁଇ ମାସତଳେ ହତ୍ୟାର ଶିକାର ହୋଇଥିଲେ ଝିଅ। ହତ୍ୟା ଅଭିଯୁକ୍ତ ଏବେ ଜେଲରେ। ଏହି ଘଟଣାକୁ ନେଇ ମାନସିକସ୍ତରରେ ଭାଙ୍ଗିପଡ଼ିଥିବା ମା'ବାପାଙ୍କ ଝୁଲନ୍ତା ମୃତଦେହ ମିଳିଛି ବନ୍ଦ

## ଝିଅ ହତ୍ୟା ଘଟଣା ୨ମାସ ପୂରି ନାହିଁ

ଘରୁ। ବରଗଡ଼ ଜିଲା ଭଟ୍ଲି ଥାନା ଭଡ଼ିଗାଁରେ ଘଟିଥିବା ଏଭଳି ଏକ ସମ୍ବେଦନଶୀଳ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ରଘୁ ଭୁଏ (୫୦) ଏବଂ ତାଙ୍କ ସ୍ତ୍ରୀ ପ୍ରତିଷ୍ଠା ଭୁଏ (୪୫)। ଏକମାତ୍ର ଝିଅ ରଶ୍ମିତାଙ୍କ ହତ୍ୟା ପରେ ଝିଅକୁ ଝୁରିଝୁରି ସମ୍ପୃକ୍ତ ଦମ୍ପତି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ଆଲୋଚନା ହେଉଛି। ଶୁକ୍ରବାର ବିଳମ୍ବିତ ରାତିରେ ରଘୁ ଏବଂ ପ୍ରତିଷ୍ଠାଙ୍କ ମୃତଦେହ ଘରେ ଝୁଲୁଥିବା ଗ୍ରାମବାସୀ ଦେଖିଥିଲେ। ଏ ନେଇ ସେମାନେ ଶନିବାର ସକାଳୁ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ବୋଲି ପୋଲିସ କହିଛି। ଏ ନେଇ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୨ରେ ରଶ୍ମିତାଙ୍କୁ ସେହି ଗ୍ରାମର ଅଜିତ ବରିହା ନାମକ ଜଣେ ଯୁବକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

# ଜୁଡିସିଆଲ ଆର୍କାଇଭ୍ ପ୍ରକଳ୍ପ ଭାରତରେ ଅଦ୍ୱିତୀୟ: ମୁଖ୍ୟମନ୍ତ୍ରୀ

## ହାଇକୋର୍ଟର ୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ

କଟକ ଅଫିସ, ୨୮।୧

ହାଇକୋର୍ଟ କର୍ମଚାରୀଙ୍କ ପାଇଁ ଆବାସିକ କମ୍ପ୍ଲେକ୍ସ ଓ ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍ ବିଲଡିଂର ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ ବିନିତ୍ ସରନ୍ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୁଡିସିଆଲ ଆର୍କାଇଭ୍ ପ୍ରକଳ୍ପ ଭାରତରେ ଅଦ୍ୱିତୀୟ। ଏହା ଏକ ନିଆରା ପଦକ୍ଷେପ। ଏହା କେବଳ ଐତିହ୍ୟକୁ ସଂଗ୍ରହ କରିବ ତା ନୁହେଁ, ବରଂ ଅନୁଷ୍ଠାନର ସାମୂହିକ ସ୍ମୃତି ଏବଂ ଇତିହାସର ମୂକସାକ୍ଷୀ ପାଲଟିବ। ପ୍ରତିଷ୍ଠାନ ଗବେଷଣା ଓ ଇତିହାସକୁ ପରଖିବା ପାଇଁ ଏହା ସୁଯୋଗ ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହାଇକୋର୍ଟ ନ୍ୟାୟିକ ଇତିହାସକୁ ବଞ୍ଚାଇ ରଖିବା ଏବଂ ଏହାକୁ ପ୍ରୋତ୍ସାହିତ କରିବା ଦିଗରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ନ୍ୟାୟିକ ଐତିହ୍ୟ ଉପରେ ସଚେତନତା ବୃଦ୍ଧି ପାଇଁ ଏକାଡେମିକ୍ ଜର୍ନାଲ୍ ପ୍ରକାଶନ ତଥା ରାଜ୍ୟ, ଦେଶର ଅନ୍ୟାନ୍ୟ ଆର୍କାଇଭ୍ ପ୍ରତିଷ୍ଠାନ ସହିତ ଅଭିଲେଖାଗାର ରେକର୍ଡ ବାଣ୍ଟିବାର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ।



ହାଇକୋର୍ଟ କର୍ମଚାରୀଙ୍କ ପାଇଁ ଆବାସିକ କମ୍ପ୍ଲେକ୍ସ ଓ ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍ ବିଲଡିଂର ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ ବିନିତ୍ ସରନ୍, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ଅନ୍ୟମାନେ।

ଏଥିସହ ସେ କର୍ମଚାରୀଙ୍କ ଆବାସିକ କମ୍ପ୍ଲେକ୍ସ ଉପରେ ଖୁସି ବ୍ୟକ୍ତ କରିବା ସହ ପ୍ରକଳ୍ପର ଡିଜାଇନ୍‌କୁ ପ୍ରଶଂସା କରିଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଛନ୍ତି, ହାଇକୋର୍ଟ ପାଇଁ ଏହା ଏକ ଐତିହାସିକ ପଦକ୍ଷେପ। ଏହି ଅବସରରେ ସେ ପୁରୁଣା ରେକର୍ଡଗୁଡ଼ିକର ସଂରକ୍ଷଣ ଏବଂ ଡିଜିଟାଇଜେଶନ୍ ବିଷୟରେ ଚିନ୍ତା କରିବାକୁ ପ୍ରେରଣା ଯୋଗାଇଥିବା ଅନୁଭୂତିକୁ ବଖାଣିଥିଲେ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନକୁ ମୁଖ୍ୟ ବିଚାରପତି ପ୍ରଶଂସା କରିଥିଲେ। ସେହିପରି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିନିତ୍ ସରନ୍ ଯୋଗଦେଇ ଉଭୟ ପ୍ରକଳ୍ପ ପାଇଁ ଖୁସି ବ୍ୟକ୍ତ କରି କହିଥିଲେ ଯେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ କାର୍ଯ୍ୟ କରିବା ସମୟରେ କର୍ମଚାରୀଙ୍କ ପାଇଁ ଆବାସିକ କମ୍ପ୍ଲେକ୍ସ ନିର୍ମାଣ କରିବା ତାଙ୍କର ସ୍ୱପ୍ନ ଥିଲା। ଏବେ ଏଥିପାଇଁ ସେ ମୁରଲୀଧରଙ୍କୁ ପ୍ରଶଂସା କରିଥିଲେ। ନ୍ୟାୟିକ ଅଭିଲେଖାଗାର ଜଷ୍ଟିସ୍ ସରନ୍ କହିଛନ୍ତି, ଓଡ଼ିଶା ବର୍ତ୍ତମାନ ଡିଜିଟାଇଜେଶନ୍ ଏବଂ ଭର୍ଚ୍ଚୁଆଲ୍ କୋର୍ଟ ଶୁଣାଣି କ୍ଷେତ୍ରରେ ଆଗଧାଡ଼ିର ହୋଇପାରିଛି। ଏହି ଦୁଇଟି ପ୍ରକଳ୍ପ ମଧ୍ୟରୁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍ ବିଲଡିଂ ପ୍ରକଳ୍ପ। ଏହି ଜୁଡିସିଆଲ ଆର୍କାଇଭ୍ ବିଲ୍ଡିଂ ବା ସଂଗ୍ରହାଳୟ ପାଇଁ ୩୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଠାରେ ୨୦୦ବର୍ଷର ପୁରୁଣା ବିଭିନ୍ନ ନ୍ୟାୟିକ ଦସ୍ତାବିଜ ସଂଗୃହୀତ ହୋଇ ରହିବ ଓ ଏହା ଉପରେ ଗବେଷଣା କରାଯିବ। ସିଡିଏ ସେକ୍ଟର ୧ରେ ୧.୮୪ ଏକର ଜମି ଉପରେ ଜୁଡିସିଆଲ୍ ଆର୍କାଇଭ୍ ପାଇଁ ଏକ ପୃଥକ କୋଠା ନିର୍ମାଣ କରାଯିବ। ଏହି ବିଲ୍ଡିଂରେ ରେକର୍ଡ, ସଂରକ୍ଷଣ ଲାବୋରେଟୋରି ଲାଇବ୍ରେରି, ଅନୁସନ୍ଧାନ କକ୍ଷ, ଅଭିଲେଖାଗାର, ସମ୍ମିଳନୀ କକ୍ଷ ଏବଂ ପ୍ରଦର୍ଶନୀ କ୍ଷେତ୍ର ପାଇଁ କ୍ୟାଣ୍ଟିନ ରୁମ୍‌ର ବ୍ୟବସ୍ଥା ରହିବ। ନିର୍ମାଣ କାର୍ଯ୍ୟ ୧୫ମାସ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ହାଇକୋର୍ଟଙ୍କ ଅନୁରୋଧ କ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ହାଇକୋର୍ଟର କର୍ମଚାରୀଙ୍କ ପାଇଁ ଏକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ ପାଇଁ ସେକ୍ଟର ୧୩ ଠାରେ ୧୦ ଏକର ଜମିରେ ନିର୍ମାଣ କରାଯିବ। ପ୍ରସ୍ତାବିତ କମ୍ପ୍ଲେକ୍ସରେ ୧୨ଟି ଟାୱାରରେ ୨୦୦ଟି ଡି-ଫ୍ଲାଟ ଏବଂ ୩୫୦ଟି ଇ-ଫ୍ଲାଟ ରହିବ। ଯେଉଁଥିରେ କମ୍ୟୁନିଟି ସେଣ୍ଟର, କ୍ରୀଡ଼ା କେନ୍ଦ୍ର, ବଗିଚା, ଶିଶୁ ଉଦ୍ୟାନ, ଲନ୍ ଇତ୍ୟାଦି ସୁବିଧା ରହିଛି। ୨ ବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ଶେଷରେ ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆର୍‌ଆର୍‌ଡିସି କମିଟିର ସଭାପତି ଜଷ୍ଟିସ ଦେବବ୍ରତ ଦାଶ, ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହି, ଜଷ୍ଟିସ ଏମ୍.ଏସ୍. ସାହୁ, ଜଷ୍ଟିସ୍ ଶଶିକାନ୍ତ ମିଶ୍ର, ଜଷ୍ଟିସ୍ ବିପି ଶତପଥି ଏବଂ ଜଷ୍ଟିସ୍ ଏସ୍‌କେ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡ୍‌ଭୋକେଟ୍ ଜେନେରାଲ୍, ଭାରତର ଡେପୁଟି ସଲିସିଟର ଜେନେରାଲ୍ ଅଶୋକ କୁମାର ପରିଜା, ହାଇକୋର୍ଟ ବାର୍ ଆସୋସିଏଶନର ଅଫିସ୍ ଧାରକ, ପୋଲିସ ମହାନିର୍ଦ୍ଦେଶକ ତଥା ସରକାରୀ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଛୁଟିଦିନରେ ଅସ୍ତ୍ରୋପଚାର ଗୃହ ଖୋଲା ରହିବ

ଭୁବନେଶ୍ୱର, ୨୮।୧(ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ ଡାକ୍ତରଖାନାରେ ଏଣିକି ଛୁଟିଦିନରେ ମଧ୍ୟ ଅସ୍ତ୍ରୋପଚାର ଗୃହ (ଓଟି) ଖୋଲା ରହିବ। ଫଳରେ ଜରୁରିକାଳୀନ ଚିକିତ୍ସା ସେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବହୁ ଗରିବ ପରିବାର ଉପକୃତ ହୋଇପାରିବେ। ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାର ଏବଂ ସମସ୍ତ ରବିବାର ଓଟି ଖୋଲା ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡିଏମ୍‌ଇଟି ଏବଂ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି। ଛୁଟି ଦିନଗୁଡ଼ିକରେ ଓଟି ବନ୍ଦ ରହୁଥିବାରୁ ସରକାରୀ ହସ୍ପିଟାଲ ଉପରେ ନିର୍ଭର କରୁଥିବା ଗରିବ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସେମାନେ ଘରୋଇ ହସ୍ପିଟାଲକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଏଥିସହ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଫଳପ୍ରଦ ହୋଇପାରୁ ନାହିଁ, ଯାହାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିବା ଚିଠିରେ ଉଲ୍ଲେଖ ରହିଛି। ଯେଉଁଠାରେ ଜଣେରୁ ଅଧିକ ବିଶେଷଜ୍ଞ ରହିଛନ୍ତି, ସେଠାରେ ଛୁଟିଦିନଗୁଡ଼ିକରେ ଓଟି ଖୋଲା ରଖିବା ନିମନ୍ତେ ସମସ୍ତ ଜିଲା ଚିକିତ୍ସାଧିକାରୀ ଏବଂ ପିଏଚ୍‌ଓଙ୍କୁ ନିର୍ଦ୍ଦେଶ ଦେବା ପାଇଁ କୁହାଯାଇଛି। ତେବେ ଜରୁରିକାଳୀନ ସ୍ଥିତି ପାଇଁ ପ୍ରତି ଛୁଟିଦିନରେ ଓଟି ଖୋଲା ରହିବ।

# ୩ ମାସରେ ସରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପୁରୀ ଅଫିସ,୨୮।୧

ଶ୍ରୀକ୍ଷେତ୍ରରେ ଚାଲିଥିବା ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜୋରସୋର୍‌ରେ ଚାଲିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଐତିହ୍ୟ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ମୁଖ୍ୟ ଶାସନ ସଚିବ ପୁରୀ ଆସି ପ୍ରଥମେ ସ୍ୱର୍ଗଦ୍ୱାର ଯାଇ ସେଠାରେ କିପରି ଶବଦାହ କରାଯାଉଛି ଦେଖିଥିଲେ। ଶବ ସହ ଆସିଥିବା ପରିଜନ ବର୍ଗଙ୍କ ନିମନ୍ତେ ବ୍ୟବସ୍ଥା, ସେମାନଙ୍କ ପ୍ରତି ବ୍ୟବହାର, ଟୋକନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି କି ନାହିଁ ଏସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ପରେ ସଚିବ ମହାପାତ୍ର ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ ନିକଟକୁ ଯାଇ ସେଠାରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକୁ ୩ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟ ଭିତରେ ଚାଲିଥିବା ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରକଳ୍ପ।

- କାର୍ଯ୍ୟ ଅନୁଧ୍ୟାନ କଲେ ମୁଖ୍ୟ ଶାସନ ସଚିବ
- ସ୍ୱର୍ଗଦ୍ୱାର ଯାଇ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଲେ

ଏହି ଐତିହ୍ୟ ପ୍ରକଳ୍ପକୁ ଚଳିତ ରଥଯାତ୍ରା ପୂର୍ବରୁ ସାରିବା ପାଇଁ ସରକାରଙ୍କ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅନେକ ସମୟରେ ୫-ଟି ସଚିବ, ଜିଲାପାଳଏହି ପ୍ରକଳ୍ପ ନିର୍ମାଣ ଅଗ୍ରଗତିର ସମୀକ୍ଷା କରୁଥିବା ବେଳେ ଶନିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପୁରୀ ଆସି ପ୍ରକଳ୍ପ କାର୍ଯ୍ୟ ଦେଖିଛନ୍ତି। ଏଥିସହ ସହରରେ ଚାଲିଥିବା ଅନ୍ୟ ଉନ୍ନୟନ କାର୍ଯ୍ୟର ସେ ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରଦୀପ ସାହୁ, ଉପଜିଲାପାଳ ଭବତାରଣ ସାହୁ, ଓଡ଼ିଶା ସେତୁ ନିର୍ମାଣ ନିଗମ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀ, ନିର୍ବାହୀ ଯନ୍ତ୍ରୀ ଦେବୀପ୍ରସାଦ ଘୋଷ, ସହାୟକ ଯନ୍ତ୍ରୀ ଦୁର୍ଲ୍ଲଭ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ ନବଜାତକକୁ ଝୁଣି ଖାଇଲା କୁକୁର

କେନ୍ଦୁଝର, ୨୮।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ସମ୍ମୁଖ ଆହାର କେନ୍ଦ୍ର ନିକଟରେ ଶନିବାର ସକାଳେ ଏକ ମୃତ ନବଜାତକକୁ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ଏଭଳି ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମେଡିକାଲ ଆସିଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଏହା ଦେଖିବା ପରେ ଉପସ୍ଥିତ ଥିବା ସିକ୍ୟୁରିଟି ଗାର୍ଡକୁ ଜଣାଇଥିଲେ। ପ୍ରକାଶ ଯେ, ଗତ ଗୁରୁବାର ପାଟଣା ବ୍ଲକ୍ ସରାକେଲା ଗ୍ରାମର ସୁବ୍ରତ ଦେହୁରୀଙ୍କ ସ୍ତ୍ରୀ

## ଜିଲା ମୁଖ୍ୟ ଚିକିତ୍ସାଳୟ

ରଞ୍ଜୁଲତା ନାଏକ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ଅପରେସନ ପରେ ରାତି ପ୍ରାୟ ୧ଟା ୩୦ ମିନିଟ୍‌ରେ ରଞ୍ଜୁଲତାଙ୍କ ଏକ ମୃତ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ମୃତ ନବଜାତକକୁ ଡାକ୍ତରଖାନା ପରିସର ଆହାର କେନ୍ଦ୍ର ନିକଟରେ ରଞ୍ଜୁଲତାଙ୍କ ମା' ଚତୁରୀ ନାଏକ ଶୁକ୍ରବାର ଭୋର ସମୟରେ ପୋତି ଦେଇଥିଲେ। ଶନିବାର ସକାଳେ କୁକୁର ଗାତରୁ ମୃତଦେହକୁ କାଢ଼ି ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ଏପଟେ ରଞ୍ଜୁଲତା ସ୍ତ୍ରୀ ଓ ପ୍ରସୂତି ବିଭାଗର ୫୫ ନଂ. ବେଡ୍‌ରେ ଚିକିତ୍ସିତ ହେଉଛନ୍ତି। ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଘଟଣା ବାରମ୍ବାର ଘଟୁଛି ବୋଲି ଅଭିଯୋଗ ହୋଇଛି। ଏନେଇ ସିଡିଏମ୍‌ଓ ଡ. କେସି ପୃଷ୍ଟି କହିଛନ୍ତି, ଗତ ୨୬ତାରିଖ ରାତିରେ ଏକ ମହିଳାଙ୍କ ମୃତ ଶିଶୁ ଜନ୍ମ ହେବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେମାନେ ଆହାର କେନ୍ଦ୍ର ନିକଟରେ ମୃତ ଶିଶୁକୁ ଫିଙ୍ଗି ଦେଇଥିବା ତାଙ୍କ ପରିବାର ଲୋକେ ସ୍ୱୀକାର କରିଛନ୍ତି। ଏନେଇ ଉପଯୁକ୍ତ ପଦକ୍ଷେପ ନିଆଯିବ।

# ଅଟୋ-ପିକ୍‌ଅପ୍ ମୁହାଁମୁହିଁ, ୪ ମୃତ

## ଉକୁଟାବେଡ଼ା ଛକରେ ମର୍ମନ୍ତୁଦ ଦୁର୍ଘଟଣା

- ୪ ଗୁରୁତର, ୨ କଟକ ସ୍ଥାନାନ୍ତର
- ନରଣପୁର-ଡୁବୁରୀ ରାସ୍ତା ଅବରୋଧ


ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

କେନ୍ଦୁଝର, ୨୮।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ନରଣପୁର-ଡୁବୁରୀ ରାସ୍ତାର ଉକୁଟାବେଡ଼ା ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଶନିବାର ପୂର୍ବାହ୍ନ ୯ଟାରେ ଏକ ଅଟୋ ସହ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହେବାରୁ ୪ଜଣଙ୍କ ମୃତ୍ୟୁ ହୋଇଛି। ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କୁ ମେଡିକାଲ ନେବା ବାଟରେ ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ବଡ଼କମଣ୍ଡରା ଗ୍ରାମର ଜୀବନ ନାଏକ, ନବୀନ ନାଏକ, ରାଧୁ ନାଏକ ଓ ପ୍ରହ୍ଲାଦ ନାଏକ।

ସୂଚନା ଅନୁଯାୟୀ, ହରିଚନ୍ଦନପୁର ବ୍ଲକ ତେନ୍ତଲାପଶି ପଞ୍ଚାୟତ ବଡ଼କମଣ୍ଡରା ଗ୍ରାମର ୬ ଓ ଧନୁର୍ଜୟପୁରର ଜଣେ ସୋଲା ଚାଷୀ କେନ୍ଦୁଝର ମାର୍କେଟରେ କଞ୍ଚା ସୋଲା ବିକ୍ରି କରି ଅଟୋରେ ଫେରୁଥିଲେ। ଉକୁଟାବେଡ଼ା ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଅଟୋ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଯାତ୍ରୀମାନେ ରାସ୍ତାରେ ଛିଟିକି ପଡ଼ିଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ୪ଜଣଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆହତମାନେ ହେଲେ ଧନୁର୍ଜୟପୁର ଗ୍ରାମର ରିତୁନ ନାଏକ, ବଡକମଣ୍ଡରାର ଚତୁର୍ଭୂଜ ନାଏକ, ଭାସ୍କର ସେଠୀ, ସନାତନ ନାଏକ। ଭାସ୍କର ଓ ସନାତନଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଏବଂ ଆହତମାନଙ୍କୁ କ୍ଷତିପୂରଣ ଏବଂ ଉନ୍ନତ ଚିକିତ୍ସା ଦାବିରେ ସ୍ଥାନୀୟ ଲୋକେ ନରଣପୁର-ଡୁବୁରୀ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ମାଜିଷ୍ଟ୍ରେଟ୍ ଡ୍ୟୁଟିରେ ଥିବା ସଦର ତହସିଲଦାର ଆଶିଷ ମହାପାତ୍ର, ସଦର ଏସ୍‌ଡିପିଓ ମହେନ୍ଦ୍ର ହେମ୍ବ୍ରମ, ପଣ୍ଡାପଡ଼ା ଥାନା ଅଧିକାରିଣୀ ସୁଷମା ଦେବତା ରାସ୍ତାରୋକୋ କରିଥିବା ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାର ସଦସ୍ୟଙ୍କୁ ରେଡ୍‌କ୍ରସ୍‌ରୁ ୨୦ହଜାର ଟଙ୍କା ସହାୟତା ଏବଂ ଆହତଙ୍କୁ ଚିକିତ୍ସା ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ ଟାରେ ରାସ୍ତାରୋକୋ ହଟିଥିଲା।

# ଗଞ୍ଜାମ, ରାୟଗଡ଼ାରେ ଗଲା ୩ ଜୀବନ

ଭଞ୍ଜନଗର(ଡି.ଏନ.ଏ)/
ରାୟଗଡ଼ା(ସ୍ୱ.ପ୍ର.), ୨୮।୧

ଗଞ୍ଜାମ ଏବଂ ରାୟଗଡ଼ା ଜିଲାର ପୃଥକ୍ ସ୍ଥାନରେ ଶନିବାର ସଡ଼କ ଦୁର୍ଘଟଣା ଘଟି ୩ ଜୀବନ ଯାଇଛି। ଅନ୍ୟ ୫ଜଣ ଗୁରୁତର ହୋଇଛନ୍ତି।

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଗୋଲାପଡ଼ାର ଧାନ ବ୍ୟବସାୟୀ ଭୋଳା ପ୍ରଧାନ ଏବଂ ତାଙ୍କ ବନ୍ଧୁ କଣ୍ଟାଡୋରର ଲୋକନାଥ ସ୍ୱାଇଁ କୌଣସି କାର୍ଯ୍ୟରେ ବାଇକ୍‌ରେ ଭଞ୍ଜନଗର ଆସି ସନ୍ଧ୍ୟା ସାଢ଼େ ୭ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ବାଉଁଶଲୁଣ୍ଠିର ଚନ୍ଦନ ନାୟକ, ଅବିନାଶ ପ୍ରଧାନ, କ୍ଷେତ୍ରାନନ୍ଦ ସାହୁଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଠିକ୍ ଏତିକିବେଳେ ଭଞ୍ଜନଗରରୁ ଦଶପଲ୍ଲା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ ଭୋଳା ଏବଂ ଲୋକନାଥଙ୍କୁ ବାଇକ୍ ସହ ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ

- ୨ ବାଇକ୍ ଆରୋହୀଙ୍କୁ ଘୋଷାଡ଼ି ନେଲା ଟ୍ରକ୍
- ଟ୍ରକ୍ ଧକ୍କାରେ ଓଲଟିଲା ଅଟୋରିକ୍ସା, ମହିଳା ମୃତ

ମୃତ୍ୟୁ ହୋଇଥିଲା। ଲୋକନାଥଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଫେରାର୍ ହୋଇଯାଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁତର ୩ ଯୁବକଙ୍କୁ ପ୍ରଥମେ ଭଞ୍ଜନଗର ମେଡିକାଲ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସେହିପରି ରାୟଗଡ଼ା ସଦର ବ୍ଲକ ଅନ୍ତର୍ଗତ ତଳ ସାଙ୍କେଶ ନିକଟରେ ଟ୍ରକ୍ ଧକ୍କାରେ ଅଟୋରିକ୍ସା ଓଲଟି ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁଳସୀ ମିଣିଆକା (୨୨)। ବୁଚି ସାରକା (୨୨) ଏବଂ ରାଇମତି କୁଲେଶିକା (୨୩) ଗୁରୁତର ହୋଇଛନ୍ତି। ଗୁମ୍ମା ପଞ୍ଚାୟତ କିଆପାଡୁ ଏବଂ ହାଲୁଆ


ଦୁର୍ଘଟଣାଗ୍ରସ୍ତ ଅଟୋରିକ୍ସା।

ପଞ୍ଚାୟତ ଗୌଡ଼ ବୁଡ଼ାଗୁଡ଼ା ଗ୍ରାମର ୧୫ ଜଣ ଅଟୋରିକ୍ସାରେ ରାୟଗଡ଼ା ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇ ଏହି ଦୁର୍ଘଟଣା ଘଟିଥିଲା। ରାୟଗଡ଼ା ଏସ୍‌ଡିପିଓ ଦେବଜ୍ୟୋତି ଦାସ, ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ପହଞ୍ଚି ମୃତାହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଟ୍ରକ୍ ଚାଳକ ଫେରାର ଥିବାବେଳେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

**ଆଜିର ମନ୍ତବ୍ୟ**

"ଭାରତ ଯୋଡ଼ୋ ଯାତ୍ରା ଶେଷରେ ଆସନ୍ତା ୩୦ ତାରିଖରେ କଶ୍ମୀରରେ ହେବାକୁ ଥିବା କଂଗ୍ରେସ ରାଲି ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ଲାଟ୍‌ଫର୍ମ ନିର୍ମାଣ କିମ୍ବା ମେଣ୍ଟ ଗଠନ ଉଦ୍ୟମ ନୁହେଁ।

– ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ସଖା ପାଖରେ ସେ ସଖା ରହେ**
**ଆଖିରୁ ଲୁହ ଝର ଝର ବହେ ।**

ଯେ ଦୁଃଖ କ'ଣ କଷ୍ଟ କ'ଣ ଜାଣିଥାଏ ବା ଭୋଗିଥାଏ ସେ ହିଁ ଅନ୍ୟର ଦୁଃଖ କଷ୍ଟକୁ ବେଶ୍ ଭଲ ଭାବେ ହୃଦୟଙ୍ଗମ କରିପାରିଥାଏ। ସେହିପରି ପ୍ରକୃତ ବନ୍ଧୁ ହିଁ ବିପଦରେ ପଡିଥିବା ବନ୍ଧୁଙ୍କୁ ସାହାଯ୍ୟ ସମର୍ଥନ ଯୋଗାଇଦେବା ସହ ସମବେଦନା ଜଣାଇଥାଏ। ସମଦରଦୀ ବ୍ୟକ୍ତି ଅନ୍ୟର ଦୁଃଖଦୁର୍ଦ୍ଦଶା ଦେଖି ବ୍ୟଥିତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓର ଉଣ୍ଡି ଦେ' ଚଡ୍ଡୁ**
**ଏକା ଚିଆଁକେ ନଟୁ ଛିଡ୍ଡୁ ।**

ଚଡ୍ଡୁ ବା ଠୋକର ଦେଲେ ଚେତା ପଶେ। ସୁଯୋଗ ଉଣ୍ଡି ବ୍ୟକ୍ତିର ଦୋଷ ଦେଖି ଦଣ୍ଡ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## ପରଲୋକରେ ସାହିତ୍ୟିକ...

ପ୍ରଥମ ପୃଷ୍ଠାରୁ...

ମଜଭୁତ କରିବାରେ ହୁସେନଙ୍କ ଯୋଗଦାନ ସବୁବେଳେ ମନେରହିବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ହୁସେନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷରେ ବହୁ ବିଶିଷ୍ଟ ବ୍ୟକ୍ତି କଟକସ୍ଥିତ ପିଏମ୍ ଏକାଡେମୀ ସମ୍ମୁଖରେ ଥିବା ହୁସେନଙ୍କ ବାସଭବନକୁ ଯାଇ ତାଙ୍କ ଶେଷ ଦର୍ଶନ କରିଛନ୍ତି।

୨୩ ଏପ୍ରିଲ ୧୯୪୮ରେ ଯାଜପୁର ଜିଲା କୋରେଇ ନିକଟବର୍ତ୍ତୀ ହଳଦିଗଡ଼ିଆ ଗ୍ରାମରେ ଏକ ଶାସକ ପରିବାରରେ ହୁସେନ ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ମହମ୍ମଦ ମୋଜାମିଲ ହୁସେନଙ୍କ ପୁଅ ଏବଂ ତାରାକୋଟେ ରାଜ୍ୟର ଶେଷ ଶାସକ ଚୌଧୁରୀ ମହମ୍ମଦ ଦାବିରୁଦ୍ଦିନଙ୍କ ନାତି। ହୁସେନ କଟକର ସ୍ୱାଧୀନତା ସଂଗ୍ରାମୀ ସୟିଦ ମହମ୍ମଦଙ୍କ ନାତୁଣୀ ତବସୁମ୍ ଅମିନ ସୁଲତାନାଙ୍କୁ ବିବାହ କରିଥିଲେ। ତାଙ୍କ ଜୀବନକାଳରେ ସେ ସମ୍ବଲପୁରରେ କିଛି ବର୍ଷ ରହିଥିଲେ। ହିନ୍ଦୁଧର୍ମର ପୁରାଣ-ଶାସ୍ତ୍ର ଉପରେ ତାଙ୍କ ଗଭୀର ଜ୍ଞାନ ଥିଲା। ବିଭିନ୍ନ ସଭାସମିତିରେ ଭାଷଣ ଦେଲାବେଳେ ଗୀତା, ଭାଗବତ ଏବଂ ରାମାୟଣର ଉଦାହରଣ ଦେଇ ଶ୍ରୋତାଙ୍କୁ ମୁଗ୍ଧ କରିଦେଉଥିଲେ। ହୁସେନ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଭାବେ ୨୦୦୫ରୁ ୨୦୦୮ ଯାଏ ଏବଂ ସଭାପତି ଭାବେ ୨୦୦୮ରୁ ୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଛନ୍ତି। ସେ ୧୩ଟି ପୁସ୍ତକ ରଚନା କରିଛନ୍ତି। ମୁକ୍ତ ପୂର୍ବାଶା, ସିଂହାସନ ଭାଙ୍ଗିବାର କାର୍ଯ୍ୟକ୍ରମ, ନିୟତି ରାତିର ସ୍ୱପ୍ନ, ବିଂଶରୁ ଏକବିଂଶ, ଶବ୍ଦ ବ୍ରହ୍ମ, ଲୋକଗୀତ, କର୍ଣ୍ଣ, ନିଜକୁ ଖୋଜୁଥିବା ବେଳେ, ହଜି ଯାଇଥିବା ମଣିଷ, ପୁନଶ୍ଚ ସାଲବେଗ ଆଦି କାବ୍ୟ ସହ ଆଜିର ଗଳ୍ପ ଏବଂ ଗଳ୍ପସଂହାର ରଚନା କରିଛନ୍ତି। ୧୯୯୩ରେ ତାଙ୍କୁ ପୂର୍ବତନ ରାଷ୍ଟ୍ରପତି ଜ୍ଞାନୀ ଜଏଲ୍ ସିଂଙ୍କ ଦ୍ୱାରା ଇଣ୍ଡିଆ ହାରମୋନି ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହାସହ ୧୯୯୪ରେ କଟକ ମେୟରଙ୍କ ଦ୍ୱାରା ତାଙ୍କୁ ବିପ୍ଳବ ଲୋକ କବିର ଆଖ୍ୟା ପ୍ରଦାନ କରାଯାଇଥିଲା। ୧୯୯୬ରେ ସ୍ୱାଧୀନତା ସଂଗ୍ରାମୀ ସଙ୍ଗଠନ ପକ୍ଷରୁ ଓଡ଼ିଶାର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ତାଙ୍କୁ ଉତ୍କଳ ଜ୍ୟୋତି ଆଖ୍ୟା ପ୍ରଦାନ କରିଥିଲେ। ଏହାପରେ ୨୦୧୫ରେ ସେ ଗଙ୍ଗାଧର ମେହେର କବିତା ଆୱାର୍ଡରେ ସମ୍ମାନିତ ହୋଇଥିଲେ।

ହୁସେନ ରବି ଗାନ୍ଧୀଙ୍କ ରାଜନୈତିକ ଜୀବନ ଯୌବନକାଳରୁ ଆରମ୍ଭ ହୋଇଥିଲା। ସେ ଗଙ୍ଗାଧର ମେହେର କଲେଜରେ ଛାତ୍ର ସଂସଦ ସଭାପତିଭାବରେ ନିର୍ବାଚିତ ହୋଇଥିଲେ। ସମ୍ବଲପୁରର ଏଲ.ଆର୍. ଆଇନ କଲେଜରେ ଛାତ୍ର ସଂସଦ ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ୧୯୬୯ରେ ଓଡ଼ିଶାରେ ଐତିହାସିକ ଛାତ୍ର ଧର୍ମଘଟ ସମୟରେ ହୁସେନଙ୍କୁ ପଶ୍ଚିମ ଓଡ଼ିଶା ଛାତ୍ର କାର୍ଯ୍ୟ କମିଟିର ସଭାପତି ଭାବେ ନିଯୁକ୍ତ କରାଯାଇଥିଲା। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ କେବେ କୁଣ୍ଠାବୋଧ କରିନାହାନ୍ତି। ସମଗ୍ର ଓଡ଼ିଶାରେ ବିଭିନ୍ନ ଧର୍ମଘଟ କରିବା ସହ ସେ ଅନେକଥର କାରାଗାରରେ ମଧ୍ୟ ଥିଲେ। ଛାତ୍ରମାନଙ୍କୁ ଏକତ୍ର କରିବା ପାଇଁ ହୁସେନ କବିତା ଲେଖିଥିଲେ, ଯେଉଁଥିପାଇଁ ତାଙ୍କୁ 'ରବି' ଏବଂ 'ଗାନ୍ଧୀ' ଆଖ୍ୟା ମିଳିଥିଲା।

୧୯୮୫ରେ ସେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଗଠିତ ଜାଗ୍ରତ ଓଡ଼ିଶା ପାର୍ଟି ତରଫରୁ କୋରେଇ ନିର୍ବାଚନମଣ୍ଡଳୀରୁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୧୯୮୭ରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ଜନମୋର୍ଚ୍ଚା ପ୍ରତିଷ୍ଠା କରିଥିଲେ, ସେଥିରେ ହୁସେନ ଓଡ଼ିଶାର ଆଞ୍ଚଳିକ ଯୁବ ଶାଖା ସଭାପତି ଭାବେ କାର୍ଯ୍ୟ କରିଥିଲେ। ବିଜୁ ପଟ୍ଟନାୟକଙ୍କ ପ୍ରଭାବରେ ହୁସେନ୍ ୧୯୮୮ରେ ଜନତା ଦଳରେ ଯୋଗଦେଇଥିଲେ। ୨୦୦୫ ପର୍ଯ୍ୟନ୍ତ ସେ ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିଲେ। ୧୯୮୯ ସାଧାରଣ ନିର୍ବାଚନରେ ସେ ଜନତା ଦଳର ପ୍ରଚାର କମିଟି ଉପାଧ୍ୟକ୍ଷ ହୋଇଥିଲେ। ୧୯୯୦ରେ ବିଧାନସଭା ନିର୍ବାଚନରେ ଦଳର ବୃହତ୍ ବିଜୟ ପରେ ବିଜୁବାବୁଙ୍କ ଦ୍ୱାରା ହୁସେନ ଓଡ଼ିଶା ରାଜ୍ୟ ଚମଡ଼ା ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ। ଜାନୁୟାରୀ ୧୯୯୮ରେ ସେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଥିଲେ। ଦେବଗଡ଼ ଓ ସମ୍ବଲପୁରରେ ନିର୍ବାଚନରେ ସେ ଦଳର ପର୍ଯ୍ୟବେକ୍ଷକ ଭାବରେ କାର୍ଯ୍ୟ କରିଥିଲେ। କୋରେଇ ମଣ୍ଡଳ ସାହିତ୍ୟ ସଂସଦର ଉପଦେଷ୍ଟା ଭାବେ ସେ ବିଗତ ୪୦ବର୍ଷ ଧରି ଜଡ଼ିତ ଥିଲେ। ଏଥିସହ ସେ କଟକ ମୌଲାନା ଆଜାଦ ବହୁମୁଖୀ ମହାବିଦ୍ୟାଳୟର ସହ-ପ୍ରତିଷ୍ଠାତା ସଚିବ ମଧ୍ୟ ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପ ସଭାପତି ଡ. ସଂଗ୍ରାମ ଜେନା, ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସଚିବ ପ୍ରବୋଧ କୁମାର ରାଉତ ଏବଂ ଏକାଡେମୀର ଅନ୍ୟାନ୍ୟ ସଦସ୍ୟ ହୁସେନଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଆଜି ଟାଇଟଲ...

ପୁଲ୍ ପର୍ଯ୍ୟାୟରେ ଉଭୟ ଦଳ ୩ ମ୍ୟାଚରୁ ୭ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ବେଲ୍‌ଜିୟମ ପ୍ରଥମ ଏବଂ ଜର୍ମାନୀ ଦ୍ୱିତୀୟ ସ୍ଥାନରେ ରହିଥିଲା। ସଂଯୋଗବଶତଃ ଏହି ଦୁଇ ଦଳ ମଧ୍ୟରେ ପୁଣିଥରେ ଫାଇନାଲରେ ମୁକାବିଲା ହେବାକୁ ଯାଉଛି।

### ବିରଳ କ୍ଲବରେ ସାମିଲ ହେବାର ସୁଯୋଗ

ବିଶ୍ୱକପ୍ ଇତିହାସରେ କେବଳ ୩ଟି ଦଳ ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଏହି ୩ ଦଳ ହେଲେ ପାକିସ୍ତାନ, ଅଷ୍ଟ୍ରେଲିଆ ଓ ଜର୍ମାନୀ। ଏହି ବିରଳ କ୍ଲବରେ ସାମିଲ ହେବା ପାଇଁ ବେଲ୍‌ଜିୟମ ନିକଟରେ ସୁଯୋଗ ରହିଛି। ପାକିସ୍ତାନ ୧୯୭୮ ଓ ୧୯୮୨, ଜର୍ମାନୀ ୨୦୦୨ ଓ ୨୦୦୬ ଏବଂ ଅଷ୍ଟ୍ରେଲିଆ ୨୦୧୦ ଓ ୨୦୧୪ରେ ଚାମ୍ପିୟନ ହୋଇଥିଲା। ବେଲ୍‌ଜିୟମ ୨୦୧୮ରେ ଚାମ୍ପିୟନ ହୋଇଥିବାରୁ ସମାନ ପରିବେଶରେ ଟାଇଟଲ ବଜାୟ ରଖିବା ପାଇଁ ବଡ଼ ସୁଯୋଗ ରହିଛି। ବେଲ୍‌ଜିୟମ ଦଳର ୧୧ ଖେଳାଳି ୩୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୩ ଜଣ ୩୫ ବର୍ଷରୁ ଊର୍ଦ୍ଧ୍ୱ। ଏହି ଖେଳାଳିମାନେ ୨୦୧୮ ହକି ବିଶ୍ୱକପ୍ ଏବଂ ଟୋକିଓ ଅଲିମ୍ପିକ୍ସ ଖେଳି ଦଳକୁ ଚାମ୍ପିୟନ କରାଇଛନ୍ତି। ବେଲ୍‌ଜିୟମ ହକିରେ ସୁବର୍ଣ୍ଣ ଯୁଗର ଏହି ଖେଳାଳିମାନେ ବୟସ ତୁଳନାରେ ଅଧିକ ଫିଟ୍ ବୋଲି ପ୍ରମାଣିତ କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଏହି ଦଳ ଏ ପର୍ଯ୍ୟନ୍ତ ଚମତ୍କାର ଖେଳି ଆସିଛି। ଦଳର ବଡ଼ ଦୁର୍ବଳତା ଖୋଜି ପାଇବା କଷ୍ଟକର। ଆକ୍ରମଣ ବିଭାଗ ହେଉ କି ରକ୍ଷଣଭାଗ ସବୁଥିରେ ଦଳ ଦୃଢ଼ ରହିଛି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗୋଲକିପର ଭିନ୍‌ସେଣ୍ଟ ଭାନାଶ୍ଚ ମଧ୍ୟ ଉପଲବ୍ଧ ଅଛନ୍ତି। ବେଲ୍‌ଜିୟମ ଏ ପର୍ଯ୍ୟନ୍ତ ୫ ମ୍ୟାଚରେ ୧୮ଟି ଗୋଲ ସ୍କୋର କରିସାରିଥିବା ବେଳେ କେବଳ ୫ଟି ବରଣ କରିଛି। ଟମ୍ ବୁନ୍ ଏକାକୀ ୭ଟି ଗୋଲ ଦେଇସାରିଛନ୍ତି। ତେବେ ଜର୍ମାନୀ ଦଳର ନମନୀୟତା ସଂସ୍କୃତିକୁ ନେଇ ବେଲ୍‌ଜିୟମର ଚିନ୍ତା। କାରଣ ଗତ ୨ଟି ନକ୍‌ଆଉଟ ମ୍ୟାଚରେ ଜର୍ମାନୀ ୦-୨ରେ ପଛୁଆ ରହିବା ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟ ସ୍ୱାଦ ଚାଖିଛି। ପୂର୍ବରୁ ଆର୍ଜେଣ୍ଟିନା ପକ୍ଷରୁ ଖେଳି ଅନେକ ରେକର୍ଡର ଅଧିକାରୀ ହୋଇଥିବା ଡ୍ରାଗ୍ ଫ୍ଲିକର ଗୋଞ୍ଜାଲୋ ପିଲାଟ ଏବେ ଜର୍ମାନୀର ମୁଖ୍ୟ ଖେଳାଳି। ତାଙ୍କ ଉପରେ ନିଶ୍ଚିତ ବେଲ୍‌ଜିୟମ ଦଳର ନଜର ରହିବ।

# ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍‌କୁ ନୋବେଲ ବିଜେତାଙ୍କ ପ୍ରଶଂସା

## ଟ୍ୟାପ୍‌ରୁ ପାଣି ପିଇଲେ, ଜଳସାଥୀଙ୍କ ସହ ଆଲୋଚନା କଲେ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍'କୁ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ୨୦୧୯ ନୋବେଲ ବିଜେତା ମାଇକେଲ କ୍ରେମର ପ୍ରଶଂସା କରିଛନ୍ତି। ଓଡ଼ିଶାର ଏହି ଯୋଜନାରେ ଲୋକମାନଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାଣି ଯୋଗାଇ ଦିଆଯାଉଛି। ଏହି ସେବା ଯୋଗାଣ ପରେ ସରକାର ଓ ସାଧାରଣ ଲୋକମାନେ କି ପ୍ରକାର ସୁବିଧା ପାଉଛନ୍ତି ଏବଂ ସେମାନଙ୍କ ଆର୍ଥିକ ସ୍ଥିତି ଆଦି ବିଭିନ୍ନ ଦିଗ ଉପରେ ଅଧ୍ୟୟନ କରାଯାଉଛି। ଏହି କ୍ରମରେ କ୍ରେମର ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ଯାଇ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ତଥ୍ୟ ସଂଗ୍ରହ କରିବା ସହ ଏଥିରେ ଉପକୃତ ହେଉଥିବା ହିତାଧିକାରୀ ଓ ଜଳସାଥୀଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ କ୍ରେମର ଓ ତାଙ୍କ ଟିମ୍ ରାଜ୍ୟ ସରକାରଙ୍କ ଏହି ୨୪ ଘଣ୍ଟିଆ ବିଶୁଦ୍ଧ ଜଳ ଯୋଗାଣ ବ୍ୟବସ୍ଥାକୁ ପ୍ରଶଂସା କରିବା ସହ ଏହାଦ୍ୱାରା ସହରାଞ୍ଚଳର ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ଲୋକମାନେ ପାଣି ପାଇପାରୁଛନ୍ତି ବୋଲି କହିଛନ୍ତି। ଏହି ଅବସରରେ କ୍ରେମର ଟ୍ୟାପ୍‌ରୁ ପାଣି ମଧ୍ୟ ପିଇଥିଲେ। ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ପରିଦର୍ଶନ ପରେ କ୍ରେମର ଓ ତାଙ୍କ ଟିମ୍ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାଥନନଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ପୁରୀ ଓ ଗୋପାଳପୁର ସହରରେ ଶତ ପ୍ରତିଶତ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇସାରିଛି। ସେହିପରି ଗତ ଡିସେମ୍ବର ମାସରେ ଆଉ ୩ଟି ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାରେ କାର୍ଯ୍ୟ ଆରମ୍ଭ କରାଯାଇଛି। ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ୧୧୫ଟି ସହରାଞ୍ଚଳରୁ ୮୫ଟିରେ ଶତପ୍ରତିଶତ ପାଇପ ଜଳ ଯୋଗାଣର ବ୍ୟବସ୍ଥା କରିସାରି ବାକି ୨୦ଟି ସହରରେ ଡିସେମ୍ବର ୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ରାଜ୍ୟ ନଗର ଉନ୍ନୟନ ବିଭାଗ ଲକ୍ଷ୍ୟ ରଖିଛି ବୋଲି ସଚିବ କହିଛନ୍ତି।

# 'ଯାହା ଆପଣଙ୍କ ସହିତ ଅଛି, ତାହା ସାହିତ୍ୟ'



## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ସାହିତ୍ୟ କେବେ ଲିଟରେଚର ନୁହେଁ। ସାହିତ୍ୟର ପରିଭାଷିକ ଶବ୍ଦ ଲିଟରେଚର ହୋଇପାରିବ ନାହିଁ। ସମାଜର ହିତ ସାଧନ ସାହିତ୍ୟ ନୁହେଁ। ଯାହା ଆପଣଙ୍କ ସହିତ ଅଛି ତାହା ହିଁ ସାହିତ୍ୟ ବୋଲି ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଶନିବାର ସୂଚନା ଭବନଠାରେ ଆୟୋଜିତ ଭୁବନେଶ୍ୱର ସାହିତ୍ୟ ପର୍ବର ଦ୍ୱିତୀୟ ସଂସ୍କରଣକୁ ଉଦ୍‌ଘାଟନ କରି ସେ କହିଲେ, ସାହିତ୍ୟର ୩ଟି ସୂତ୍ର ରହିଛି। ଗୁଣ, ରଚନା ଓ ଗତି କରିବା। ଯେଉଁଠି ଅବବୋଧ, ଅଭିବ୍ୟକ୍ତି ଓ ଅନୁମାନ ରହିଛି, ସେଇଠି ସାହିତ୍ୟ ଅଛି। ସାହିତ୍ୟ ସବୁବେଳେ ଐନ୍ଦ୍ରିୟ ହେବାକୁ ବାଧ୍ୟ। ଭାଷା ତ ସବୁ ବିଷୟରେ ବ୍ୟବହାର ହୁଏ, କିନ୍ତୁ ସାହିତ୍ୟରେ ବ୍ୟବହାର ପାଇଁ ଏହା ଐନ୍ଦ୍ରିୟ ହେବା ଆବଶ୍ୟକ। ବର୍ତ୍ତମାନ ଐନ୍ଦ୍ରିୟତା ଲୋପ ପାଇବାରେ ଲାଗିଛି। ଜ୍ଞାନର ଏକମାତ୍ର କ୍ଷେତ୍ର ହେଉଛି ସାହିତ୍ୟ। ନିଜକୁ ଅସ୍ୱୀକାର କରିବାର ଅଭିବ୍ୟକ୍ତି ସାହିତ୍ୟରେ ରହିଛି ବୋଲି ସେ କହିଥିଲେ।

ଅତିଥି ଭାବେ ସିନେ ନିର୍ଦ୍ଦେଶକ ତଥା ପ୍ରଯୋଜକ ସବ୍ୟସାଚୀ ମହାପାତ୍ର କହିଲେ, ଚଳଚ୍ଚିତ୍ର ପ୍ରଯୋଜକଙ୍କୁ ସାହିତ୍ୟିକମାନେ ଗ୍ରହଣ କରିପାରନ୍ତି ନାହିଁ। ସାହିତ୍ୟ ଏବଂ ଓଡ଼ିଆତ୍ୱ ଥିବା ଚଳଚ୍ଚିତ୍ର କାଲି ବି ଗୌରବ ଆଣି ଦେଇଥିଲା, ଆଉ ଆଜି ବି। ଓଡ଼ିଆ ଭାଷାର ବିଲୋପ ନାହିଁ। ଚଳଚ୍ଚିତ୍ର ସାହିତ୍ୟର ଗୋଟେ ବିବିଧ ବିଚିତ୍ର। ମାଘ ସପ୍ତମୀରେ ମାଘ ମେଳା, ଖଣ୍ଡଗିରି ମେଳା ହେଉଛି। ଆଉ ଏଇଠି ସାହିତ୍ୟର ମହାନ ମେଳା ଚାଲୁଛି। କିନ୍ତୁ ବର୍ତ୍ତମାନ ସମୟରେ ପାଠକ ସଂଖ୍ୟା କମିଛି। ତେଣୁ ପ୍ରଯୁକ୍ତିବିଦ୍ୟା ସହ ସାହିତ୍ୟକୁ ଆଗକୁ ନେବାକୁ ହେବ। ଏଥିପାଇଁ ଅଡିଓ ଭିଜୁଆଲ ମାଧ୍ୟମରେ କୌଣସି ବ୍ୟବସ୍ଥା ହେଲେ ଭଲ ହୁଅନ୍ତା ବୋଲି ସେ ମତ ଦେଇଥିଲେ। ଅନ୍ୟତମ ଅତିଥି କବି ଅପର୍ଣ୍ଣା ମହାନ୍ତି କହିଲେ, ସମାଜ ହେଉଛି ରାଜକର୍ମ ଓ ସାହିତ୍ୟ ଋଷିକର୍ମ। ସମାଜ ସତ୍ ସାହିତ୍ୟକୁ ଶୁଭ ଦୃଷ୍ଟିରେ ଦେଖି ପାରେନି। ସତ୍ ସାହିତ୍ୟ ଯିଏ ଲେଖେ ସେ ଜାଣେ ଯେ ସେ ଏକ ଅମରତ୍ୱ ଭିତରେ ପ୍ରବେଶ କରୁଛି। ସମାଜ ଗୋଷ୍ଠୀର । ସାହିତ୍ୟ ବ୍ୟକ୍ତିର। ସାହିତ୍ୟ ସମାଜ ଭିତରେ ରୁହେ। କିନ୍ତୁ ତାର ନିଜସ୍ୱ ଚେତନା ରହିଥାଏ। ସାହିତ୍ୟର ଚରିତ୍ର ସାମାଜିକ ନୁହେଁ। ଅସମାଜିକ ମଧ୍ୟ ନୁହେଁ। କିନ୍ତୁ ସମାଜରୁ ଉତୀର୍ଣ୍ଣ ଏକ ସତ୍ତା ହେଉଛି ସାହିତ୍ୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ପ୍ରଥମ ମୁକ୍ତ ଅଧିବେଶନକୁ କବି ରକ୍ଷକ ନାୟକ ପରିଚାଳନା କରିଥିଲେ। ଟ୍ରଷ୍ଟର ନିର୍ଦ୍ଦେଶକ ଅଶୋକ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ମାନି ଦାଶ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରସଙ୍ଗକୁ ନେଇ ୫ଟି ଅଧିବେଶନ ହୋଇଥିବାବେଳେ ରବିବାର ଏହା ଉଦ୍‌ଯାପିତ ହେବ।




ମାଘସପ୍ତମୀ ଅବସରରେ ଶନିବାର କୋଣାର୍କ ସନ୍ନିକଟ ଚନ୍ଦ୍ରଭାଗାରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

# ଟାର୍ଗେଟ୍ ଦେବା ନାଁରେ କୋଟିଏ ଆଦାୟ

- ଚାଷୀ ପଞ୍ଜୀକରଣରେ ବ୍ୟାପକ ଅନିୟମିତତା
- ଧାନ ବିକ୍ରି କରିବାକୁ ଚିନ୍ତାରେ ଚାଷୀ

ଯାଜପୁର ଅଫିସ,୨୮।୧

ଚାଷୀ ଓ ଚାଷଙ୍କ ପିଛା ଛାଡୁନି ସଙ୍କଟ। ଯାଜପୁର ଜିଲା ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀ ପଞ୍ଜୀକରଣ ଉପରେ ପୁଣି ବିଭାଗୀୟ ଅଧିକାରୀଙ୍କ ଅନିୟମିତତା ଓ ଅବହେଳା ପଦାରେ ପଡ଼ିଛି। ଏହାବାଦ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଠାରୁ ଧାନ ପରିମାଣ ଲକ୍ଷ୍ୟ(ଟାର୍ଗେଟ) ଦେବା ନାମରେ କୁଇଣ୍ଟାଲ ପିଛା ୨୦ ଟଙ୍କା ଲେଖାଏ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଯେଉଁ ପାକ୍ସ କିମ୍ବା ଏସଏଚ୍‌ଜି ଏହି ଟଙ୍କା ଦେଉନାହାନ୍ତି ସେମାନଙ୍କୁ ଉପଯୁକ୍ତ ଭାବେ ଟାର୍ଗେଟ ମିଳୁନାହିଁ ବୋଲି କୁହାଯାଉଛି। ତେବେ ଏହି ଆଦାୟକୁ ମଣ୍ଡି ଲେବର ଚାର୍ଜେସ୍ ବୋଲି ବିଭାଗୀୟ ଅଧିକାରୀମାନେ ସଫେଇ ଦେଉଛନ୍ତି। ସରକାର ମଣ୍ଡିରେ ଲୋଡିଂ ଏବଂ ଅନଲୋଡିଂ ପାଇଁ କୁଇଣ୍ଟାଲ ପିଛା ୮.୪୭ ଟଙ୍କା ପ୍ରଦାନ କରୁଛନ୍ତି। ଏଥିରେ ମିଲର୍ସମାନେ ୩.୩୦ ଟଙ୍କା ଦେବାକୁ ନିର୍ଦ୍ଦେଶ ରହିଛି। ହେଲେ ମିଲର୍ସମାନେ ଏହି ନିର୍ଦ୍ଦେଶକୁ ମାନୁ ନ ଥିବା ଦର୍ଶାଇ ସମ୍ପୃକ୍ତ ଅଧିକାରୀ ଟାର୍ଗେଟ ଦେବା ନାମରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରି ଭାଗବଣ୍ଟା କରୁଥିବା ଅଭିଯୋଗ ହେଉଛି।

ଚଳିତ ଖରିଫ ଧାନ ସଂଗ୍ରହ ଋତୁରେ ରାଜ୍ୟ ସରକାର ଯାଜପୁର ଜିଲାର ଚାଷୀଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ୧୪ଲକ୍ଷ ୧୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ୫୩ ହଜାର ୨୫୬ ଜଣ ଚାଷୀ ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ତେବେ ନାମ ପଞ୍ଜୀକରଣରେ ଅନିୟମିତତା ଅଭିଯୋଗ ଉପରେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ ସୋସାଇଟି(ଏଆରସିଏସ୍)ଙ୍କୁ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ସାନସୁଆର ପଞ୍ଚାୟତ କରିମାବାଦ, କପାସି ଓ ତରତୋଟା ମୌଜାରେ ଚାଷୀ ବାଇଧର ଦାସ ଏବଂ ହେମଲତା ଦାସଙ୍କ ସମୁଦାୟ ୧୧ ଏକର ଜମି ରହିଛି। ଆବଶ୍ୟକ କାଗଜପତ୍ର ସହ ସେମାନେ ମା' ମଙ୍ଗଳା ଏସ୍‌ଏଚ୍‌ଜି ଜରିଆରେ ପଞ୍ଜୀକରଣ କରିଥିଲେ ହେଁ ମାତ୍ର ୨ ଏକର ଜମିର ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ହୋଇଛି। ତେବେ ବାଦ ପଡ଼ିଥିବା ଜମି ଅନ୍ୟ ଏକ ଏସ୍‌ଏଚ୍‌ଜିରେ ଉଲ୍ଲେଖ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଭାବେ ଜିଲାର ଶତାଧିକ ଚାଷୀଙ୍କ ପଞ୍ଜୀକରଣରେ ଅନିୟମିତତା ହୋଇଥିବା ସୂଚନା ମିଳିଛି। ଜିଲାର ୧୦୮ ପାକ୍ସ ଓ ୪୭ ଏସ୍‌ଏଚ୍‌ଜିଙ୍କୁ ମଣ୍ଡି ଖୋଲିବାକୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷେ ୯ ମିଲର୍ସ ଏଥିରେ ସାମିଲ ହୋଇଛନ୍ତି। ଗତ ୨୩ ତାରିଖ ସୁଦ୍ଧା ୫,୬୮,୨୭୧.୭୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଅନ୍ୟପକ୍ଷେ ଏଯାଏ ୧ କେ.ଜି. ବି ଚାଉଳ ଦାଖଲ ହୋଇପାରିନାହିଁ।

ମଣ୍ଡି ଖୋଲିବା ଦାୟିତ୍ୱରେ ଥିବା ପାକ୍ସ ଓ ଏସ୍‌ଏସ୍‌ଜିଗୁଡ଼ିକୁ ନିଜର ଟାର୍ଗେଟ୍ ଅନୁଯାୟୀ ଧାନ କିଣିବାକୁ କୁହାଯାଇଛି। ତେଣୁ ଟାର୍ଗେଟ୍ କିଏ କେତେ ଅଧିକା ପାଇବ ସେଥିନେଇ ପାକ୍ସ ଓ ଏସ୍‌ଏସ୍‌ଜିଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏପରି କି ଅଧିକ ଟାର୍ଗେଟ୍ ପାଇବା ଆଶାରେ ପାକ୍ସ ଓ ଏସ୍‌ଏସ୍‌ଜିର କର୍ମକର୍ତ୍ତାମାନେ ସମବାୟ ବିଭାଗର ଏଆରସିଏସ୍ ଓ ଜିଲା ଯୋଗାଣ ବିଭାଗର ସହକାରୀ ଜିଲା ଯୋଗାଣ ଅଧିକାରୀ(ଏସିଏସଓ)ଙ୍କ ଘର ନିକଟରେ ଭିଡ଼ କରୁଥିବା ଦେଖିବାକୁ ମିଳିଛି। କୁଇଣ୍ଟାଲ ପିଛା ୨୦ ଟଙ୍କା ଲେଖାଏ ଆଦାୟ କରୁଥିବା ବାବୁମାନଙ୍କର କାହାକୁ ଟିକେ ହେଲେ ବି ଡର ଭୟ ନାହିଁ। କାରଣ ଟଙ୍କା ଆଦାୟ କରୁଥିବା ବାବୁଙ୍କ ମଧ୍ୟରୁ ଯୋଗାଣ ବିଭାଗର ଜଣେ ଅଧିକାରୀ ଜିଲାରେ ଦୀର୍ଘଦିନ ହେବ ରହିଛନ୍ତି। ବଦଳି ହେଲେ ମଧ୍ୟ ସେ କଳେବଳେ କୌଶଳେ ଗାଦି ମାଡ଼ି ବସିଛନ୍ତି।

ଏ ସଂକ୍ରାନ୍ତରେ ଏଆରସିଏସ୍ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, କୁଇଣ୍ଟାଲ ପିଛା ୨୦ ଟଙ୍କା ଲେଖାଏ ଆଦାୟ କରିବା ଖବର ସମ୍ପୂର୍ଣ୍ଣ ମିଛ। ମଣ୍ଡି ଲେବର ଚାର୍ଜେସ ବାବଦକୁ ସରକାର ମାତ୍ର ୫.୧୭ ଟଙ୍କା ଦେଉଛନ୍ତି, ଯାହାକି ନିଅଣ୍ଟ ହେଉଛି। ମିଲର୍ସମାନେ ଧାର୍ଯ୍ୟ ୩.୩୦ ଟଙ୍କା ଦେଉ ନଥିବାରୁ କୁଇଣ୍ଟାଲ ପିଛା ୫ରୁ ୧୦ ଟଙ୍କା ଲେଖାଏ ଆଦାୟ କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସଫଳତାର ଆନନ୍ଦରେ ଆତ୍ମବିଭୋର ହେବେ, ଦିନଟି ଖୁସିବାସିରେ କଟିଯିବ। ଜଣାଶୁଣା ବ୍ୟକ୍ତିଙ୍କ ନିକଟରୁ ସମ୍ମାନ ଓ ସଦିଚ୍ଛା ସାଙ୍ଗକୁ ହିତୈଷୀଙ୍କ ସ୍ନେହ, ଆଦରରେ ସବୁ ଦୁଃଖ ଭୁଲିଯିବେ। ଅକୁହା କଥାକୁ ସହକର୍ମୀଙ୍କ ଆଗରେ ବଖାଣି ସମସ୍ୟାକୁ ନିମନ୍ତ୍ରଣ କରି ପାରନ୍ତି। ଆନୁଷ୍ଠାନିକ କାମରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ବୃଷ** – ବଡ଼ପଣିଆ ମନରେ ରହିବ ସିନା, ହାତ ଖାଲି ହେତୁ କାମରେ ରଖିପାରିବେ ନାହିଁ। ଅଯଥା ଗୁଡ଼ାଏ ଭାବନାକୁ ନେଇ ବ୍ୟସ୍ତ ସିନା ହେଉଛନ୍ତି, କିନ୍ତୁ ସେପରି କିଛି ଅସୁବିଧା ହେବ ନାହିଁ। ବାଣିଜ୍ୟ, ବ୍ୟବସାୟ, ଗମନାଗମନ କ୍ଷେତ୍ରରେ ସମସ୍ୟା ଦୂର ହେବ। କଳହରୁ ଦୂରେଇ ନ ରହିଲେ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି।

**ମିଥୁନ** – ସମସ୍ତଙ୍କୁ ଏକା ସମୟରେ ସନ୍ତୁଷ୍ଟ କରିବାକୁ ଯାଇ ପ୍ରତିବନ୍ଧକର ସାମ୍ନା କରିବେ। କର୍ମକ୍ଷେତ୍ରର ବିଫଳତା ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଧାତୁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଜମିଜମା, ଯାନବାହନ, ଲେଖାପଢ଼ା କ୍ଷେତ୍ରରୁ ଉପକୃତ ହେବେ।

**କର୍କଟ** – ଦୀର୍ଘ ଦିନରୁ ପ୍ରତୀକ୍ଷିତ କୌଣସି ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଭାବ ବିଭୋର ହେବେ। ଆଜି ଏକାଧାରରେ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧିର ବାର୍ତ୍ତା ବହନ କରି ପାଖେଇ ଆସିବ। ଗତକାଲିର ଆଲୋଚନା ଅନୁସାରେ ସହମତି ନେଇ କୃତକାର୍ଯ୍ୟ ହେବେ। ସାହିତ୍ୟ, ସଂସ୍କୃତି, କଳା, କାରିଗରି କାମରେ ଉତ୍ସାହିତ ହେବେ।

**ସିଂହ** – ଆଜି ଖର୍ଚ୍ଚାନ୍ତ ହୋଇ ଚେଷ୍ଟା କରୁଥିବା କାର୍ଯ୍ୟ ସାଧନ କରିବେ। ନିକଟ ସମ୍ପର୍କୀୟମାନଙ୍କ ଅସହଯୋଗ ସତ୍ତ୍ୱେ ଆପଣ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ନଷ୍ଟ ହୋଇପାରେ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** – କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ବନ୍ଧୁମାନଙ୍କର ପକ୍ଷପାତିତା କାମକୁ ଅପସନ୍ଦ କରିପାରନ୍ତି। ଗୃହ ନିର୍ମାଣ, ପରିବହନ କ୍ଷେତ୍ରରେ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**ତୁଳା** – ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିବ ଓ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅଭାବ ନ ଥାଇ ମଧ୍ୟ ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଅଫିସ୍ କାମରେ ନିଜର ଅବହେଳାଜନିତ ମୃଦୁ ଗୁଞ୍ଜରଣ ଶୁଣିବାକୁ ପାଇବେ।

**ବିଛା** – ପ୍ରତ୍ୟେକ କାମରେ ସଫଳତା ପାଇଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପନ୍ନ ନ ହେବାରୁ ଅସନ୍ତୁଷ୍ଟ ରହିବେ। ଅଯଥା ରାଗି ସମ୍ପର୍କ ଖରାପ କଲା ଭଳି କିଛି କାମ କରନ୍ତୁ ନାହିଁ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ହାନୀ ଘଟିପାରେ। ସାହିତ୍ୟ ଓ ସଙ୍ଗୀତ, ନୃତ୍ୟ, କଳା ଓ ବକ୍ତୃତା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** – ଅଧିକାଂଶ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସମ୍ଭାବନା ରହିଛି। ରାଜନୈତିକ କ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କାମରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ସଭାସମିତିରେ ବନ୍ଧୁଙ୍କୁ ଆପ୍ୟାୟିତ କରିପାରନ୍ତି।

**ମକର** – ଅନ୍ୟମାନଙ୍କ ପ୍ରରୋଚନାରେ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଚେଷ୍ଟା କରୁଥିବା କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିପାରେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ହାସଲ କରିବେ ଏବଂ କଚେରି ମାମଲା ସପକ୍ଷରେ ଯିବ। ପରିବହନ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ, ଶିକ୍ଷାରେ ସଫଳତା ଲାଭ କରିବେ।

**କୁମ୍ଭ** – ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂର ଯାତ୍ରା କରିବା ପାଇଁ ମନ ବଳାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମାନସିକ ସ୍ଥିତିକୁ ଦୋହଲାଇ ଦେବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, ତଥାପି ମନରେ ଅସନ୍ତୋଷ ଭରି ରହିବ।

**ମୀନ** – ଆଜି ଆପଣ ଯାହାକୁ ଯାହା କହିବେ ତାହାକୁ ଅନ୍ୟମାନେ ଖୁସି ମନରେ ଗ୍ରହଣ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରି ଅନୁତପ୍ତ ହୋଇପାରନ୍ତି।

ଆଜି ମାଘ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ରବିବାର, ଜାନୁୟାରୀ ୨୯ ତାରିଖ, ବିଶ୍ୱ କୁଷ୍ଠ ଉନ୍ମୁଳନ ଦିବସ, ବର୍ଣ୍ଣବୋଧ ଦିବସ, ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୬ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୩ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୦୯ ଗତେ ଘ.୦୫।୩୨ ମଧ୍ୟେ ରାହୁକାଳ।

# ଭାରତ ଯୋଡ଼ୋ ଯାତ୍ରାରେ ମେହବୁବା



ଭାରତ ଯୋଡ଼ୋ ଯାତ୍ରାରେ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ସାମିଲ ହୋଇଛନ୍ତି ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତି(ଡାହାଣ)।

ଶ୍ରୀନଗର,୨୮।୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ଶନିବାର ଅନନ୍ତନାଗ ଜିଲାରେ ପ୍ରବେଶ କରିଛି। ଏହି ପଦଯାତ୍ରାରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍ତି ସାମିଲ ହୋଇଛନ୍ତି। ସୁରକ୍ଷାଗତ ତ୍ରୁଟି କାରଣରୁ ଯାତ୍ରା ଗୋଟିଏ ଦିନ ବନ୍ଦ ରହିବା ପରେ ଶନିବାର ସକାଳେ ଚେର୍ସୁ ଗ୍ରାମରୁ ପୁନର୍ବାର ଆରମ୍ଭ ହୋଇଥିଲା। ଏହି ଅବସରରେ କଂଗ୍ରେସ ଏମ୍‌ପି ରାହୁଲ ୨୦୧୯ ଲେଥପୋରା ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିଆର୍‌ପିଏଫ୍ ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ କରିବାରୁ ୪୦ ଯବାନ ଶହୀଦ ହୋଇଥିଲେ।

ଅୱନ୍ତିପୋରା ସହରରେ ମେହବୁବା ଓ ତାଙ୍କ ଝିଅ ଇଲ୍‌ତିଜା ମୁଫ୍ତି ବରିଷ୍ଠ କଂଗ୍ରେସ ନେତାମାନଙ୍କ ଗହଣରେ ପଦଯାତ୍ରାରେ ସାମିଲ ହୋଇଥିଲେ। ପୁଲୱାମା ଜିଲାର ଲେଥପୋରାରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଭାରତ ଯୋଡ଼ୋ ଯାତ୍ରାରେ ଯୋଗଦେଇଥିଲେ। ପଦଯାତ୍ରା ରୁଟ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ସାଙ୍ଗକୁ ସମସ୍ତ ବ୍ୟବସ୍ଥା କରାଯାଇଥିବା କଶ୍ମୀର ଏଡିଜିପି ବିଜୟ କୁମାର କହିଛନ୍ତି। ଶନିବାର ସନ୍ଧ୍ୟାରେ ପାନ୍ଥ ଚୌକ ନିକଟରେ ପଦଯାତ୍ରା ଅଟକିଥିବାବେଳେ ରବିବାର ସେଠାରୁ ପୁନର୍ବାର ଯାତ୍ରା ଆରମ୍ଭ ହେବ ବୋଲି କଂଗ୍ରେସ ସୂତ୍ରରୁ କୁହାଯାଇଛି।

# ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗକୁ ଜୋରଦାର କରିବାକୁ ନବୀନଙ୍କ ପରାମର୍ଶ

## ବିଜେଡି ସଂସଦୀୟ ଦଳ ବୈଠକ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଆସନ୍ତା ୩୧ ତାରିଖରେ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟର ସ୍ୱାର୍ଥ ସମ୍ବଳିତ ଦାବିକୁ ଦଳ ଦିଲ୍ଲୀରେ ଜୋରଦାର କରିବ। ଶନିବାର ନବୀନ ନିବାସଠାରେ ବିଜେଡି ସଂସଦୀୟ ଦଳ ବୈଠକରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏମ୍‌ପିମାନଙ୍କୁ ଏ ନେଇ ଗୁରୁମନ୍ତ୍ର ଦେଇଛନ୍ତି। ପାର୍ଲାମେଣ୍ଟର ଉଭୟ ଗୃହରେ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବଳକା ଉଷୁନା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ ନେଉନାହିଁ। ଓଡ଼ିଶା ଏ ନେଇ ବାରମ୍ବାର କେନ୍ଦ୍ରର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଏହି ପ୍ରସଙ୍ଗଠାରୁ ଆରମ୍ଭ କରି ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍‌କୁ ପାସ୍ କରିବା ପାଇଁ ବିଜେଡି ଏମ୍‌ପିମାନେ ସ୍ୱରକୁ ଆହୁରି ଶାଣିତ କରିବେ। ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସାମିଲ କରିବା ପାଇଁ ନବୀନ ବିଭିନ୍ନ ସମୟରେ ଦାବି କରି ଆସୁଛନ୍ତି। ଏହି ପ୍ରସଙ୍ଗକୁ ମଧ୍ୟ ଆସନ୍ତା ଅଧିବେଶନରେ ଉତ୍ଥାପନ କରାଯିବ। ସେହିପରି ୧୬୯ ଜନଜାତିଙ୍କୁ ଜନଜାତି ତାଲିକାଭୁକ୍ତ କରିବା ଦାବି ଜୋରଦାର କରାଯିବ। ରେଳୱେରେ ଓଡ଼ିଶାକୁ ନ୍ୟାୟ ମିଳୁ ନ ଥିବାରୁ ପାର୍ଲାମେଣ୍ଟର ଉଭୟ ଗୃହରେ ବିଜେଡି ଏମ୍‌ପିମାନେ ଏହାର ପ୍ରତିବାଦ କରିବେ ବୋଲି ସୂଚନା ମିଳିଛି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ୟାୟ ଭାବେ ୪ ଲକ୍ଷ ହିତାଧିକାରୀଙ୍କ ନାମ ତାଲିକାରୁ କାଟି ଦେଇଛନ୍ତି। ଓଡ଼ିଶାର ଆହୁରି ୧୫ ଲକ୍ଷ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ସାମିଲ ହେବାକୁ ରହିଛନ୍ତି। ପାର୍ଲାମେଣ୍ଟରେ ବିଜେଡି ଏମ୍‌ପିମାନେ ଏନେଇ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିବେ। ଜାତୀୟ ରାଜପଥ ଓ ଟେଲିକମ୍ ନେଟ୍‌ୱର୍କ କ୍ଷେତ୍ରରେ ଓଡ଼ିଶା ଅବହେଳିତ ହୋଇ ଆସୁଛି। ଏହାଛଡ଼ା ଦୀର୍ଘ ବର୍ଷ ଧରି ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ଦାବିକୁ କେନ୍ଦ୍ର ସରକାର ଅଣଦେଖା କରି ଆସୁଛନ୍ତି। ରାଜ୍ୟକୁ ପର୍ଯ୍ୟାପ୍ତ କେନ୍ଦ୍ରୀୟ ଅନୁଦାନ ମିଳୁନାହିଁ। ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଉ ନ ଥିବା ଭୂମିଜ ଭାଷାକୁ ସାମିଲ କରିବା ପାଇଁ ହେଉଥିବା ଦାବିକୁ ମଧ୍ୟ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ବିପର୍ଯ୍ୟୟ ପ୍ରତିରୋଧ ପାଇଁ ସ୍ଥାୟୀ ପ୍ରତିକାର ସକାଶେ ସ୍ୱତନ୍ତ୍ର ବ୍ୟୟ ଅନୁଦାନ ଯୋଗାଇଦେବା ଦାବିକୁ ଆସନ୍ତା ଅଧିବେଶନରେ ବିଜେଡି ଏମ୍‌ପିମାନେ ଜୋରସୋରରେ ଉଠାଇବେ ବୋଲି ଜଣାପଡ଼ିଛି।

ବିଭିନ୍ନ ସମୟରେ ଭାଜପା ନେତାମାନେ କରୁଥିବା ଅପପ୍ରଚାରକୁ କିପରି ରୋକାଯିବ ତା' ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଭାଜପାର ଅପପ୍ରଚାର ଯୋଗୁ ରାଜ୍ୟବାସୀଙ୍କ ସ୍ୱାର୍ଥ ହାସଲ ହୋଇପାରୁନି। ଗରିବଗୁରୁବା ଲୋକ ପ୍ରଭାବିତ ହେଉଛନ୍ତି। ଏହାକୁ ପ୍ରତିହତ କରିବାକୁ ଦଳୀୟ ଏମ୍‌ପିମାନଙ୍କୁ ନବୀନ ପରାମର୍ଶ ଦେଇଛନ୍ତି।



ଦଳୀୟ ଏମ୍‌ପିମାନଙ୍କ ସହ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଫେବୃୟାରୀ ୨୩ରେ ଭଦ୍ରକ ଆସିବେ ଅମିତ ଶାହା

ଭୁବନେଶ୍ୱର,୨୮।୧(ବ୍ୟୁରୋ)

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଆସନ୍ତା ଫେବୃୟାରୀ ୨୩ରେ ସେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ଗସ୍ତ କରିବେ। ଏଥିସହିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉଦ୍‌ବୋଧନ ଦେବେ। ପରେ ଧୂଷୁରୀଠାରେ ହେବାକୁ ଥିବା ସାଧାରଣ ସଭାରେ ମଧ୍ୟ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କର ଏହି ଗସ୍ତକୁ ନେଇ କର୍ମକର୍ତ୍ତାମାନେ ଉତ୍ସାହିତ ହୋଇଛନ୍ତି। ତେବେ ତାଙ୍କ ଗସ୍ତ ନେଇ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇ ନାହିଁ ବୋଲି ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ତ୍ରିପୁରା ନିର୍ବାଚନ: ୪୮ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ଭାଜପା

ନୂଆଦିଲ୍ଲୀ,୨୮।୧

ଆଗାମୀ ତ୍ରିପୁରା ବିଧାନସଭା ନିର୍ବାଚନ ଲାଗି ଭାଜପା ଶନିବାର ପ୍ରଥମ ପର୍ଯ୍ୟାୟରେ ୪୮ ପ୍ରାର୍ଥୀଙ୍କ ନାମତାଲିକା ପ୍ରକାଶ କରିଛି। ଏହି ତାଲିକାରୁ ୬ ଜଣ ବିଧାୟକଙ୍କୁ ବାଦ୍ ଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ଦଳ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତା ଅନିଲ ବାଲୁନି ଏବଂ ସମ୍ବିତ୍ ପାତ୍ର ପ୍ରାର୍ଥୀମାନଙ୍କ ନାଁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମାନିକ୍ ଶାହାଙ୍କୁ ଟାଉନ ବର୍ଦୋୱାଲି ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ ଧାନପୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ ବର୍ଦୋୱାଲି ଆସନରୁ ଲଢ଼ିବେ। ବର୍ତ୍ତମାନ ବିଧାୟକ ଥିବା ଭିମ୍ପି ମଜୁମଦାର, ସୁଭାଷ ଚନ୍ଦ୍ର ଦାସ, ଅରୁଣ ଚନ୍ଦ୍ର ଭୌମିକ, ବୀରେନ୍ଦ୍ର କିଶୋର ଦେବ ବର୍ମନ, ପରିମଳ ଦେବବର୍ମା, ବିପ୍ଲବ କୁମାରଙ୍କୁ ଆଗାମୀ ନିର୍ବାଚନ ଲଢ଼ିବା ଲାଗି ସୁଯୋଗ ମିଳିନାହିଁ। ୪୮ ପ୍ରାର୍ଥୀଙ୍କ ମଧ୍ୟରେ ୧୧ ଜଣ ମହିଳା ରହିଛନ୍ତି। ଆସନ୍ତା ମାସରେ ତ୍ରିପୁରା, ମେଘାଳୟ ଏବଂ ନାଗାଲାଣ୍ଡ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୬୦ ଆସନ ବିଶିଷ୍ଟ ତ୍ରିପୁରା ବିଧାନସଭା ନିର୍ବାଚନ ଫେବୃୟାରୀ ୧୬ରେ ଅନୁଷ୍ଠିତ ହେବ।

# ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଘରେ ଘରେ ପହଞ୍ଚାଅ

## ଭାଜପାର ୨୦୨୪ ରଣନୀତି

### ଗୋଟିଏ ଦିନରେ ସମସ୍ତ ସାଙ୍ଗଠନିକ ଜିଲାରେ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

୨୦୨୪ ପାଇଁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀରେ ପ୍ରସ୍ତୁତ ୭ସୂତ୍ରୀ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଏବଂ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଶନିବାର ସମସ୍ତ ସାଙ୍ଗଠନିକ ଜିଲାରେ ଗୋଟିଏ ଦିନରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ତୃଣମୂଳ ସ୍ତରରେ ବୁଥ୍‌କୁ ସଶକ୍ତ ଓ ସକ୍ରିୟ କରିବା ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଓଡ଼ିଶା ପାଇଁ ଦେଉଥିବା ସମସ୍ତ କେନ୍ଦ୍ରୀୟ ଯୋଜନାର ଲାଭ କିଭଳି ଓଡ଼ିଶା ଲୋକ ପାଇବେ ଏ ବିଷୟରେ ଅବଗତ କରିବାକୁ ଜିଲା କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି, ବେକାରି ସମସ୍ୟା, ଚାଷୀ ସମସ୍ୟା, ଶିକ୍ଷା ସମସ୍ୟା, ଦୁର୍ନୀତି ଓ ଭ୍ରଷ୍ଟାଚାର, ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଅନିୟମିତତା, ମହିଳାଙ୍କ ଆର୍ଥିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଅବଦାନ, ସ୍ୱାସ୍ଥ୍ୟ ସେବା ଓ ପାନୀୟ ଜଳ, ଆଦିବାସୀ-ଦଳିତଙ୍କୁ ଅଣଦେଖା, ଓବିସି ବର୍ଗଙ୍କୁ ଅବହେଳା, ସମବାୟ ସଂସ୍ଥାର ଅଚଳାବସ୍ଥା ସମେତ ସ୍ଥାନୀୟ ସମସ୍ୟାକୁ ନେଇ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ପ୍ରଦାନ, ଓଡ଼ିଶାକୁ ୨୮ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ, ଏସ୍‌ଏର୍‌ଜିକୁ ସୁଧ ଛାଡ଼, ଜାତୀୟ ରାଜପଥ ଓ ରେଳସେବା କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରାଧିକାର, ଜି-୨୦ ସମ୍ମିଳନୀ ପାଇଁ ଓଡ଼ିଶାକୁ ଗୁରୁତ୍ୱ, ୫ଜି ନେଟ୍‌ୱର୍କ ସେବା ପ୍ରଚଳନ, ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ରୀୟ କଲ୍ୟାଣ ଯୋଜନା ପ୍ରଭୃତିରେ ଓଡ଼ିଶାକୁ ବିପୁଳ ଅର୍ଥ ପ୍ରଦାନ କରିଥିବା ସମ୍ପର୍କରେ କାର୍ଯ୍ୟକାରିଣୀ ତରଫରୁ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ବୈଠକରେ ରାଜ୍ୟ, ଜିଲା ତଥା ସ୍ଥାନୀୟ ପ୍ରଶାସନର ଅପାରଗତା ଓ ନିଷ୍କ୍ରିୟତା ସମ୍ପର୍କରେ ଆଲୋଚନା ହେବା ସହ ଆଗାମୀ ଦିନରେ ଭାଜପାର ରୋଡ୍‌ମ୍ୟାପ୍‌କୁ ନେଇ ବ୍ୟାପକ ଆଲୋଚନା ହୋଇଛି।

ଜିଲା କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟରୁ ଯାଇଥିବା ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଥିଲେ। ରାଜ୍ୟ ସଭାପତି ସମୀର ମହାନ୍ତି ମୟୂରଭଞ୍ଜ (ରାଇରଙ୍ଗପୁର ସାଙ୍ଗଠନିକ ଜିଲା), ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି କୋରାପୁଟରେ ଉପସ୍ଥିତ ଥିବାବେଳେ ଅନ୍ୟ ରାଜ୍ୟ ପଦାଧିକାରୀ ଓ ବରିଷ୍ଠ ନେତୃବୃନ୍ଦ ଅନ୍ୟ ଜିଲା କାର୍ଯ୍ୟକାରିଣୀ ବୈଠକରେ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ।




ଜିଲା କାର୍ଯ୍ୟକାରିଣୀ ବୈଠକରେ ଭାଜପା ନେତୃବୃନ୍ଦ।

# ଓଡ଼ିଶାରେ କଂଗ୍ରେସର ଭାରତ ଯୋଡୋ ଯାତ୍ରା ଶେଷ

■ କଂଗ୍ରେସ ଭବନରେ ପଦଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ

■ ସରକାର ପରିବର୍ତ୍ତନ ନେଇ ନେତା ଆଶାବାଦୀ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

୨୦୨୨ ଅକ୍ଟୋବର ୩୧ରୁ ଆରମ୍ଭ ହୋଇଥିବା କଂଗ୍ରେସର ଭାରତ ଯୋଡୋ ପରିବର୍ତ୍ତନ ଯାତ୍ରା ଶେଷ ହୋଇଛି। ସାରା ଓଡ଼ିଶାର ପାଖାପାଖି ୨୦୦୦ କି.ମି.ରୁ ଅଧିକ ଅତିକ୍ରାନ୍ତ କରି ଶନିବାର ଭୁବନେଶ୍ୱର ଶିଶୁ ଭବନ ଛକଠାରେ ଅପରାହ୍ନ ୫ଟା ୩୦ରେ ପହଞ୍ଚିବା ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ ଏବଂ ପ୍ରଦେଶ କଂଗ୍ରେସର ବରିଷ୍ଠ ନେତୃବର୍ଗ ସ୍ୱାଗତ କରିବା ସହିତ ଭାରତ ଯୋଡୋ ଓଡ଼ିଶା ଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶହ ଶହ କଂଗ୍ରେସ କର୍ମୀ ଏବଂ ନେତୃବର୍ଗ ଭୁବନେଶ୍ୱର ଶିଶୁ ଭବନ ଛକଠାରୁ ଆସି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଘଣ୍ଟ, ପାରମ୍ପରିକ ନୃତ୍ୟ ଏବଂ ବାଜା ବଜାଇ ଭାରତ ଯୋଡୋ ଯାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା।

ଏହି ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ ଏକ ସମାପନ ଉତ୍ସବ ଆୟୋଜନ କରାଯାଇଥିଲା। ପିସିସି ସଭାପତି କହିଥିଲେ, ଓଡ଼ିଶା ଏବଂ ଭାରତବର୍ଷରେ ଜନବିରୋଧୀ ସରକାର ଆଜି ଶାସନ ଗାଦିରେ ବସିଛନ୍ତି। ଦୀର୍ଘ ୨୨ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ବିଜେଡି ଶାସନ ଥାଇ ମଧ୍ୟ ଓଡ଼ିଶାର ଯୁବକ ଆଜି ଦିଗହରା। ପ୍ରତିବର୍ଷ ୨ ଲକ୍ଷ ନିଯୁକ୍ତି ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ୨୨ ବର୍ଷରେ ଓଡ଼ିଶାର ୪୪ ଲକ୍ଷ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବା କଥା। କିନ୍ତୁ ଆଜି ପର୍ଯ୍ୟନ୍ତ ୨ ଲକ୍ଷ ଯୁବତୀଯୁବକଙ୍କୁ ମଧ୍ୟ ନିଯୁକ୍ତି ଦିଆଗଲାନାହିଁ। ପ୍ରତି ବ୍ଲକରେ ୩୫ ପ୍ରତିଶତ ଜମିକୁ ଜଳସେଚନ ଯୋଗାଇ ଦେବେ ବୋଲି ୨୦୦୮ରେ ସରକାର କହିଥିଲେ। କିନ୍ତୁ ଆଜି ସୁଦ୍ଧା ୧୭ ପ୍ରତିଶତ ଜଳସେଚନ ଯୋଗାଇ ଦିଆଯାଇନାହିଁ। ଆଦିବାସୀ ବହୁଳ ୮ ଜିଲାର ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ। ସାରା ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରର ସ୍ଥିତି ଅତ୍ୟନ୍ତ ଉତ୍କଟ। ଡାକ୍ତରଖାନାଗୁଡ଼ିକରେ ବହୁ ବିଭାଗରେ ଡାକ୍ତର ନାହାନ୍ତି। ରାଜ୍ୟରେ କୃଷକର ଆୟ ୨୨ ବର୍ଷ ପରେ ଦେଶରେ ସର୍ବନିମ୍ନ ବୋଲି ପିସିସି ସଭାପତି କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ସନ୍ତୋଷ ସିଂ ସାଲୁଜା, ରାଜନ ଏକ୍କା, ଅଧିରାଜ ପାଣିଗ୍ରାହୀ, ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ପୂର୍ବତନ ଏମ୍‌ପି ସୁଶୀଲା ତିରିଆ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଯୁଧିଷ୍ଠିର ଜେନା ପ୍ରମୁଖ ଯୋଗଦେଇ ଏ ପଦଯାତ୍ରା ଓଡ଼ିଶାର ବେକାରି ସମସ୍ୟା, ଆଇନ, ଚାଷୀ ସମସ୍ୟା, ଦରଦାମ ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ, ହରିଜନ, ପଛୁଆ ବର୍ଗ ଏବଂ ଛୋଟ ବ୍ୟବସାୟୀ, ମଧ୍ୟମ ବ୍ୟବସାୟୀମାନଙ୍କର ସ୍ୱାର୍ଥରକ୍ଷା କରିବା ଏବଂ ଓଡ଼ିଶାର ଜନବିରୋଧୀ ସରକାର ପରିବର୍ତ୍ତନ କରିବା ପାଇଁ ବୋଲି କହିଥିଲେ। ଏହି ଭାରତ ଯୋଡୋ ପରିବର୍ତ୍ତନ ଯାତ୍ରା ନିଶ୍ଚିତ ରୂପେ ଆସନ୍ତା ଦିନରେ ଓଡ଼ିଶାରେ ପରିବର୍ତ୍ତନର ନୂତନ ସୂର୍ଯ୍ୟୋଦୟ ହେବ ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଭାରତ ଯୋଡୋ ଯାତ୍ରାର ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ସଂଯୋଜକ ମାନସ ଚୌଧୁରୀ, ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ନବଜ୍ୟୋତି ପଟ୍ଟନାୟକ, ସଞ୍ଜୀବ ଗିରି, ଜାନକୀବଲ୍ଲଭ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି ପ୍ରମୁଖଙ୍କୁ ଧନ୍ୟବାଦ ଦେଇଥିଲେ। ଗଣେଶ୍ୱର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଭାରତ ଯୋଡ଼ୋ ଯାତ୍ରାର ଶେଷ ଦିବସରେ ରାଜ୍ୟ କଂଗ୍ରେସ ନେତୃବୃନ୍ଦ ଶିଶୁ ଭବନ ଛକରୁ କଂଗ୍ରେସ ଭବନକୁ ପଦଯାତ୍ରା କରୁଛନ୍ତି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
Andhra | Corporation

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଡିମାଣ୍ଡ ନୋଟିସ୍**

ଆମର ସମ୍ପୃକ୍ତ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା /ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| କୋର୍ଟପେଟା ଶାଖା / ଋଣଗ୍ରହୀତାମାନେ: **୧) ଶ୍ରୀମତୀ ସଜନୀ ସାହୁ,** ସ୍ୱାମୀ: ଶ୍ରୀ ହରି ଚନ୍ଦ୍ର ସାହୁ, **ଠିକଣା-୧:** ସା: ରମ୍ଭା ଷ୍ଟ୍ରିଟ୍, ଗେଟ୍ ବଜାର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, **ଠିକଣା-୨:** ସା: ଲକ୍ଷ୍ମୀ ନଗର, ବ୍ରହ୍ମପୁର ମ୍ୟୁନିସିପାଲିଟି, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, **୨) ଶ୍ରୀ ଗଣେଶ କୁମାର ସାହୁ,** ପିତା: ଶ୍ରୀ ହରି ଚନ୍ଦ୍ର ସାହୁ, **ଠିକଣା-୧:** ସା: ଲକ୍ଷ୍ମୀ ନଗର, ବ୍ରହ୍ମପୁର ମ୍ୟୁନିସିପାଲିଟି, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧, **ଠିକଣା-୨:** ବ୍ୟାଙ୍କ କଲୋନୀ, ୭ମ ଲେନ୍, ବ୍ରହ୍ମପୁର, ବ୍ରହ୍ମପୁର ସଦର, ବ୍ରହ୍ମପୁର (ଗଞ୍ଜାମ), ଗଞ୍ଜାମ, ଓଡ଼ିଶା-୭୬୦୦୧, **ଠିକଣା-୩:** ସା: ରମ୍ଭା ଷ୍ଟ୍ରିଟ୍, ଗେଟ୍ ବଜାର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧ | ଏଚ୍‌ଏଲ୍‌ଜିଇଏନ୍ / ଟ.୨୭,୦୦,୦୦୦/- | ୨୮.୧୧.୨୦୨୨ / ୦୫.୦୧.୨୦୨୩ / ଟ.୨୬,୬୨,୪୭୦.୨୪ +ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀମତୀ ସଜନୀ ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯/୧୦୪୧୮, ଖାତା ନଂ.: ୪୯୫/୪୭୬୦, ରେଭିନ୍ୟୁ ମୌଜା: ଲୋଚାପଡା, ତହସିଲ: କୁକୁଡାଖଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୬୧ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ବିକ୍ରେତାଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା |
| ନିମିନା ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତାମାନେ: **୧) ଶ୍ରୀ ଅଶ୍ୱିନୀ କୁମାର ପରିଡା,** ପିତା: ଶ୍ରୀ କ୍ଷେତ୍ର ମୋହନ ପରିଡା, ସା/ପୋ.: କେନ୍ଦୁପଦର, ପ୍ରଗତି ବିଦ୍ୟା ପିଠ ନିକଟ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୨, **୨) ଶ୍ରୀମତୀ କୁମାରୀ ପରିଡ଼ା,** ସ୍ୱାମୀ: ଶ୍ରୀ କ୍ଷେତ୍ର ମୋହନ ପରିଡା, ସା/ପୋ.: କେନ୍ଦୁପଦର, ଭାୟା: ନିମିନା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୨ / **ଗ୍ୟାରେଣ୍ଟିଦାତା: ଶ୍ରୀ କ୍ଷେତ୍ର ମୋହନ ପରିଡା,** ପିତା: ଶ୍ରୀ ଆଦିକନ୍ଦ ପରିଡା, ସା/ପୋ.: କେନ୍ଦୁପଦର, ଭାୟା: ନିମିନା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୨ | ମଡ଼ଗେଜ ଲୋନ୍ / ଟ.୧୦,୦୦,୦୦୦/- ସିସି / ଟ.୪,୦୦,୦୦୦/- ୟୁଜିଇସିଏଲ୍ / ଟ.୮୦,୦୦୦/- ସମୁଦାୟ: ଟ.୧୪,୮୦,୦୦୦/- | ୨୮.୦୯.୨୦୨୨/ ୦୯.୧୧.୨୦୨୨ /୦୯.୧୧.୨୦୨୨ ସୁଦ୍ଧା ଟ.୧୦,୮୦,୮୧୩.୫୯ +ସେବାବଦ ପରବର୍ତ୍ତୀ ସୁଧ | ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କେନ୍ଦୁପଦର, ତହସିଲ: ଆସ୍କା, ରେଭିନ୍ୟୁ ସର୍କଲ: ନିମିନା, ଥାନା: ଆସ୍କା, ଏସ୍‌ଆରଓ: ବୁଗୁଡା, ଜିଲ୍ଲା: ଗଞ୍ଜାମ, **୧.** ଖାତା ନଂ.: ୫୦୫/୯୨, ପ୍ଲଟ୍ ନଂ.: ୭୪୫/୩୮୦୭, କିସମ: ଘରବାରୀ, କ୍ଷେତ୍ର: ଏକର୦.୦୮୦ଡିସିମିଲି, **୨.** ଖାତା ନଂ.: ୫୦୫/୯୨, ପ୍ଲଟ୍ ନଂ.: ୩୫୨୪/୩୮୦୮, କିସମ: ଘରବାରୀ, କ୍ଷେତ୍ର: ଏକର୦.୦୩୦ ଡ଼ିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୧୦ଡିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଅଶ୍ୱିନୀ ପରିଡାଙ୍କ ଜମି, ଉତ୍ତର: ଭାସ୍କର ଡାକୁଆଙ୍କ ଗୃହ, ଦକ୍ଷିଣ: ମହାଦେବ ଜେନାଙ୍କ ଗୃହ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣମାନେ ଆପଣମାନଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣମାନେ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ମାସିକ ଚୁକ୍ତି ସୁଧ ହାରରେ ଲାଗୁ ହୋଇନଥିବା ସୁଧ / ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । **୧)** ଆପଣମାନେ ଯଦି ସମସ୍ତ ଦେୟ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତିକୁ ବିକ୍ରୟ କରିବା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ଅବଶିଷ୍ଟ ରାଶି ଆଦାୟ ପାଇଁ ଆମେ ଆପଣମାନଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ଆପଣମାନଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପରଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ପ୍ରକାର ବ୍ୟତିକ୍ରମ କଲେ ଏହାର ପରିଣାମ ଭୟାବହ ହେବ। **୩) ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ : ବ୍ରହ୍ମପୁର, ତାରିଖ : ୨୭.୦୧.୨୦୨୩** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

> ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। —ଶ୍ରୀଅରବିନ୍ଦ



# ସାଂଘାତିକ ଅଭିଯୋଗ



**ଆକାର ପଟେଲ**

ଗତ ସପ୍ତାହରେ ଆଦାନୀ ଗ୍ରୁପ୍‌ର ଶେୟାର ମୂଲ୍ୟ ହ୍ରାସ ସମ୍ପର୍କରେ ପାଠକେ ଅବଗତ ଥିବେ। ଭାରତୀୟ ନିବେଶକମାନେ ଆମେରିକୀୟ ଇନ୍‌ଭେଷ୍ଟମେଣ୍ଟ ଫାର୍ମ ହିଣ୍ଡେନ୍‌ବର୍ଗର ରିପୋର୍ଟକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ହିଣ୍ଡେନ୍‌ବର୍ଗ ଏହାର ରିପୋର୍ଟରେ ଆଦାନୀ ଗ୍ରୁପ୍‌ର କାର୍ଯ୍ୟକଳାପ ସମ୍ପର୍କରେ ସବିଶେଷ ଏବଂ ସାଂଘାତିକ ତଥ୍ୟ ପ୍ରକାଶ କରିଥିଲା। ଶେୟାର ମୂଲ୍ୟ ହ୍ରାସରୁ ଆଦାନୀ ଗ୍ରୁପ୍ କେମିତି ଲାଭ ଉଠାଇଛି ତାହା ଉପରେ ଏହା ପ୍ରକାଶ କରିଛି। କିଛି କାରଣ ପାଇଁ ଏବେ ଭାରତୀୟ ମ୍ୟୁଚୁଆଲ ଫଣ୍ଡ୍‌ଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ନିବେଶଠାରୁ ଦୂରେଇ ରହିଛନ୍ତି। ତଥାପି ରାଷ୍ଟ୍ରାୟତ୍ତ କମ୍ପାନୀ ଜୀବନ ବୀମା ନିଗମ(ଏଲ୍‌ଆଇସି) ଟିକସଦାତଙ୍କ ୭୫,୦୦୦ କୋଟି ଟଙ୍କାରୁ ଅଧିକ ଆଦାନୀ ଗ୍ରୁପ୍‌ରେ ନିବେଶ କରିଛି। ଏଣୁ ଆଦାନୀ ବିରୋଧରେ କି ଅଭିଯୋଗ ରହିଛି ଓ ସେଥିରେ କ'ଣ ସବୁ ସମସ୍ୟା ଅଛି ସେ ସମ୍ପର୍କରେ ଏଠାରେ ଉଲ୍ଲେଖ କରୁଛି ; ଯାହା ଭାରତୀୟମାନେ ଜାଣିବା ଦରକାର। ପ୍ରଥମରେ ନିଜର ବାସ୍ତବ ସ୍ୱରୂପ ଗୁପ୍ତ ରଖିଥିବା କେତେକ ବୈଦେଶିକ କମ୍ପାନୀର ଆଦାନୀ ଫାର୍ମରେ ଅଧିକାଂଶ ନନ୍-ପ୍ରମୋଟର ଶେୟାର ରହିଛି। ଏହା ସହ ଗତବର୍ଷ ବ୍ଲୁମ୍‌ବର୍ଗ ନ୍ୟୁଜ୍ ଏକ ରିପୋର୍ଟରେ ଦର୍ଶାଇଥିଲା ଯେ, ପୁଞ୍ଜି ବଜାରରେ ତାଲିକାଭୁକ୍ତ ଆଦାନୀ ଗ୍ରୁପ୍‌ର ୭ଟି କମ୍ପାନୀର ବାର୍ଷିକ ମୋଟ ଆୟ ମିଶି ୨ ବିଲିୟନ ଡଲାରରୁ କମ୍ ଥିବାବେଳେ ଆଦାନୀ ଗ୍ରୁପ୍‌ର ମୋଟ୍ ମୂଲ୍ୟ ୨୫୫ ବିଲିୟନ ଡଲାର ଥିଲା। ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍‌ର ଶେୟାର ଗତ ତିନି ବର୍ଷରେ ୪,୫୦୦% ବୃଦ୍ଧି ପାଇଥିବା ଏହା ଦର୍ଶାଇଥିଲା। ନିକଟ ଅତୀତରେ ଆଦାନୀ ବିଶ୍ୱରେ ଯେଉଁ ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଥିଲେ ତାହା କେବଳ ଏହିସବୁ କମ୍ପାନୀର ମୂଲ୍ୟାୟନ ଯୋଗୁ ହୋଇଛି, ସେମାନେ କରିଥିବା ଲାଭରୁ ନୁହେଁ। ଆଦାନୀ ଏଣ୍ଟରପ୍ରାଇଜ୍ ସମୂହର ସମ୍ପତ୍ତିର ମୂଲ୍ୟ ୨୦୧୯ରେ ଥିଲା ୧୫,୫୦୦ କୋଟି ଟଙ୍କା। ୨୦୨୦ରେ ୧୬,୨୦୦ କୋଟି, ୨୦୨୧ରେ ୧୩,୩୫୮ କୋଟି ଏବଂ ୨୦୨୨ରେ ୨୬,୮୦୦ କୋଟି ଟଙ୍କା ଥିଲା। ୨୦୨୦ରେ ଏହାର ମୋଟ ଲାଭ ଥିଲା ୬୯୮ କୋଟି ଟଙ୍କା। ୨୦୨୧ରେ ଏହା ହ୍ରାସ ପାଇ ପହଞ୍ଚିଥିଲା ୩୬୮ କୋଟି ଟଙ୍କାରେ ଓ ପରେ ବୃଦ୍ଧି ପାଇ ୨୦୨୨ରେ ଏହା ଥିଲା ୭୨୦ କୋଟି ଟଙ୍କା। ବିଜ୍‌ନେସ ଷ୍ଟାଣ୍ଡାର୍ଡର ଏକ ସ୍ତମ୍ଭରେ ପ୍ରକାଶ ପାଇଥିଲା ଯେ, ଆର୍ଥିକ ଦୃଷ୍ଟିକୋଣରୁ ୩୦୦ ଏପରିକି ୬୦୦ ଗୁଣ ଆୟ ବୃଦ୍ଧିକୁ ନେଇ କମ୍ପାନୀଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ହେବା କେହି କେବେ କଳନା କରିପାରିବେ ନାହିଁ। ହିଣ୍ଡେନ୍‌ବର୍ଗ ସୂଚାଇଛି, ଆଦାନୀ ଗ୍ରୁପ୍ ଶେୟାର ହୋଲ୍ଡର ଭାବେ ବିଭିନ୍ନ ଦେଶରେ କମ୍ପାନୀ ସବୁ ପ୍ରତିଷ୍ଠା କରାଯାଇଛି। ଉଦାହରଣ ସ୍ୱରୂପ, ରିପୋର୍ଟ ଏକ ବିଦେଶୀ ଫଣ୍ଡ୍ 'ଏଲାରା' ସମ୍ପର୍କରେ ସୂଚିତ କରିଛି। ସବୁଠୁ ବଡ଼ ଶେୟାର ହୋଲ୍ଡର ଭାବେ ଆଦାନୀ ଶେୟାରରେ ଏହାର ପାଖାପାଖି ୩ ବିଲିୟନ ଡଲାର ଶେୟାର ରହିଛି। ଫଣ୍ଡ୍ କିମ୍ବା ଆଦାନୀ ଫାର୍ମଗୁଡ଼ିକ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା କୌଣସି ଯାଞ୍ଚ କରାଯାଇ ନ ଥିଲା ବୋଲି ପାର୍ଲାମେଣ୍ଟକୁ କୁହାଯାଇଛି। ୨୦୨୧ରେ ସରକାର କହିଥିଲେ, ସେବି ଆଦାନୀର କେତେକ ଅଭିଯୋଗ ଉପରେ ନିରୀକ୍ଷଣ କରୁଛି ଏବଂ ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ ଆଦାନୀ ଗ୍ରୁପ୍‌ର କେତେକ ନିର୍ଦ୍ଦିଷ୍ଟ ସଂସ୍ଥା ଉପରେ ତଦନ୍ତ କରୁଛି। ହେଲେ ଏଯାବତ ସେ ସମ୍ପର୍କରେ କିଛି ପ୍ରକାଶ କରାଯାଇ ନାହିଁ। ଏପରିକି ବ୍ଲୁମ୍‌ବର୍ଗ ନ୍ୟୁଜ ଯେତେବେଳେ ପ୍ରକାଶ ପାଇଲା ସେତେବେଳେ ଫଣ୍ଡ୍‌ଗୁଡ଼ିକ ପାଇଁ ଉତ୍ତରଦାୟୀ ମର୍କୁସ ବିଟ୍ ଡାଙ୍ଗେଲ, ଆନ୍ନା ଲୁଜିଆ ଭନ୍ ସେଙ୍ଗର ବର୍ଗର ଏବଂ ଆଲାଷ୍ଟେୟାର ଗୁଗେନବୁକି ଏଭିନ ଏବଂ ୟୋନ୍‌କା ଏଭିନ ଗୁଗେନବୁକିଙ୍କ ନାମ ପାର୍ଲାମେଣ୍ଟରେ ପ୍ରକାଶ କରାଯାଇଥିଲେ ମଧ୍ୟ ସେମାନଙ୍କ ସହ ଯୋଗାଯୋଗର ସବିଶେଷ ତଥ୍ୟ ଏହା ପାଇପାରି ନ ଥିଲା ଏବଂ ଏ ସମ୍ପର୍କରେ ସରକାରଙ୍କର କୌଣସି ପ୍ରତିକ୍ରିୟା ନ ଥିଲା।

ହିଣ୍ଡେନ୍‌ବର୍ଗ ଆଉ କିଛି ବିଷୟ ଜାଣିବାକୁ ପାଇଛି , ଯାହା ଅତ୍ୟନ୍ତ ଚିନ୍ତାଜନକ। ଉଦାହରଣ ସ୍ୱରୂପ, ନିକଟରେ ସର୍ବସାଧାରଣ ଟ୍ରେଡିଂ ପାଇଁ ଶେୟାର ବଜାରରେ ସୂଚୀଭୁକ୍ତ ଆଦାନୀ ଏଣ୍ଟରପ୍ରାଇଜେସ୍ ପୁଣି ବିକ୍ରି ପାଇଁ ୨୦,୦୦୦ କୋଟି ଟଙ୍କାର ଶେୟାର ସ୍ଥିର କରିଛି। ହିଣ୍ଡେନ୍‌ବର୍ଗ କହିଛି, ସ୍ୱାଧୀନ ଭାବେ ଏହାର ଅଡିଟ୍ କରୁଛି ଶାହା ଧନଧାରିଆ। ଏଥିରେ ୪ ଜଣ ଭାଗୀଦାରି ଏବଂ କେବଳ ୧୧ ଜଣ କର୍ମଚାରୀ ଅଛନ୍ତି। ଏହି ଫାର୍ମ ମଧ୍ୟ ଆଦାନୀ ଟୋଟାଲ ଗ୍ୟାସ୍‌ର ଅଡିଟ୍ କରୁଛି। ଆଉ ଗୋଟିଏ କଥା ଜାଣିବା ଦରକାର, ଏହି ଅଭିଯୋଗଗୁଡ଼ିକ ପ୍ରତିଷ୍ଠିତ ନ୍ୟୁଜ ଏଜେନ୍ସିଗୁଡ଼ିକ ଦ୍ୱାରା ସାମ୍ନାକୁ ଅଣାଯାଇଥିଲେ ବି ଏଥିରେ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ନଭେମ୍ବର ୨୦୨୦ରେ ଫାଇନାନ୍ସିଆଲ ଟାଇମ୍ସ ଏକ ରିପୋର୍ଟରେ ପ୍ରକାଶ କରିଥିଲା ଯେ, ୨୦୧୮ରେ ବିମାନବନ୍ଦରର ଘରୋଇକରଣବେଳେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କୌଣସି ଅଭିଜ୍ଞତା ନ ଥାଇ ଆଦାନୀଙ୍କୁ ୬ଟି ବିମାନବନ୍ଦର ପ୍ରଦାନ କରିବାକୁ ସରକାର ଅନୁମତି ଦେଇଥିଲେ। ଫଳରେ ରାତାରାତି ଆଦାନୀ ଦେଶରେ ଜଣେ ସବୁଠୁ ବଡ଼ ଘରୋଇ ବିମାନବନ୍ଦର ସଞ୍ଚାଳକ ପାଲଟିଗଲେ।

ଆଦାନୀ ଗ୍ରୁପ୍ ଉପରେ ଅଣାଯାଇଥିବା ଅଭିଯୋଗଗୁଡ଼ିକ ଉପରେ ଏଯାବତ୍ ସରକାର ନୀରବ ରହିଛନ୍ତି। କିଛି ପରିଣାମ ନ ଆସିଲେ ବି ଏଥିରେ ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ, କାରଣ ଦେଖିବାକୁ ଗଲେ ଅତୀତରେ ମଧ୍ୟ ଏହା ଉପରେ କୌଣସି ପରିଣାମ ସାମ୍ନାକୁ ଆସିନାହିଁ। କିନ୍ତୁ ଆଦାନୀଙ୍କ ଭଳି ଦେଶର କେତେଜଣ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପାଇଁ ଅତି ପୁଞ୍ଜିବାଦ ଏବଂ ଆଇନର ଶାସନକୁ ନେଇ ଆର୍ଥିକ ଯୋଜନା କରାଯାଉଛି। ଏହାକୁ ନେଇ ସରକାରଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଛି। ହେଲେ ଏହାର ଉତ୍ତର ଏଯାବତ ମିଳିପାରିନାହିଁ। ତେବେ ହିଣ୍ଡେନ୍‌ବର୍ଗ ବିରୋଧରେ ମାମଲା ଦାଏର କରାଯିବ ବୋଲି ଆଦାନୀ ସୂଚିତ କରିଛନ୍ତି। ହିଣ୍ଡେନ୍‌ବର୍ଗ ଏହି ନ୍ୟାୟିକ ଲଢ଼େଇର ଆହ୍ୱାନକୁ ସ୍ୱାଗତ କରିଛି ଓ ଆମେରିକାରେ ତା' ବିରୋଧରେ ମାମଲା ଦାଏର କରିବାକୁ ଆଦାନୀଙ୍କୁ କହିଛି। କମ୍ପାନୀ ସେଠାରେ ତାହାର ସବୁ ତଥ୍ୟ ଉପସ୍ଥାପନ କରିବ ବୋଲି ଜଣାଇଛି। ଆଶା ରଖିବା ଏହି ମାମଲା ଦାୟର ହେଉ ଯାହାଦ୍ୱାରା ସବୁ ବିଷୟ ସ୍ପଷ୍ଟ ହୋଇଯିବ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 5 | | | | 6 | | 8 | |
| | | | | | | | 3 | |
| | | | 4 | | 5 | 9 | | 7 |
| 1 | 9 | 7 | | | | | | |
| | | 3 | 5 | | | | | |
| | | 6 | 9 | | | 3 | | |
| 4 | 1 | | | | | | 2 | |
| | 8 | | | | 4 | | | 6 |
| | | | | 2 | | | 7 | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 7 | 8 | 3 | 9 | 1 | 5 | 2 |
| 5 | 9 | 2 | 6 | 1 | 7 | 3 | 8 | 4 |
| 3 | 1 | 8 | 5 | 2 | 4 | 9 | 6 | 7 |
| 9 | 2 | 6 | 7 | 4 | 5 | 8 | 1 | 3 |
| 1 | 5 | 3 | 2 | 6 | 8 | 4 | 7 | 9 |
| 7 | 8 | 4 | 3 | 9 | 1 | 5 | 2 | 6 |
| 6 | 4 | 9 | 1 | 5 | 2 | 7 | 3 | 8 |
| 2 | 7 | 1 | 9 | 8 | 3 | 6 | 4 | 5 |
| 8 | 3 | 5 | 4 | 7 | 6 | 2 | 9 | 1 |

ଗତ କାଲିର ଉତ୍ତର

# ଧୃତରାଷ୍ଟ୍ରୀୟ ପିତୃତ୍ୱ



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ପିତୃତ୍ୱ ବୋଧହୁଏ ପ୍ରତ୍ୟେକ ପୁରୁଷ ଜୀବନ ପାଇଁ ଏକ ବାଞ୍ଛିତ ବରଦାନ। ସଭିଙ୍କୁ ପିତୃତ୍ୱର ମୁଗ୍ଧ ଅନୁଭବ ସବୁବେଳେ ସମ୍ମୋହିତ କରିଆସିଛି। ପ୍ରତ୍ୟେକ ସନ୍ତାନ ନିଜ ପିତାଙ୍କ ସତ୍ତାର ସଯତ୍ନ ଲାଳିତ ସନ୍ତକନାମା, ନିଜ ଅଚିର ଅସ୍ତିତ୍ୱର ସଙ୍କେତ ଓ ସମ୍ଭାବନା। ସୁତରାଂ, ମା' ଗର୍ଭରୁ ଭୂମିଷ୍ଠ ହୋଇ ପୁଅଟି ପୃଥିବୀର ପ୍ରଥମ ଆଲୋକ ସଂସ୍ପର୍ଶରେ ଆସିବାଠାରୁ ସେ ନିଜେ ଶେଷ ଆଲୋକ ଦେଖିବାଯାଏ ପିତାଟିଏ ନିଜ ମଧ୍ୟରେ ତା' ସନ୍ତାନକୁ ଦେଖୁଥାଏ ଓ ସନ୍ତାନ ମଧ୍ୟରେ ନିଜକୁ ଖୋଜୁଥାଏ। ସନ୍ତାନର ଦୀର୍ଘାୟୁ କାମନା କରି ସେ ମନ୍ଦିରରେ ପୂଜାପାଠ କରେ ଓ ତା'ର ଭବିଷ୍ୟତ ଗଢ଼ିବାକୁ ନିଜ ବର୍ତ୍ତମାନକୁ ଉଜାଡ଼ି ଦେଇଥାଏ। ପୁଅଟି ବୁଝୁ କି ନ ବୁଝୁ, ସେ ନିଜକୁ ବୁଝାଏ ଯେ, ତା' ଜୀବନ ନିଜ ପାଇଁ ନୁହେଁ ; ନିଜ ସନ୍ତାନ ପାଇଁ ହିଁ ଅଭିପ୍ରେତ! ସୃଷ୍ଟିର ଏହି ସଚରାଚର ସଂଘଟନ ବାହାରେ କିଛି ପିତାଙ୍କ ଅନ୍ଧ ବାତ୍ସଲ୍ୟ ଏମିତି ଉତ୍କଟ ଭାବେ ସେମାନଙ୍କୁ ଆକ୍ରାନ୍ତ କରିଥାଏ ଯେ, ସେମାନଙ୍କ ସନ୍ତାନ ସଂସ୍କାରର ବାଟ ହୁଡ଼ି ଅବାଟରେ ପାଦ ବଢ଼ାଇଲେ ମଧ୍ୟ ଅତିରିକ୍ତ ପୁତ୍ରପ୍ରେମରେ ଏହା ତାଙ୍କୁ ଦେଖାଯାଏ ନାହିଁ, ଠିକ୍ ଧୃତରାଷ୍ଟ୍ରଙ୍କ ପରି। ଧୃତରାଷ୍ଟ୍ର କେବଳ ଶାରୀରିକ ଭାବେ ଚକ୍ଷୁହୀନ ନ ଥିଲେ। ନିଜ ସନ୍ତାନଙ୍କ ପ୍ରତି ଏକ ବିଚିତ୍ର ବାତ୍ସଲ୍ୟର ଅତିରିକ୍ତ ମୋହ ତାଙ୍କ ଚେତନାକୁ ଅନ୍ଧ କରିଦେଇଥିଲା। ତାଙ୍କ ଉଦଣ୍ଡ ସନ୍ତାନଙ୍କ ଉତ୍ପାତ ଅତି ଉତ୍କଟ ଭାବେ ଅନ୍ୟମାନଙ୍କ ଦ୍ୱାରା ଅନୁଭୂତ ହେଉଥିଲେ ବି ତାଙ୍କ ଆଖିରେ ସେମାନେ ଥିଲେ ସୁନାମୁଣ୍ଡା। ବ୍ୟକ୍ତିସ୍ୱାର୍ଥର ବିଚାର ତାଙ୍କୁ ଏମିତି କବଳିତ କରି ରଖିଥିଲା ଯେ, ତାଙ୍କ ଅନ୍ତଃଚକ୍ଷୁ ମଧ୍ୟ ଅକାମୀ ହୋଇଯାଇଥିଲା। ବିଡ଼ମ୍ବନାର ବିଷୟ, ଧୃତରାଷ୍ଟ୍ରଙ୍କ ପିତୃତ୍ୱର ଦୃଷ୍ଟାନ୍ତ କେବଳ ସେକାଳର ମହାଭାରତ ସହ ସରିଯାଇନାହିଁ। ଏଯାଏ ବି ବହୁ ଧୃତରାଷ୍ଟ୍ର ଏଠି ଆତଯାତ ହେଉଛନ୍ତି। ସେମିତି ଜଣେ ଧୃତରାଷ୍ଟ୍ରଙ୍କ କଥା। ଏ ଧୃତରାଷ୍ଟ୍ର ସେ ଧୃତରାଷ୍ଟ୍ରଙ୍କ ପରି ଶାରୀରିକ ଭାବେ ଚକ୍ଷୁହୀନ ନ ଥିଲେ ମଧ୍ୟ ନିଜ ପୁଅ ପାଇଁ ଅନ୍ଧ ବାତ୍ସଲ୍ୟରେ ଆକ୍ରାନ୍ତ ହୋଇ ସାମ୍ନାରେ ଥିବା ସତ୍ୟକୁ ଦେଖି ପାରୁନଥିଲେ। ତାଙ୍କ ଅନ୍ତଃଚକ୍ଷୁର ଅନ୍ଧତ୍ୱ ପାଇଁ ଜଣେ ପରିଚିତ ପଡ଼ୋଶୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। କଥା ହେଲା, ଏହି ନବ୍ୟ ଧୃତରାଷ୍ଟ୍ରଙ୍କ ଦିବ୍ୟ ନନ୍ଦନ ଦୁର୍ଯ୍ୟୋଧନ ଏକ ନିଭୃତ ସ୍ଥାନରେ ସାଙ୍ଗମାନଙ୍କ ସହ ଗଞ୍ଜେଇ ସେବନ କରୁଥିବାବେଳେ ଏହି ବିଷମ ଦୃଶ୍ୟଟିକୁ ଦେଖିଲେ ଧୃତରାଷ୍ଟ୍ରଙ୍କ ଜଣେ ଶୁଭେଚ୍ଛୁ ବନ୍ଧୁ। ଆଗକୁ ବହୁ ପଥ ବାକି ରହିଥିବାବେଳେ ତାରୁଣ୍ୟର ଏହି ଅପଯାତ୍ରା ପିଲାଟି ପାଇଁ ଭୟଙ୍କର ହେବ ବୋଲି ବିଚାରି ସେ ଏକାନ୍ତରେ ନିଜ ବନ୍ଧୁଙ୍କୁ ଚେତାଇଦେଲେ। ନିଜ ତରୁଣ ପୁଅ ସମ୍ପର୍କରେ ଏପରି ଏକ ଦୁଃସମ୍ବାଦ ପାଇ ଯେ କେହି ବାପା ଚିନ୍ତିତ ହେବା ଓ ସମ୍ବାଦଟିର ସତ୍ୟତା ପରଖିବା ପାଇଁ ଅନ୍ୟ କିଛି ସୂତ୍ରରୁ ଅନୁସନ୍ଧାନ କରିବା ଅତ୍ୟନ୍ତ ସ୍ୱାଭାବିକ ଥିଲା। ମାତ୍ର ଆମର ଏ ଧୃତରାଷ୍ଟ୍ର ବାବୁ ଜଣଙ୍କ କହିଲେ, ''ମୁଁ ତା' ବୟସର ହୋଇଥିଲା ବେଳେ ଲୁଚାଇ ଲୁଚାଇ ସିଗାରେଟ୍ ଟାଣୁଥିଲି। ଏବେ ସମୟ ବଦଳିଛି। ପିଲାମାନେ ଅଧିକ ଆଧୁନିକ ହେଲେଣି ପରା!'' ବନ୍ଧୁଜଣକ ନୀରବି ଯାଇଥିଲେ ଆଉ କଥା ନ ଥା'ନ୍ତା। ମାତ୍ର ପର ପର୍ଯ୍ୟାୟରେ ତାଙ୍କୁ ସେହି ଧୃତରାଷ୍ଟ୍ରଙ୍କଠୁଁ ଯେଉଁ ପରାଭବ ଭୋଗିବାକୁ ପଡ଼ିଥିଲା, ତାହା ଉପରେ ପଡ଼ି ସଦାଚାର ସପକ୍ଷରେ ଉପଦେଶ ଦେଉଥିବା ସଜ୍ଜନମାନଙ୍କୁ ନିରୁତ୍ସାହିତ କରିବ ବୋଲି ଭାବି ସର୍ବାଦୌ ଅପ୍ରକାଶ୍ୟ ରହିବା ବାଞ୍ଛନୀୟ! ଜଣେ ପଥହୁଡ଼ା ତରୁଣକୁ ଶୋଧନ କରିବାକୁ ଯାଇ ଆହତ ଓ ଅପମାନିତ ହେବା ସହିତ ସ୍ତ୍ରୀଙ୍କଠାରୁ ଧିକ୍କାର ଶୁଣିଥିବା ବନ୍ଧୁ ତଥାପି ବ୍ୟସ୍ତବିବ୍ରତ ହୋଇପଡୁଥିଲେ ସେଇ ପିଲାଟି ପାଇଁ। ସେ ଭାବୁଥିଲେ, ଏମିତି ବାପାଙ୍କଠୁ କଠୋର ଅନୁଶାସନ ପରିବର୍ତ୍ତେ ଏକ ଲଗାମହୀନ କାରୁଣ୍ୟର ସବୁଜ ସଂକେତ ମିଳିଗଲା ପରେ ପୁଅଟି ରାବଣ ନ ହୋଇ ରାମ ହେବା ପାଇଁ କାହିଁକି ବା ମନ ବଳାଇବ! ସୁତରାଂ, ସେ ଗଞ୍ଜେଇ ଛାଡ଼ି କାଲି ବ୍ରାଉନ୍‌ସୁଗାର ଖାଇବ, ବହୁ ଲୋକଙ୍କୁ ଅସମ୍ମାନିତ କରିବ ; ତା' ବାପାଙ୍କ ବୋଝ ଉଠାଇବା ପରିବର୍ତ୍ତେ ସମଗ୍ର ସମାଜ ଉପରେ ବୋଝ ହୋଇ ପଡ଼ିବ ଓ ମହାଭାରତର ଦୁର୍ଯ୍ୟୋଧନ ପରି କାହାର ଜୀବନ ନେବାର ଉପକ୍ରମ କରି ଅକାଳରେ ନିଜ ଜୀବନ ହରାଇ ବସିବ।

ଆଉ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଦୃଷ୍ଟାନ୍ତ। ପ୍ରାୟ



ଦଶବର୍ଷ ପୂର୍ବରୁ ପ୍ରଧାନଶିକ୍ଷକ ପଦରୁ ଅବସର ନେଇଥିବା ଜଣେ ବ୍ୟକ୍ତି ସେଦିନ ସନ୍ଧ୍ୟାରେ ରାଜଧାନୀର ଏକ ଗଳିରାସ୍ତା ଦେଇ ପଦଚାରଣ କରୁଥିବାବେଳେ କାନରେ ମୋବାଇଲ ଦେଇ ଗୋଟିଏ ହାତରେ ସ୍କୁଟି ଚଳାଉଥିବା ଜଣେ କିଶୋରୀ କନ୍ୟା ତାଙ୍କୁ ଧକ୍କା ଦେଇ ତଳେ ପକାଇଦେଲେ। ସାମାନ୍ୟ ଆହତ ହୋଇଥିବା ବାଳିକାଟିକୁ ବୃଦ୍ଧ ମହୋଦୟ ଅଭିଭାବକୀୟ ଆକଟ କରି ଗାଡ଼ି ଚଳାଉଥିବାବେଳେ ମୋବାଇଲ କାହିଁକି ବ୍ୟବହାର କରୁଛ ବୋଲି ତାଗିଦା କଲାରୁ ଝିଅଟି ଉତ୍ତର ଦେଲା, ''ତେବେ ମୋବାଇଲ ହୋଇଛି କାହିଁକି?'' ଏହାପରେ ବୃଦ୍ଧଙ୍କର ଝାଡ଼ିଝୁଡ଼ି ହୋଇ ଚୁପ୍‌ଚାପ୍ ଚାଲିଯିବାର ଥିଲା। ମାତ୍ର ସେ ତାହା ନ କରି ଏକ ଶିକ୍ଷକୀୟ ସଂସ୍କାର ନେଇ ପାଖ ଦୋକାନୀଠାରୁ କିଶୋରୀଟିର ଠିକଣା ଠାବ କଲେ ଓ ଏତେ କଅଁଳ ବୟସରେ ତା'ର ଏ ପ୍ରକାର ଉଦ୍ଦାମତା ଭବିଷ୍ୟତରେ ତା' ପାଇଁ ଅନିଷ୍ଟକର ହୋଇପାରେ ବୋଲି ତା'ବାପାଙ୍କୁ ଚେତାଇଦେଲେ। ମାତ୍ର ଆଚାର୍ଯ୍ୟ ମହୋଦୟଙ୍କ ଚେତାବନୀରେ ଭୟଙ୍କର ଭାବେ ତାତି ଉଠିଲେ କିଶୋରୀଟିର ବାପା। କହିଲେ, ''ମୋ ଝିଅର ଭବିଷ୍ୟତ ପ୍ରତି ଦୃଷ୍ଟିଦେବାକୁ ମୁଁ ତ ଆପଣଙ୍କୁ ନିଯୁକ୍ତି ଦେଇନାହିଁ! ବିନା ନିଯୁକ୍ତି ବା ନିମନ୍ତ୍ରଣରେ ଆପଣ ମୋ ଘରଯାଏ ଚାଲି ଆସିଲେ କିପରି?'' ଅପମାନିତ ବୃଦ୍ଧଙ୍କ ବାହୁଡ଼ି ଆସିବାକୁ ତର ସହିଲା ନାହିଁ।

ନିକଟରେ ଆମେରିକାର ଏକ ବିଚାରାଳୟ ଜଣେ କିଶୋର ଅପରାଧୀର ବିଚାର କରି ତା'କୁ ଦଣ୍ଡିତ କରିବା ପରିବର୍ତ୍ତେ ତା' ମା'ବାପାଙ୍କ ପ୍ରତି ଦଣ୍ଡବିଧାନ କରିଛନ୍ତି। ଆମ ଆଲୋଚିତ ଦୁଇ ବାପାଙ୍କ ପରି ହୋଇଥିବେ ବୋଧହୁଏ ସେଇ ବାପା ମା' ନୁହେଁ; ଯାହାଙ୍କ ପାଖରେ ନିଜ ପୁଅର ଚାଲିଚଳଣ ବା ଅଭ୍ୟାସ ଆଚରଣ ଖବର ନେବାକୁ ସମୟ ନ ଥିବ ବା ଯେତେବେଳେ ବି ଥିବ, ସେତେବେଳେ ଏକ ଅନ୍ଧ ବାତ୍ସଲ୍ୟ ତାଙ୍କୁ ଏମିତି ଆବୋରି ବସିବ ଯେ ସେ କିଛି ଦେଖିପାରୁ ନ ଥିବେ! ଯେ ପ୍ରସଙ୍ଗରେ ଆମ ଲୋକକଥାର ଛୋଟ ଆଖ୍ୟାନଟିଏ। ନିଜ ମାଆର ପ୍ରତ୍ୟକ୍ଷ ପ୍ରରୋଚନାରେ ପ୍ରଥମେ କାକୁଡ଼ି, କଦଳୀ ଚୋରି କରି ପରେ ବଡ଼ ଡକାୟତଟିଏ ପାଲଟି ଯାଇଥିବା ପୁଅ ଯେତେବେଳେ ଧରାପଡ଼ି ଫାଶୀ ପାଇଲା, ସେତେବେଳେ ତାକୁ ପଚରା ଯାଇଥିଲା ''ମୃତ୍ୟୁ ପୂର୍ବରୁ ତୋର ଶେଷ ଇଚ୍ଛା କ'ଣ?'' ଉତ୍ତରରେ ପୁଅଟି ଶେଷଥର ପାଇଁ ନିଜ ମାଆକୁ ଭେଟିବାକୁ ଚାହିଁଲା। ମାଆକୁ ଭେଟୁ ଭେଟୁ ପୁଅଟି ତା' କାନକୁ ଦାନ୍ତରେ କାମୁଡ଼ି ଛିଣ୍ଡାଇ ଦେଇ କହିଲା, ''ମୋ ଅଭିଶପ୍ତ ଜୀବନର ଯେଉଁ ଆଦ୍ୟ ଅଧ୍ୟାୟ ତୋର ପିଠି ଥାପୁଡାଠୁଁ ଆରମ୍ଭ ହୋଇଥିଲା, ଏ ଛିଣ୍ଡା କାନଟି ହେଉଛି ତାହାର ଏକ ସତେଜ ସ୍ମାରକୀ। ଏ ସ୍ମାରକୀ ସବୁଦିନ ପାଇଁ ଗୋଟିଏ ନିଷ୍ଠୁର ସତ୍ୟକୁ ସ୍ମରଣ କରାଇ ଦେଉଥିବ ଯେ ତୋର ସହଯୋଗ ମିଳି ନ ଥିଲେ ଅକାଳରେ ମୁଁ ଫାଶୀ ପାଇ ନ ଥା'ନ୍ତି!'' ଆମ ଆଲୋଚିତ ଧୃତରାଷ୍ଟ୍ର ପିତା ଦୁହେଁ ଛିଣ୍ଡାକାନର ଏକ କାହାଣୀଟି ପଢ଼ିଥିବେ କି ନାହିଁ କେଜାଣି!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ: ୮୮୯୫୬୨୪୧୦୫

# ଜନହିତୈଷୀ ପ୍ରଯୁକ୍ତିବିତ୍

## ବ୍ୟକ୍ତିତ୍ୱ



ସୁଧା ମୂର୍ତ୍ତି

ଜନହିତକର କାର୍ଯ୍ୟ କରିବା ଲାଗି ଗୋଟେ ମିଜାଜ୍ ଥିବା ଦରକାର। ଜଣେ ନିର୍ଦ୍ଧନ ହୁଅନ୍ତୁ ବା ଧନୀ, ମନ ଦୃଢ଼ ଥିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହୁଏ। ତୁଳନାତ୍ମକ ଭାବେ ଦେଖିଲେ ଅଧିକ ଅର୍ଥ ଉପାର୍ଜନ କରୁଥିବା ବ୍ୟକ୍ତି ସମାଜର ମଙ୍ଗଳ କରିବା ଲାଗି ଆଗେଇ ଆସିଲେ ଅନେକେ ଉପକୃତ ହୋଇଥାଆନ୍ତି। ପାଶ୍ଚାତ୍ୟରେ ଧନୀମାନେ ସେମାନଙ୍କ ସମ୍ପତ୍ତିର କିଛି ଅଂଶ ଲୋକକଲ୍ୟାଣ ସକାଶେ ବିନିଯୋଗ କରିଥାଆନ୍ତି। ଭାରତରେ ଏମାନଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଥାଏ। ସେହି କମ୍ ସଂଖ୍ୟକ ବର୍ଗରେ ଯିଏ ସାମିଲ ହୋଇଥାଆନ୍ତି ସେମାନଙ୍କ ବିଷୟରେ ଚର୍ଚ୍ଚା ହୋଇଥାଏ। ପୁଣି ମହିଳା ହୋଇଥିଲେ ସେମାନେ ବାରି ହୋଇପଡ଼ିଥାଆନ୍ତି। ବହୁରାଷ୍ଟ୍ରୀୟ ସୂଚନା ଓ ପ୍ରଯୁକ୍ତି କମ୍ପନୀ ଇନ୍‌ଫୋସିସ୍‌ର ଅନ୍ୟତମ ସହଯୋଗୀ ସୁଧା ମୂର୍ତ୍ତିଙ୍କ ନାମ ଉଚ୍ଚାରଣ କଲେ ତାଙ୍କ ଜନହିତୈଷୀ କାର୍ଯ୍ୟାବଳୀ ବିଷୟରେ ବହୁ ତଥ୍ୟ ସାମ୍ନାକୁ ଆସିଥାଏ। ଜଣେ ମହିଳା ଇଞ୍ଜିନିୟର, ଶିକ୍ଷାବିତ୍ ତଥା ଲେଖିକା ଭାବେ ସେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ୨୦୨୩ ପାଇଁ ଭାରତର ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଭୂଷଣ' ସୁଧା ମୂର୍ତ୍ତିଙ୍କ ନାମ ପୂର୍ବରୁ ବିଶେଷଣ ଭାବେ ଲାଗିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଅଧିକ ଉଜ୍ଜ୍ୱଳ ହୋଇଛି। ପ୍ରତିକ୍ରିୟାରେ ସେ କହିଛନ୍ତି, ଜୀବନରେ ଛୋଟିଆ କିଛି କାମ କରିଛନ୍ତି। ହେଲେ ବଡ଼ ମାନ୍ୟତା ମିଳିବା ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

କର୍ନାଟକର ହାଭେରି ଅନ୍ତର୍ଗତ ଶିଗାଓଁ ରେ ୧୯ ଅଗଷ୍ଟ ୧୯୫୧ରେ ସୁଧା ମୂର୍ତ୍ତି ଦେଶାସ୍ଥ ମାଧବ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିତା ଆର୍.ଏଚ୍. କୁଲକର୍ଣ୍ଣି ଡାକ୍ତର ଥିବା ବେଳେ ମାତା ବିମଳା କୁଲକର୍ଣ୍ଣି ଥିଲେ ଶିକ୍ଷୟିତ୍ରୀ। ମାତାପିତା ଓ ଆଈଅଜାଙ୍କ ଦ୍ୱାରା ସେ ବଢ଼ିଥିଲେ। ପିଲାବେଳୁ ସୁଧା ଅତି ମେଧାବୀ ଥିଲେ। ବି. ଭି. ବି କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ବର୍ତ୍ତମାନ କେଏଲ୍‌ଇ ଟେକ୍ନୋଲୋଜିକାଲ ୟୁନିଭର୍ସିଟି)ରେ ସେ ଇଲେକ୍‌ଟ୍ରିକାଲ ଆଣ୍ଡ୍ ଇଲେକ୍ଟ୍ରୋନିକସ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହି ଉଚ୍ଚଶିକ୍ଷା ତାଙ୍କୁ ଭାରତର ବୃହତ୍ ଗାଡ଼ି ନିର୍ମାଣକାରୀ ସଂସ୍ଥା ଟାଟା ଇଞ୍ଜିନିୟରିଂ ଆଣ୍ଡ୍ ଲୋକୋମୋଟିଭ୍ କମ୍ପାନୀ (ଟେଲ୍‌କୋ)ରେ ପ୍ରଥମ ମହିଳା ଇଞ୍ଜିନିୟର ହେବାର ସୁଯୋଗ ଦେଇଥିଲା। ପୁଣେରେ ଡେଭଲପ୍‌ମେଣ୍ଟ ଇଞ୍ଜିନିୟର ଭାବେ ସେ ଯୋଗ ଦେଇଥିଲେ। ପରେ ମୁମ୍ବାଇ ଓ ଜାମ୍‌ସେଦ୍‌ପୁରରେ କାର୍ଯ୍ୟ କରିଥିଲେ। ସାହସ କୁଳାଇ ସେ କମ୍ପାନୀର ଅଧ୍ୟକ୍ଷଙ୍କୁ ପତ୍ର ଲେଖି ସଂସ୍ଥାରେ କାହିଁକି କେବଳ ପୁରୁଷ କର୍ମଚାରୀ ରହିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ତାଙ୍କ ସ୍ୱାଧୀନଚେତା ଚିନ୍ତାଧାରା ଓ ଲିଙ୍ଗ ନିରପେକ୍ଷ ଆଭିମୁଖ୍ୟ ଟେଲ୍‌କୋ ଭିତରେ ଗୁଞ୍ଜରଣ ସୃଷ୍ଟି କରିଥିଲା। ତେବେ ପରବର୍ତ୍ତୀ ସମୟରେ ସୁଧା ପୁଣେର ୱାଲ୍‌ଚାନ୍ଦ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍‌ରେ ସିନିୟର ସିଷ୍ଟମ୍ସ ଆନାଲିଷ୍ଟ ଭାବେ ଯୋଗ ଦେଇଥିଲେ। ପ୍ରଯୁକ୍ତିକୁ ବ୍ୟବହାର କରି ସେ ଅର୍ଜନ କରିଥିବା ଅଭିଜ୍ଞତାକୁ ଜୀବନରେ ଉପଯୋଗ କରିବା ଲାଗି ୧୯୯୬ରେ ଆରମ୍ଭ କରିଥିଲେ ଇନ୍‌ଫୋସିସ୍ ଫାଉଣ୍ଡେଶନ। ତାହାର ଟ୍ରଷ୍ଟି ରହିଥିବା ସୁଧା ପିଜି ସେଣ୍ଟର ଅଫ୍ ବାଙ୍ଗାଲୋର ୟୁନିଭର୍ସିଟିରେ ଭିଜିଟିଂ ପ୍ରଫେସର ଅଛନ୍ତି। ସେ ମଧ୍ୟ ଖ୍ରୀଷ୍ଟ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି।

ପ୍ରଯୁକ୍ତିକୁ ନେଇ ଚାକିରି, ଉଦ୍ୟୋଗ ଗଢ଼ିବା ଓ ଶିକ୍ଷାଦାନ କରିବା ବ୍ୟତୀତ ତାଙ୍କୁ ଅଧିକ ପରିଚୟ ଦେଇଥିବା କ୍ଷେତ୍ର ପାଲଟିଯାଇଛି ଲେଖାଲେଖି ଓ ଜନହିତୈଷୀ ପଦକ୍ଷେପ। ଉପନ୍ୟାସ, ବାସ୍ତବଧର୍ମୀ ପୁସ୍ତକ ରଚନା, ଭ୍ରମଣ କାହାଣୀ, ପ୍ରଯୁକ୍ତି ଆଧାରିତ ବହି ଓ ଜୀବନୀ ଲେଖାରେ ସୁଧାଙ୍କ ପଟୁତା ରହିଛି। ପିଲାମାନଙ୍କ ପାଇଁ କ୍ଷୁଦ୍ର ଗଳ୍ପ ରଚନା କରି ସେ ଅସଂଖ୍ୟା ପାଠକୀୟ ସ୍ୱୀକୃତି ପାଇଛନ୍ତି। ତାଙ୍କ ବ୍ୟକ୍ତିଗତ ଜୀବନ କହିଲେ ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍.ଆର୍. ନାରାୟଣ ମୂର୍ତ୍ତି ତାଙ୍କ ସ୍ୱାମୀ। ପୁଣେରେ ଟେଲ୍‌କୋରେ ଚାକିରି କରୁଥିବା ବେଳେ ସେ ତାଙ୍କୁ ବିବାହ କରିଥିଲେ। ଦମ୍ପତିଙ୍କ ଦୁଇ ସନ୍ତାନ। ଫେଶନ ଡିଜାଇନର ଝିଅ ଅକ୍ଷତା ମୂର୍ତ୍ତି ଓ ତାଙ୍କ ସ୍ୱାମୀ ଋଷି ସୁନକ ଏବେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ। ସୁଧା ମୂର୍ତ୍ତି ଅନେକ ଅନାଥାଶ୍ରମ ପ୍ରତିଷ୍ଠା କରିଛନ୍ତି। ଗ୍ରାମୀଣ ବିକାଶ ଦିଗରେ ଯୋଗଦାନ ଏବଂ କର୍ନାଟକର ସମସ୍ତ ସରକାରୀ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦେବା ସହ ପାଠାଗାର ସୁବିଧା କରିପାରିଥିବାରୁ ସେ ଶୈକ୍ଷିକ ଦୁନିଆରେ ବିପ୍ଳବ ଆଣିପାରିଛନ୍ତି। ୨୦୦୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନ ସହ ବହୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ନ୍ୟାୟିକ ବ୍ୟବସ୍ଥାରେ ଡ୍ରେସ୍ କୋଡ୍‌ର ଗୁରୁତ୍ୱ କେତେ ଅଛି ତାହା ସ୍ପଷ୍ଟ ହୋଇଛି ଗୁଆହାଟୀ ହାଇକୋର୍ଟରେ। କୋର୍ଟ ପରିସରରେ ଜଣେ ଆବେଦନକାରୀଙ୍କ ଆଇନଜୀବୀ ଜିନ୍ସ ପିନ୍ଧିଥିବାରୁ ଗୁଆହାଟୀ ହାଇକୋର୍ଟ ଏକ ମାମଲାର ଶୁଣାଣି ସ୍ଥଗିତ ରଖିଛନ୍ତି। କେବଳ ଏତିକି ନୁହେଁ, ତାଙ୍କୁ ହାଇକୋର୍ଟ ପରିସରରୁ ବାହାରକୁ ପଠାଇବାକୁ ବିଚାରପତି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ ଆବେଦନକାରୀଙ୍କ ଆଇନଜୀବୀ ବି.କେ. ମହାଜନ ଜିନ୍ସ ପିନ୍ଧିଥିଲେ। ଉଲ୍ଲେଖଯୋଗ୍ୟ ଯେ ନ୍ୟାୟିକ ବ୍ୟବସ୍ଥା ସହିତ ଜଡ଼ିତ ଲୋକଙ୍କୁ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଡ୍ରେସ୍ କୋଡ୍ ଅନୁସରଣ କରିବାକୁ ପଡ଼ିଥାଏ। ଆଇନଜୀବୀମାନଙ୍କର ଡ୍ରେସ୍ କୋଡ୍ ଆଡ୍‌ଭୋକେଟ ଆକ୍ଟ ୧୯୬୧ ଅଧୀନରେ ଆସିଥାଏ, ଯାହା ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ନିୟମ ଦ୍ୱାରା ପରିଚାଳିତ ହୋଇଥାଏ। ଡ୍ରେସ୍ କୋଡ୍ ଅନୁଯାୟୀ ଆଇନଜୀବୀଙ୍କ ପାଇଁ ଧଳା ଶାର୍ଟ, ଧଳା ନେକ୍‌ଟାଇ ଏବଂ କଳା କୋଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏତେବେ ଗୁଆହାଟୀ ହାଇକୋର୍ଟରେ ମହାଜନ ଏହାର ବ୍ୟତିକ୍ରମ କରିଥିବାରୁ ବିଚାରପତିଙ୍କ ଦ୍ୱାରା ଅପଦସ୍ଥ ହୋଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୨୯ ଜାନୁୟାରୀ ୧୯୯୮**

- ଏକ ବୌଦ୍ଧୀୟ ଧର୍ମପୀଠରେ ଏଲ୍.ଟି.ଟି.ଇ. ଦ୍ୱାରା କରାଯାଇଥିବା ଆତ୍ମଘାତୀ ଆକ୍ରମଣ ଘଟଣାରେ ନିଜକୁ ଦାୟୀ କରି ଶ୍ରୀଲଙ୍କା ପ୍ରତିରକ୍ଷା ଉପମନ୍ତ୍ରୀ ଅନୁରୁଧ ରାତ୍ୱାତେଙ୍କ ଇସ୍ତଫା ପ୍ରଦାନ।
- କେନିଆରେ ରାଜନୈତିକ ସଂଘର୍ଷ ଘଟି ୮୦ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ।
- ରାଜୀବ ଗାନ୍ଧୀ ହତ୍ୟା ଘଟଣା ପାଇଁ ୧୬ଜଣ ଶ୍ରୀଲଙ୍କା ନାଗରିକ ସମେତ ସମସ୍ତ ୨୬ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ସ୍ୱତନ୍ତ୍ର ଅଦାଲତର ବିଚାରପତି ଭି. ନବନୀତମ୍ ସେମାନଙ୍କୁ ଫାଶି ଦଣ୍ଡାଦେଶ ଦେଇଛନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ହତାଶ ଗବେଷକ

ମହାଶୟ,

ଓଡ଼ିଶା ସରକାରଙ୍କ ଅର୍ଥନୈତିକ ଓ ପରିସଂଖ୍ୟାନ ବ୍ୟୁରୋ ତରଫରୁ ବାର୍ଷିକ ଯୋଜନା ବିବରଣୀ ପ୍ରକାଶ ପାଇଥାଏ। ବଜେଟ ପୂର୍ବଦିନ ଏହା ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଗୃହରେ ଉପସ୍ଥାପନା କରାଯାଏ। ଏହି ପୁସ୍ତକରେ ବିଦାୟୀ ବର୍ଷର ସମସ୍ତ ପରିସଂଖ୍ୟାନଗତ ବିବରଣୀ ତଥା ଯୋଜନାଗୁଡ଼ିକର ପ୍ରଗତି ପତ୍ର ଥାଏ। ଏହି ସର୍ବେକ୍ଷଣ ରିପୋର୍ଟଟି ଗବେଷଣାର ମୂଳଦୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶେଷକରି ଏମ୍‌ଫିଲ, ପିଏଚ୍‌ଡି ତଥା ଯୋଜନା ପ୍ରଣୟନକାରୀ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରତ୍ୟାଶୀଙ୍କୁ ଏହା ବିଶେଷ ସହାୟକ ହୋଇଥାଏ। କିନ୍ତୁ ଗତ କରୋନା ପରଠୁ ଖର୍ଚ୍ଚକାଟ ନିମନ୍ତେ ଏହାକୁ ଆବଶ୍ୟକ ସଂଖ୍ୟାରେ ମୁଦ୍ରଣ କରାଯାଉନାହିଁ। ୱେବ୍‌ସାଇଟରେ ଛାଡ଼ି ସମ୍ପୃକ୍ତ ବିଭାଗ ନିଜର କର୍ତ୍ତବ୍ୟ ସମ୍ପାଦନ ହୋଇଗଲା ବୋଲି ଭାବି ନେଉଛନ୍ତି। ସେମାନଙ୍କ କହିବା କଥା, ଉପରୁ ଆଦେଶ ମିଳିଛି, ୱେବ୍‌ସାଇଟରୁ ସର୍ଫିଂ କରିନିଅନ୍ତୁ। ସର୍ଫିଂ କରିନେଲେ ଯଦି ଯୋଗସୂତ୍ର ରକ୍ଷା ହେଇପାରନ୍ତା, ତେବେ ସଂପୃକ୍ତ ଅଫିସ ସହ ସମ୍ପର୍କିତ ଅଥବା ଅନ୍ୟ କିଛି କର୍ମଚାରୀଙ୍କୁ ହାର୍ଡ଼ କପି କାହିଁକି ଦିଆଯାଉଛି ବୋଲି ଗବେଷକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଣୁ ସରକାର ଏହି ଦିଗରେ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ।

**– ଅରୁଣ କୁମାର ତ୍ରିପାଠୀ, ଜୟପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

**ଜଳର ଏ ଯେ କଳ-ବେଦନା**
**ତୁଟାଇ ତବ ସବୁ ସାଧନା**
**ଝିଲ୍ଲୀ ଭେକ ଚଉପାଶରେ କାନ୍ଦଇ**
**ପରାଣ ମନ ନିଗଡ଼ ପାଶେ ବାନ୍ଧଇ।**

(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ଯୋଡା,(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା କୁନ୍ଦୁରୁ ନାଲାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରଶ୍ମିତା ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ଗାୟତ୍ରୀ ପରିବାରର ଚନ୍ଦ୍ରପ୍ରଭା ପତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଜୟ ଗୋପାଳ ଦାସ, ସମ୍ପାଦକ ଅଭିଜିତ ମୁଖାର୍ଜୀ ଓ ଗାୟତ୍ରୀ ପରିବାରର ସଦସ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଅତିଥି ପରିଚୟ ଦେଇଥିଲେ।

## ସଂକ୍ଷେପରେ

### ନବମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା
## ଜାତୀୟ ମାନବାଧିକାର କମିଶନରେ ମାମଲା

କେନ୍ଦୁଝର, ୨୮।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ବ୍ଲକ୍ ଅଞ୍ଚଳରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ଏକ ବାଳିକା ବିଦ୍ୟାଳୟରେ ନବମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକଙ୍କ ଅଭିଯୋଗରେ କମିଶନ କେସ ଡାଏରୀ ନଂ. ୧୬୨୨/୨୦୨୩ରେ ଗ୍ରହଣ କରିଥିବା ଜଣାପଡ଼ିଛି। ପିଡ଼ୀତାଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଏହାର ପ୍ରମାଣପତ୍ର ୩ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ, ଏହାର ବିଚାର ବିଭାଗୀୟ ତଦନ୍ତ କରି ୪ ସପ୍ତାହ ମଧ୍ୟରେ କମିଶନ ନିକଟରେ ଦାଖଲ କରିବାକୁ ଗୃହ ବିଭାଗର ପ୍ରମୁଖ ସଚିବଙ୍କୁ ଆଦେଶ କରିବାକୁ ନିବେଦନ କରିଛନ୍ତି। ୪ ସପ୍ତାହ ମଧ୍ୟରେ କ'ଣ ପଦକ୍ଷେପ ନିଆଯାଇଛି ତାହାର ସବିଶେଷ ରିପୋର୍ଟ ଦେବାକୁ ଆରକ୍ଷୀ ଅଧିକ୍ଷକ କେନ୍ଦୁଝରଙ୍କୁ ଆଦେଶ କରିବାକୁ ଅଭିଯୋଗରେ ଦର୍ଶାଇଛନ୍ତି।

## ଅଭିଭାବକ-ଶିକ୍ଷକ ବୈଠକ

ଗୋପବନ୍ଧୁନଗର, ୨୮।୧ (ଡି. ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ବସନ୍ତ କୁମାର ଦାଶଙ୍କ ପୌରୋହିତ୍ୟରେ ଅଭିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୪ଜଣ ଅଭିଭାବକ ଏବଂ ସମସ୍ତ ଅଧାପିକା ଅଧାପକ ଏଥିରେ ଯୋଗ ଦେଇଥିଲେ। ଶିକ୍ଷା ସଂସ୍କାର ବଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସମ୍ପର୍କରେ ଅଧ୍ୟକ୍ଷ ଦାଶ ଆଲୋକପାତ କରିଥିଲେ। ପ୍ରାଧାପକ ବସନ୍ତ କୁମାର ସାହୁ, ଅଧାପକ ବିଜୟ କୁମାର ବାରିକ, ଡ. ଶିଶିର କୁମାର ପୃଷ୍ଟି, ରବୀନ୍ଦ୍ର କୁମାର ପଣ୍ଡା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏଜେଣ୍ଡା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଭିଭାବକମାନେ ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ। ଅଣ ଶିକ୍ଷା କର୍ମୀ ସୁବ୍ରତ ଜେନା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଭାବଗ୍ରାହୀ ବେହେରା, ଗଣେଶ୍ୱର ନାୟକ, ଜଗଦୀଶ ଚନ୍ଦ୍ର ନାୟକ, ରଣଜିତ୍ ମହାନ୍ତି ଏବଂ ବାସନ୍ତୀ ଶଙ୍ଖୁଆ ବୈଠକ ପରିଚାଳନାରେ ସହଯୋଗ କରିଥିବା ବେଳେ ସୁଧାକର ଶତପଥୀ ଓ ଜ୍ୟୋତ୍ସ୍ନାରାଣୀ ବଲିୟାରସିଂ ଉପସ୍ଥିତ ଥିଲେ। ଅଧାପକ ଅଶୋକ କୁମାର ରାମ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ଔପଦା ମହୋତ୍ସବ ପାଇଁ ବୈଠକ

ଔପଦା, ୨୮।୧(ଡି.ଏନ.ଏ.)-ଔପଦାରେ ଆମ ଔପଦା ମହୋତ୍ସବର ଦ୍ୱିତୀୟ ବର୍ଷ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ମହୋତ୍ସବ ସଭାପତି ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ କମିଟିର ସଭ୍ୟମାନେ ବୈଠକରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହିତ ଏହି ମହୋତ୍ସବ ପାଳନ କରାଯିବା ପାଇଁ ଆଲୋଚନା କରିଥିଲେ। ମହୋତ୍ସବ ସମ୍ପାଦକ ଆଦିତ୍ୟ ନାରାୟଣ ବେହେରା, ବରିଷ୍ଠ ସଦସ୍ୟ ଶୁଭେନ୍ଦୁ ପଣ୍ଡା, ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ବିନୟ ପଟ୍ଟନାୟକ, କେଶବ ଚନ୍ଦ୍ର ମୁଦୁଲି, ପିତାମ୍ବର ବାରିକ, ପୂର୍ଣ୍ଣଚନ୍ଦ୍ର ସାହୁ, ଦେବେନ୍ଦ୍ର ଦାଶ, ଜଗଦୀଶ ସାହୁ, ଅନାଦି ଧଳ, ରତିକାନ୍ତ ବେହେରା, ପ୍ରମୋଦ ବେହେରା, ରାଜେନ୍ଦ୍ର ଜେନା, ଦୀପକ ମହାନ୍ତି, ଜୟନ୍ତ ସାହୁ, ରାଜେଶ କର, ମୁକ୍ତିକାନ୍ତ ସେଠୀ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପରବର୍ତ୍ତୀ ବୈଠକରେ ମହୋତ୍ସବ ହେବାର ଦିନ ଧାର୍ଯ୍ୟ ପାଇଁ ନିଷ୍ପତ୍ତି ନିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଉପଜିଲାପାଳଙ୍କ ବଦଳି ଦାବିରେ କଳାବ୍ୟାଜ୍ ପରିଧାନ

ଉଦଳା,୨୮।୧(ଡି.ଏନ.ଏ)



ପ୍ରେସ୍ କ୍ଲବ୍ ଆଗରେ କଳାବ୍ୟାଜ୍ ପରିଧାନ କରିଥିବା ଗଣମାଧ୍ୟମ ପ୍ରତିନିଧିମାନେ।

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଉପଜିଲାପାଳଙ୍କ ବଦଳି ଦାବି ଜୋର ଧରିଲା। ଉପଜିଲାପାଳ ଗଣମାଧ୍ୟମର କଣ୍ଠରୋଧ ପ୍ରୟାସ ସହ ସରକାରୀ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଆସୁଛି। ଯାହାକୁ ତୀବ୍ର ବିରୋଧ କରି କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ସଦସ୍ୟ ଶନିବାର କଳାବ୍ୟାଜ୍ ପରିଧାନ କରିଛନ୍ତି। ପୂର୍ବରୁ ଉପଜିଲାପାଳ ଭଗବାନ ବେହେରାଙ୍କ ବଦଳି ଦାବି ନେଇ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଉପଜିଲାପାଳଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟକ୍ରମର ଖବର ପରିବେଷଣ ନ କରିବାକୁ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ କପ୍ତିପଦା, ଉଦଳା, ଖୁଣ୍ଟା, ଗୋପବନ୍ଧୁନଗର ବ୍ଲକ୍ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିବା ବେଳେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଏହା ସହିତ ଉପଜିଲାପାଳଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ଏବଂ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଉପଜିଲାପାଳ ବିଭିନ୍ନ ବେଆଇନ

### ସରକାରୀ କାର୍ଯ୍ୟକ୍ରମର ଖବର ପରିବେଷଣ ବନ୍ଦ ଚେତାବନୀ

କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସରେ ମନମାନୀ କରି ଛାତ୍ରୀଛାତ୍ରଙ୍କୁ ପରେଡରୁ ବଞ୍ଚିତ କରାଇଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରୁ ତାଙ୍କର ଏପରି ମେରୀରାୟ ନୀତିକୁ ତୀବ୍ର ନିନ୍ଦା କରାଯାଇଛି ବୋଲି ଗଣମାଧ୍ୟମ ପ୍ରତିନିଧି କହିଛନ୍ତି। ପ୍ରକାଶ ଯେ, ଉପଜିଲାପାଳଙ୍କ ବଦଳି ଦାବିରେ ପ୍ରତି ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କଳା ପ୍ରଦର୍ଶନର ସୁଯୋଗ ସୃଷ୍ଟି କରିଛି ଭଦ୍ରାୟଣୀ


ଭଦ୍ରାୟଣୀର ୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଅଫିସ, ୨୮।୧

### ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟା

ଭଦ୍ରକ ସହର ନେହେରୁ ଷ୍ଟାଡିୟମରେ ଚାଲିଥିବା ଜିଲା ମହୋତ୍ସବ 'ଭଦ୍ରାୟଣୀ'ର ଶନିବାର ଥିଲା ୪ର୍ଥ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର କଳାକାରମାନଙ୍କ ପାଇଁ ଭଦ୍ରାୟଣୀ କଳା ପ୍ରଦର୍ଶନର ସୁଯୋଗ ସୃଷ୍ଟି କରିଛି ବୋଲି ଅତିଥିମାନେ କହିଥିଲେ। ଶେଷରେ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଦର୍ଶକମାନଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ରାମଦାସ ଟୁଡୁ, କାର୍ତ୍ତିକ ନାଥ ମଣ୍ଡଳ, ଉପଜିଲାପାଳ ମନୋଜ କୁମାର ପାତ୍ର, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆବାସ ତାଲିକାରେ ଅଯୋଗ୍ୟ ହିତାଧିକାରୀ
## ଆସିଲା ୯୪୦ ଅଭିଯୋଗ

ବନ୍ତ,୨୮।୧ (ଡି.ଏନ୍.ଏ)

ଭଦ୍ରକ ଜିଲା ବନ୍ତ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଅଯୋଗ୍ୟ ହିତାଧିକାରୀ ଥିବା ନେଇ ୯୪୦ ଅଭିଯୋଗ ହୋଇଛି। ଅନ୍‌ଲାଇନରେ ୫୫୪, ଅଭିଯୋଗ ବାକ୍ସରେ ୧୯୫ ଓ କଲ୍ ସେଣ୍ଟରକୁ ୧୯୧ ଅଭିଯୋଗ ଆସିଛି। ସେଥିମଧ୍ୟରୁ ଅଣିଜୋରେ ୧୦୮, ଆଡିଆରେ ୮, ବଡବର୍ଦ୍ଧିକୟାଁରେ ୧୬, ବି.ଟି.ପୁରରେ ୩୬, ବଡ଼ମହିଷଗୋଠରେ ୧୭, ବସନ୍ତିଆରେ ୪୭, ବନ୍ତରେ ୩୮, ଚାରିଗାଁରେ ୨୫, ଛୟାଳସିଂରେ ୧୦, ଗଣିଜାଙ୍ଗରେ ୯, ଗୋପିନାଥପୁରରେ ୨୯, ଗୋବିନ୍ଦପୁରରେ ୧୩୬, କାଦବରାଙ୍ଗରେ ୮୧, କେନ୍ଦୁଆପଦାରେ ୧୩୨, ନିଲୋକରେ ୨, ଓଡଙ୍ଗରେ ୩୬, ପଧାନପଡ଼ାରେ ୨୦, ପୁରୁଷଣ୍ଡରେ ୧୮, ରାମକୃଷ୍ଣପୁରରେ ୩, ରାମପୁରରେ ୯, ସେଣ୍ଟତୀରାରେ ୫୯, ତିଲୋରେ ୪୬ ଏବଂ ତୋଡ଼ଗାଁରେ ୩୨ ଅଭିଯୋଗ ହୋଇଥିବା ବେଳେ ମହାନ୍ତିପଡ଼ାରେ କୌଣସି ଅଭିଯୋଗ ଆସିନାହିଁ। ସମସ୍ତ ଅଭିଯୋଗର ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ପ୍ରତି ପଞ୍ଚାୟତରେ ୩ ଜଣିଆ ତଦନ୍ତକାରୀ ଦଳ ଗଠନ କରାଯାଇଛି। ଗତ ଗୁରୁବାର ସୁଦ୍ଧା ୫୯୩ ଅଭିଯୋଗର ତଦନ୍ତ ଶେଷ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ନିଆଁରେ ପୋଡ଼ି ଗୁରୁତର ବୃଦ୍ଧାଙ୍କ ମେଡ଼ିକାଲରେ ମୃତ୍ୟୁ

**କେନ୍ଦୁଝର,୨୮।୧ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁଶକଳା କିସାନ ସାହିର ଜଣେ ବୃଦ୍ଧା ନିଆଁରେ ପୋଡ଼ି ଗୁରୁତର ହୋଇଥିଲେ। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ଶନିବାର ମୃତ୍ୟୁ ହୋଇଛି। ତାଙ୍କ ନାମ ବୁଧିନୀ ମୁଣ୍ଡା(୭୦)। ସେ ଗତ ୧୫ ତାରିଖ ସନ୍ଧ୍ୟାରେ ନାତୁଣୀଙ୍କୁ ରୋଷେଇ ଶାଳରେ ଖାଇବାକୁ ଦେଉଥିଲେ। ଏହି ସମୟରେ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ନୟାକୋଟ ପୋଲିସ (ନଂ. ୪/୨୩)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

# ଆଗାମୀ ଯୋଜନା ଲାଗି ଖସଡା ପ୍ରସ୍ତୁତ

ରୂପସା, ୨୮।୧(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ରାଜ୍ୟ ଓ ଜିଲା ପଦାଧିକାରୀ ।

### ଭାଜପାର ଜିଲା କାର୍ଯ୍ୟକାରିଣୀ

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀ ଅଧୀନ କଟିପୋଲ ପ୍ରିନ୍ସ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଶନିବାର ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା ଯୋଗଦେଇ ଦଳକୁ ବିଜୟର ମନ୍ତ୍ର ଦେବା ସହ ଆଗାମୀ ଯୋଜନାର ଖସଡ଼ା ପ୍ରସ୍ତୁତ କରିଥିଲେ। ମୁଖ୍ୟବକ୍ତା ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୋଦି ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା, ନାରୀ ସଶକ୍ତିକରଣ ତଥା କେନ୍ଦ୍ରୀୟ ଅନୁଦାନକୁ ରାଜ୍ୟ ସରକାର ଚଞ୍ଚକତା କରିବା ଲଜ୍ଜାଜନକ ବୋଲି କହିଥିଲେ। ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ର ଡାଟା ମ୍ୟାନେଜମେଣ୍ଟ ସମ୍ବନ୍ଧରେ ସୂଚନା ଦେଇଥିଲେ। ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ ମୋବାଇଲ ଆପ୍ଲିକେଶନ 'ସରଳ' ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପଦ୍ମଲୋଚନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଉପସଭାପତି ପ୍ରଦୀପ କୁମାର ପଣ୍ଡା ମଞ୍ଚ ଆହ୍ୱାନ ଓ ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ଆଶିଷ ଘୋଷ ଜିଲାର ଦିବଙ୍ଗତ କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ସୋର ନଗରପାଳ ମାଧବ ଧଡ଼ା, ସିମୁଳିଆ ଚେୟାରମ୍ୟାନ ବାବାଜୀ ମଲ୍ଲିକ, ଖଇରା ଚେୟାରମ୍ୟାନ ଅଭିଲିପ୍ସା ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ସୁଷମ ବିଶ୍ୱାଳ, ସୋର ନେତା ରାକେଶ ମଲ୍ଲିକ, ଉପସ୍ଥିତ ଥିଲେ। ଶେଷରେ ଜିଲା ଉପ-ସଭାପତି ଗଙ୍ଗାଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com
@ଅଶୋକ
@ସୁବାସ
@ବିଶ୍ୱରଞ୍ଜନ
ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଗାଁ, ମାଟିର ବାସ୍ନାରେ ବିମୋହିତ ହୁଅନ୍ତି କବି


କବି ଓ କଳାକାର ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଉଛି।

ପଦ୍ମପୁର, ୨୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତ ପଡ଼ିଆରେ ଶନିବାର ରାଜ୍ୟସ୍ତରୀୟ କବି ଓ କଳାକାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଚିନ୍ତାମଣି ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଇଂ. ଅଭୟ ସୂତାର, ଅନ୍ୟତମ ଅତିଥି ଭାବେ ସଦାନନ୍ଦ ପାଣିଗ୍ରାହୀ, ଶିକ୍ଷାବିତ୍ ଜାନକୀ ଦାସ, ମୁକ୍ତିକାନ୍ତ ନାୟକ, ରମାକାନ୍ତ ନାୟକ, ସଙ୍ଗଠନର ସମ୍ପାଦକ ରତିକାନ୍ତ ଜେନା ପ୍ରମୁଖ ଯୋଗଦେଇ ଗାଁ ଓ ମାଟିର ବାସ୍ନାରେ କବି ବିମୋହିତ ହୋଇ ସୃଜନାତ୍ମକ ଓ କଳାତ୍ମକ ଲେଖା ମାଧ୍ୟମରେ ଭାଷା, ସଂସ୍କୃତିକୁ ସମୃଦ୍ଧ କରିଥାନ୍ତି ବୋଲି କହିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବି ସୁବାସ ଚନ୍ଦ୍ର ନାୟକ, ଦୀନବନ୍ଧୁ ପଣ୍ଡା, ପଦ୍ମଲୋଚନ ମୁଦୁଲି, ଜୟସ୍ମିତା ପଲେଇ, ଭରତ କୁମାର ସିଂ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ କବିତା ପାଠ କରିଥିଲେ। ଆୟୁଷ ନାୟକ ଓଡ଼ିଶୀ ନୃତ୍ୟ ଏବଂ ସୁଗୋ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଲେଙ୍କା, ସନ୍ତୋଷ ଜେନା ଓ ସୁବାସ ଚନ୍ଦ୍ର ନାୟକଙ୍କୁ ଗୋପାଳଜୀଉ ସାହିତ୍ୟ ଓ ସାଂସ୍କୃତିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣତନ୍ତ୍ର ଦିବସ ପାଳିତ

ଯୋଡ଼ା/କେନ୍ଦୁଝର,୨୮।୧ (ଡି.ଏନ.ଏ/ସ୍ୱ.ପ୍ର)

କେନ୍ଦୁଝର ଜିଲା ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍ସା ଏବଂ କାସିଆ ଆଇରନ ମାଇନ୍ସରେ ଦେଶର ୭୪ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ୟୁନିଟ ମୁଖ୍ୟ ଏମ୍‌ଡି ପୁରୁଷୋତ୍ତମ, ଅଜିତ୍ ପାତ୍ର, କମଳାକାନ୍ତ ନନ୍ଦ, ଉପ ସଭାପତି ଟେନ୍ସା ଗଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପେଲେଟ, ଆଇରନ ଓ ବିଜିନେସ ମୁଖ୍ୟ ଆଶିଷ ପାଣ୍ଡେ ତାଙ୍କ ବାର୍ତ୍ତାରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ସେହିପରି ବାଂଶପାଳ ବ୍ଲକ୍ ଅଁରାସ୍ଥିତ ଶ୍ରୀମେଟାଲିକ୍ସ କାରଖାନା ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କାରଖାନାର ସଭାପତି ସରୋଜ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉତ୍ସବରେ ଉପସଭାପତି ବିଏନ ପ୍ରସାଦ, ଏଚ୍‌ଆର ହେଡ୍ ଶିଶିର ରାଉତ, ଏଜିଏମ ଅପରେସନ(ପିଲେଟ) ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କେନ୍ଦୁଝର ନିଉ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କମର୍ସ କଲେଜର ନୂତନ କ୍ୟାମ୍ପସ 'ଶିକ୍ଷା ନିକେତନ' ଡିମ୍ବୋଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କଲେଜର ଚେୟାରମ୍ୟାନ୍ ରୋଟାରିୟାନ ଡ଼. ରାଜେନ୍ଦ୍ର ପଲେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର, ଭାଇସ ପ୍ରିନ୍ସିପାଲ କୃଷ୍ଣଚନ୍ଦ୍ର ମହାନ୍ତି, ରସାୟନ ବିଜ୍ଞାନ ଅଧ୍ୟାପକ ଚନ୍ଦନ ରାୟ ଯୋଗଦେଇ ଗଣତନ୍ତ୍ର ବିଷୟରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।


ଉପସ୍ଥିତ ଅଧିକାରୀ ଓ କର୍ମକର୍ତ୍ତା।

# ଦ୍ୱିତୀୟ ସନ୍ଧ୍ୟାରେ ମନ ମୋହିଲା ସମ୍ବଲପୁରୀ ନୃତ୍ୟ

### ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ

ବାଲେଶ୍ୱର ଅଫିସ, ୨୮।୧



ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଗଣ।

ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିରେ ଆୟୋଜିତ 'ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ଉତ୍ସବ'ର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସମୁଦ୍ର କଥା କହିଲେ ମୋ ଅତୀତ କଥା ମନେପଡୁଛି । ସମୁଦ୍ର ଅଛି ବୋଲି ବନ୍ଦର ନିର୍ମାଣ ସମ୍ଭବ ହୋଇପାରୁଛି। ଆମର ବ୍ୟବସାୟିକ ସମ୍ପର୍କ ଅନ୍ୟ ଦେଶ ସହିତ ସମ୍ଭବ ହୋଇଛି। ସମୁଦ୍ର ବେଳାଭୂମିରେ ସ୍ୱଚ୍ଛତା ପାଇଁ ମଧ୍ୟ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ ।

ଉତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କମିଟି ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ ସମ୍ପାଦକୀୟ ପାଠ କରିଥିଲେ। କମିଟି ସମ୍ପାଦକ କିଶୋର ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ପିଏକ୍ସଇର ନିର୍ଦ୍ଦେଶକ ଡିକେ ଯୋଶୀ ଯୋଗଦେଇ ଯେହେତୁ ବେଳାଭୂମି ଉତ୍ସବ ଚାନ୍ଦିପୁରରେ ଅନୁଷ୍ଠିତ ହେଉଛି ତେଣୁ ଏହା ମୋ ଘରର ଉତ୍ସବ। ଏହାର ଆୟୋଜନ ପାଇଁ ଆମର ସହଯୋଗ ଅଛି ଓ ରହିବ ମଧ୍ୟ। କମିଟି ଉପ-ସଭାପତି ବିପ୍ଳବ କୁମାର ମହାନ୍ତି, ଗଙ୍ଗାଧର ରାଉତ, ସମରେନ୍ଦ୍ର ଦାସ, ତପନ ଜେନା, ମିଥୁନ ସାହା, ସୁକୁମାର ରଣା, ଜ୍ୟୋତିର୍ମୟୀ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଭାବଗ୍ରାହୀ ମହାନ୍ତି ସମସ୍ତଙ୍କୁ ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ଶ୍ରୀମାନ ଶ୍ରୀଚନ୍ଦନ ମହାନ୍ତିଙ୍କ ସଂଯୋଜନାରେ ବାଲେଶ୍ୱରର ଆଞ୍ଚଳିକ ନୃତ୍ୟ ଶିଳ୍ପୀ ତଥା ସମ୍ବଲପୁରୀ ନୃତ୍ୟ, ଖୋର୍ଦ୍ଧାର ନୃତ୍ୟାଳୟ ସଙ୍ଗଠନର ଓଡ଼ିଶୀ ନୃତ୍ୟ ଏବଂ ଝାଡଖଣ୍ଡର ଗାୟକ ଓ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୯ ଜାନୁୟାରୀ, ୨୦୨୩



## କୁଡୁମୀ ସେନାର ସମୀକ୍ଷା ବୈଠକ

ମୋରଡ଼ା,(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ପଳାଶବଧା ଗ୍ରାମରେ କୁଡୁମୀ ସେନା ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୁଡୁମୀ ଯୁବ ସେନା କାର୍ଯ୍ୟକାରୀ ସଭାପତି ଛତିଶ ମହାନ୍ତ ସଭାପତିତ୍ୱ କରିଥିଲେ। ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତ, ଜିଲା ସଭାପତି ଡମ୍ବରୁଧର ମହାନ୍ତ, ଦୁର୍ଗା ଚରଣ ମହାନ୍ତ, ଲାଲାଜୀ ମହାନ୍ତ, ସୂର୍ଯ୍ୟ ମହାନ୍ତ, ସନ୍ତୋଷ ମହାନ୍ତ, ଭବାନୀ ମହାନ୍ତ, ଅମିତ ମହାନ୍ତ, ଦିଲୀପ ମହାନ୍ତ, ଖଗେନ୍ଦ୍ର ମହାନ୍ତ ଓ ମହିଳା ସେନାର ଶକୁନ୍ତଳା ମହାନ୍ତ, ରୁଦ୍ରାଣୀ ମହାନ୍ତ, ପ୍ରଭାତୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ନୀଳଗିରି ବନ ବିଭାଗର ଚଢ଼ାଉ କାଠ ସହ ଗାଡ଼ି ଜବତ



ନୀଳଗିରି, ୨୮।୧(ସ୍ୱ.ପ୍ର.)- ବାଲେଶ୍ୱର ଜିଲା ନୀଳଗିରି ବନ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ନୀଳଗିରି ଥାନା ଅଧୀନ ୧୯ନଂ. ରାଜ୍ୟ ରାଜପଥ ଆରକେସିଟି କଲେଜ ପାଖ ରାସ୍ତାରୁ ଏକ ଶିମୁଳି ଗଣ୍ଡି ବୋଝେଇ ପିକଅପ୍ ଗାଡ଼ି (ନଂ. ଓଆର-୦୧କ୍ୟୁ-୨୯୩୩)କୁ ଜବତ କରାଯାଇଛି। ଚଢ଼ାଉ ବେଳେ ନୀଳଗିରି ଏନ୍ଏସି କାହାଳିଆ ଗ୍ରାମର ଡ୍ରାଇଭର ରାଜୁ ସିଂ (୨୮) ଓ ତାଙ୍କ ସହଯୋଗୀ ରଣଜିତ୍ ସିଂ (୨୩) ବନବିଭାଗ ହାତରେ ଧରାପଡ଼ିଥିଲେ। ଗାଡ଼ିରେ ୭୧ ସିଫ୍ଟ ଶିମୁଳି ଗଣ୍ଡି ଥିବା ବନବିଭାଗ ପ୍ରକାଶ କରିଛି। ବାଲେଶ୍ୱର ଡିଏଫଓ ସୁମିତ୍ କୁମାର କରଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଏସିଏଫ୍ ଦିଗନ୍ତ ଶୋଭନ ଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୀଳଗିରି ରେଞ୍ଜର ଆଇଶା ଅକତାରି ନିଶା, କୁଲଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା, ଫରେଷ୍ଟର, ଫରେଷ୍ଟ ଗାର୍ଡ଼ ଓ ସବୁଜ ବାହିନୀ ପ୍ରମୁଖ ସାମିଲ ଥିଲେ।

### ୭୯ ସଫଳ ଚାଷୀ ପୁରସ୍କୃତ

ଭଦ୍ରକ ଅଫିସ, ୨୮।୧-ଭଦ୍ରକ ସହର ପାନ୍ଥନିବାସରେ ଶନିବାର କରୋମଣ୍ଡଳ ପକ୍ଷରୁ ଗ୍ରୋମର ସାରର ପରିଚାଳନା ନେଇ ଚାଷୀ ସଚେତନତା କର୍ମଶାଳା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ସିନିୟର ଜୋନାଲ ମ୍ୟାନେଜର ବଳରାମ ପଟ୍ଟନାୟକ ଓ କ୍ଷେତ୍ର ବିଶେଷଜ୍ଞ ଆଦିତ୍ୟ ପାତ୍ର ଏଥିରେ ଯୋଗଦେଇ ମାଟି ପରୀକ୍ଷା କରି ଗ୍ରୋମର ସାର ଠିକ୍ ଭାବେ ପରିଚାଳନା ସହ କୀଟନାଶକ ପ୍ରୟୋଗ କଲେ ଅମଳ ଅଧିକ ହୋଇଥାଏ ବୋଲି ଚାଷୀମାନଙ୍କୁ ବୁଝାଇଥିଲେ। ଚଳିତ ଖରିଫ ଋତୁରେ ଏହି ସାର ବ୍ୟବହାର କରି ଏକର ପ୍ରତି ୩୦ରୁ ୩୫ କୁଇଣ୍ଟାଲ ଧାନ ଅମଳ କରିଥିବା କେନ୍ଦ୍ରାପଡ଼ାର ଅଜୟ୍ ସାହୁ, ଭଦ୍ରକ ଜିଲା କାଦବରାଙ୍ଗର ଭାଗୀରଥି ଗିରି, କୁସୁମପୁର ଗ୍ରାମର ସୁରେଶ ପରିଡ଼ା ପ୍ରମୁଖ ଚାଷୀମାନେ ମତ ରଖିଥିଲେ। ଏହି ଅବସରରେ ୭୯ଜଣ ସଫଳ ଚାଷୀଙ୍କୁ ପ୍ରଶଂସାପତ୍ର ଓ ରୁପା କଏନ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କେନ୍ଦ୍ରାପଡ଼ାର ବିଷ୍ଣୁଚରଣ ନାୟକ ଓ ଭଦ୍ରକ ଜିଲା କୁସୁମପୁର ଗ୍ରାମର ସୁରେଶ ପରିଡ଼ାଙ୍କୁ ୨ଟି ବାଇକ୍ ପ୍ରଦାନ କରାଯାଇଥିଲା।

### କାର୍ ଉପରେ ଭାଙ୍ଗି ପଡ଼ିଲା ଗଛ

ପାଟଣା,୨୮।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଛକ ନିକଟ ପ୍ରମିଳା ଜୁଏଲାରି ନିକଟରେ ଏକ କାର ଉପରେ ଗଛ ଭାଙ୍ଗି ପଡ଼ିଛି। ଏଥିରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଶୁକ୍ରବାର ରାତିରେ ପାଟଣାର ଅକ୍ଷୟ ସାହୁଙ୍କ ଓ ୦୨ ଟି ୦୫୮୬ ନମ୍ବର ବିଶିଷ୍ଟ ଇନୋଭା କାରଟି ବ୍ଲକ୍ ଛକ ନିକଟରେ ଥୁଆ ହୋଇଥିଲା। ସେଠାରେ ଥିବା ଏକ ପୁରୁଣା ଚାକୁଣ୍ଡା ଗଛ ଭାଙ୍ଗି କାର ଉପରେ ପଡ଼ିଯାଇଥିଲା। କାର ଭିତରେ ଥିବା ଜଣେ ୨୨ ବର୍ଷୀୟ ଚାଳକ ସହ ୭ ବର୍ଷର ଝିଅ ଫସି ରହିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଗଛଟି ରାସ୍ତା ଉପରେ ଖସି ପଡ଼ିବା ଫଳରେ ରାସ୍ତା ଜାମ ହୋଇଥିଲା। ଘଟଣାସ୍ଥଳରେ ପାଟଣା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ପହଞ୍ଚି ପାଟଣା ଅଗ୍ନିଶମ ବାହିନୀକୁ ଡକାଇ ଗଛ କାଟିବା ବ୍ୟବସ୍ଥା କରିଥିଲେ।

### ଉନ୍ନତ ଶିକ୍ଷା ନିମନ୍ତେ ଅଭିଭାବକ, ଶିକ୍ଷକ ବୈଠକ

ଠାକୁରମୁଣ୍ଡା,୨୮।୧(ଡି.ଏନ୍.ଏ) ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ପଡ଼ିଆବେଡ଼ାଠାରେ ଥିବା ଫୁଲମତୀ ହେମ୍ବ୍ରମ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଉନ୍ନତ ଶିକ୍ଷା ନିମନ୍ତେ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଦୁର୍ଗାଶଙ୍କର ପରିଡ଼ାଙ୍କ ଅଧକ୍ଷତାରେ ଅଭିଭାବକଙ୍କ ସମେତ ଅଧାପକମାନେ ଉପସ୍ଥିତ ଥିଲେ। ରସାୟନ ବିଜ୍ଞାନର ବରିଷ୍ଠ ଅଧାପକ ଜଗଜୀବନ ସାହୁ ଆଣ୍ଟି ରାଗିଂ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅଭିବାବକମାନେ ନିଜର ବକ୍ତବ୍ୟରେ ଗଠନମୂଳକ ମତାମତ ରଖିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା

**ଥାନାରେ ମାମଲା**

ପାଟଣା,୨୮।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହରପଡ଼ା ବ୍ଲକ୍ ସିଲିପଦା ପଞ୍ଚାୟତ ବଲାଣିପଶି ଅଙ୍ଗନୱାଡ଼ି କେନ୍ଦ୍ରରେ ୧୫ ଦିନ ହେଲା ତାଲା ପଡ଼ିଛି। ବୋହୂଙ୍କୁ ଚାକିରି ମିଳିଲାନି ବୋଲି ଗ୍ରାମର ଜଣେ ବ୍ୟକ୍ତି ତାଲା ପକାଇଛନ୍ତି। ଏନେଇ ଥାନାରେ ମାମଲା ହୋଇଥିବା ଜଣାପଡ଼ିଛି। ଗ୍ରାମର ରମେଶ ମହାନ୍ତଙ୍କ ପଟ୍ଟା ଭୁକ୍ତ ଜମିରେ ଉକ୍ତ ଅଙ୍ଗନୱାଡ଼ି ଘର ନିର୍ମାଣ କରାଯାଇଛି। ଏନେଇ ତାଙ୍କ ବୋହୂଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ୱାର୍କର ଚାକିରି ଦେବାକୁ ଜିଦ୍ କରିଥିଲେ। ଚାକିରି ନ ମିଳିବାରୁ ଅଙ୍ଗନୱାଡିକେନ୍ଦ୍ରରେ ତାଲା ପକାଇଦେଇଛନ୍ତି। ଏ ନେଇ ସାହାରପଡ଼ା ସିଡିପିଓ ଦୀପ୍ତିମୟୀ ନାୟକ କହିଛନ୍ତି, ଅଙ୍ଗନୱାଡ଼ିରେ ତାଲା ମାରିବା ନେଇ ଶୁକ୍ରବାର ପାଟଣା ଥାନାରେ ଏତଲା ଦିଆଯାଇଛି। ଉକ୍ତ ଜମିର କେତେକ ଅଂଶକୁ ଅଙ୍ଗନୱାଡି ନିର୍ମାଣ ପାଇଁ ୧୯୯୧ରେ ରମେଶଙ୍କ ବାପା କାର୍ତ୍ତିକ ଦାନ କରିଥିଲେ। ବଦଳରେ କାର୍ତ୍ତିକଙ୍କୁ ଗାଁର ଘନଶ୍ୟାମ ନାଏକ ଜମି ଦେଇଥିବା ସିଡିପିଓ ନାୟକ କହିଛନ୍ତି। ରମେଶ ଚାବି ମାରିବା ପରେ ସେହି ଘରେ ଘନଶ୍ୟାମ ମଧ ଗୋଟେ ଚାବି ମାରିଛନ୍ତି। କେନ୍ଦ୍ର ବନ୍ଦ ଥିବାରୁ ଗାଁର ଜଣକ ଘରେ ପାଠପଢ଼ା ଆରମ୍ଭ ହୋଇଥିବା ସେ କହିଥିଲେ। ଏତଲା ପରେ ପାଟଣା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଘଟଣାର ତଦନ୍ତ କରୁଥିବା କହିଛନ୍ତି।

# ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ନାବାଳିକାଙ୍କୁ ବଳାତ୍କାର ମାମଲା**

କେନ୍ଦୁଝର,୨୮।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମାନସ ମିଶ୍ର ଘଟଣାରେ ଅଭିଯୁକ୍ତ ଆଇଜୁଲ ସର୍ଦ୍ଦାରଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ଚବିଶପ୍ରଗଣା ଜିଲା ବିଷ୍ଣୁପୁର ଥାନା ତାନାକୁଆ ଗ୍ରାମରେ। ସେ ବଡ଼ବିଲ ଉଲିବୁର ସ୍ଥିତ ବିକେ ଷ୍ଟିଲ୍ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ।

ପ୍ରକାଶଯୋଗ୍ୟ, କେନ୍ଦୁଝର ଜିଲାର ବଡ଼ବିଲ ଥାନା ଅଞ୍ଚଳରେ ୨୦୧୭ରେ ନାବାଳିକା ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ଏକୁଟିଆ ଦେଖି ଅଭିଯୁକ୍ତ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ନାବାଳିକା ପାଟି କରିବାରୁ ଗାଁ ଲୋକେ ପହଞ୍ଚି ଆଇଜୁଲଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ନାବାଳିକାର ମା'ଙ୍କ ଏତଲାକୁ ଆଧାର କରି ବଡ଼ବିଲ ପୋଲିସ (ନଂ. ୧୪୯/୧୭)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନ ସହ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ପୀଡ଼ିତାଙ୍କୁ ଜିଲା ଆଇନ ସେବାକେନ୍ଦ୍ର କେନ୍ଦ୍ର ତରଫରୁ ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଆଦେଶ ଦେଇଥିବା ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରୋସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା କହିଥିଲେ।

# ହକ୍ ପାଇଁ ଗର୍ଜିଲା ଭାଜପା




ରାଜ୍ୟରାଜପଥରେ ଭାଜପା କର୍ମୀଙ୍କ ରାଲି।

**ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବାଦ୍**

ଖଇରା, ୨୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବହୁ ଯୋଗ୍ୟ ଅସହାୟ ଗରିବ ବ୍ୟକ୍ତି ବାଦ୍ ପଡିବା ଘଟଣାକୁ ନେଇ ଭାଜପା ଆନ୍ଦୋଳନକୁ ଓହ୍ଲାଇଛି। ଶୁକ୍ରବାର ଖଇରା ବ୍ଲକ ସମ୍ମୁଖରେ ସୋର-କୁପାରୀ ରାଜ୍ୟ ରାଜପଥରେ ହକ୍ ପାଇଁ ବ୍ଲକଠାରୁ ଆରମ୍ଭ କରି ରାଜ୍ୟ ନେତାଏ ଗର୍ଜନ କରିଛନ୍ତି । ଏଥିପାଇଁ ୨୦୧୯ ମସିହାରେ ବ୍ଲକ ପ୍ରଶାସନ ତରଫରୁ କରାଯାଇଥିବା ସର୍ଭେରେ ପାତରଅନ୍ତର କରି ଦଳୀୟ ଭିତ୍ତିରେ କଟାଯୋଡା କରାଯାଇଛି । ଭାଜପା ସମର୍ଥିତ ଗରିବ ଲୋକମାନଙ୍କୁ ବାଦ୍ ଦିଆଯାଇଥିବା ନେତୃବୃନ୍ଦ ଅଭିଯୋଗ ଆଣି ସିଧାସଳଖ ଶାସକଦଳକୁ ଟାର୍ଗେଟ କରିଥିବା ବେଳେ ବ୍ଲକ ପ୍ରଶାସନ ମୁଖ୍ୟଙ୍କୁ ଶାସକ ଦଳ ଏଜେଣ୍ଟ ବୋଲି କହିବାକୁ ପଛାଇନାହାନ୍ତି । ସେହିଭଳି ବର୍ତ୍ତମାନ ଖଇରା ବ୍ଲକରେ ଚାଲିଥିବା ୫-ଟି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଚାଲିଛି । ପ୍ରଥମେ ଭାଜପା କର୍ମୀଙ୍କର ବିଶାଳ ଶୋଭାଯାତ୍ରା ଦୁର୍ଗାମଣ୍ଡପରୁ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା। ପରେ କର୍ମୀମାନେ ଗେଟ ଖୋଲି ବ୍ଲକ ଭିତରକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ଖଇରା ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ବ୍ଲକ ଗେଟ ସମ୍ମୁଖରେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଅଭିମନ୍ୟୁ ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାପତି ମନୀଷା ଚନ୍ମୟୀ ବେହେରା, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ଯୁବ ନେତା ନୀଳମାଧବ ପଣ୍ଡା, ଅଂଶୁମାଧବ ପଣ୍ଡା, ଖଇରା ମଣ୍ଡଳ ସଭାପତି ରାଜେଶ କୁମାର ରାଉତ, ସାଧାରଣ ସମ୍ପାଦକ ନୀଳାମ୍ବର ପଣ୍ଡା, କୈଳାସ ମାଝି, ମୀନାକ୍ଷୀ ମହାପାତ୍ର, ସନ୍ତୋଷ ଶତପଥି, ପତିତପାବନ କର, ସୁଣ୍ଡିରା ସରପଞ୍ଚ ମମତାରାଣୀ ପରିଡା, ବୁଲୁ ଲେଙ୍କା, ପ୍ରଶାନ୍ତ ବେହେରା ଓ ଦୟାନଧି ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଡିଓ ପର୍ଶୁରାମ ପଣ୍ଡାସଭା ମଞ୍ଚ ନିକଟକୁ ଆସି ସ୍ମାରକପତ୍ର ଗ୍ରହଣ କରି ପୁଣି ଥରେ ଯାଞ୍ଚ କରି ଯୋଗ୍ୟ ହିତାଧିକାରୀଙ୍କ ନାମ ଯୋଡିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ରାସ୍ତାପାର୍ଶ୍ୱରୁ ମହିଳାଙ୍କ ମୃତଦେହ ଜବତ ହତ୍ୟା ଅଭିଯୋଗ

ବୈଶିଙ୍ଗା,୨୮।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ନଡପୁର ରାସ୍ତାପାର୍ଶ୍ୱରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ଶନିବାର ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ଶୁକ୍ରବାର ରାତିରେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ସକାଳେ ଫେରି ସ୍ତ୍ରୀ ଜଙ୍ଗଲ ନିକଟରେ ମରି ପଡ଼ିଥିବା ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିଛି। ଜଙ୍ଗଲ ଭିତରେ ହତ୍ୟା ପରେ ମୃତଦେହ ଘୋଷାରି ଘୋଷାରି ଆଣି ଉକ୍ତ ରାସ୍ତାପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ମୃତ ମହିଳାଙ୍କ ଶରୀରରେ କୌଣସି ଆଘାତଜନିତ ଚିହ୍ନ ନ ଥିବାବେଳେ ଗୋଡ଼ରେ ରକ୍ତ ଲାଗିଥିବା ଏସ୍ଡିପିଓ ସୁଦର୍ଶନ ଦାଶଙ୍କ ସୂତ୍ରରୁ ପ୍ରକାଶ। ପୂର୍ବରୁ ମହିଳାଙ୍କ ସହ ବିଭିନ୍ନ ବ୍ୟକ୍ତିଙ୍କ ଅନୈତିକ ସମ୍ପର୍କ ରହିଆସୁଥିବା ତଦନ୍ତ ବେଳେ ଜଣାପଡ଼ିଛି। ତାଙ୍କର ଦୁଇଜଣ ବିବାହିତା ଝିଅ ଥିବାବେଳେ ତିନିପୁଅ ଅଛନ୍ତି। ମହିଳା ଜଣକ ଦୀର୍ଘଦିନ ଧରି ସ୍ୱାମୀଙ୍କଠାରୁ ଅଲଗା ହୋଇ ରହୁଥିଲେ। ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ. ୩୪/୨୩) ରୁଜୁ କରାଯାଇଛି। ସନ୍ଦେହରେ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନ୍ତରେ ଅଗ୍ରଗତି ହେବା ନେଇ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

# ଭଦ୍ରକ ଜେସିସି, ଡିଆର୍କେ ବାରିପଦା ବିଜୟୀ

**ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ**

ଭଦ୍ରକ ଅଫିସ,୨୮।୧

ଭଦ୍ରକ ଚରମ୍ପା ରେଲୱେ ଗ୍ରାଉଣ୍ଡଠାରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଭଦ୍ରକ ଜେସିସି ଓ ଡିଆର୍କେ ବାରିପଦା ଦଳ ବିଜୟୀ ହୋଇଛି। ବାସନ୍ତୀ ଇନଫ୍ରାଟେଲ ଆନୁକୂଲ୍ୟରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଟୁର୍ନାମେଣ୍ଟର ୨ୟ ଦିବସରେ ଭଦ୍ରକ ଜେସିସି କ୍ଲବ ଓ ଚରମ୍ପା ଏକାଡେମୀ ମଧରେ ପ୍ରଥମ ମ୍ୟାଚ୍ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜେସିସି ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୮୭ ରନ୍ କରିଥିଲା। ଚରମ୍ପା ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୨ ରନ୍ କରି ହାରିଥିଲା। ୟୁ ଆଣ୍ଡ୍ ମି ବାଲେଶ୍ୱର ଓ ଡିଆର୍କେ ବାରିପଦା ମଧରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ବାଲେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ଡିଆର୍କେ ୧୩.୫ ଓଭରରେ ୬ ଉଇକେଟ ହରାଇ୧୩୬ ରନ୍ କରିଥିଲା। ଜେସିସିର ସତ୍ୟକାମ ଭରଦ୍ୱାଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅମ୍ପାୟାର ଭାବେ ରାଜୀବ ଲୋଚନ ପାତ୍ର ଓ ଦେବାନନ୍ଦ ରାଉତରାୟ, ସ୍କୋର ବୋର୍ଡରେ କମର ଖାନ ଓ ଅପର୍ଣ୍ଣା ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀଧର ରାଉତ, ସଞ୍ଜୟ ମିଶ୍ର, ମୁନ୍ନା ଉପାଧ୍ୟାୟ, ଟି. କସକର ରାଓ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଜେସିସିର ସତ୍ୟକାମ ଭରଦ୍ୱାଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# 'ଛାତ୍ରୀଛାତ୍ର ସଂସ୍କାରୀ ହେଲେ ଦେଶର ସାମଗ୍ରିକ ବିକାଶ ଘଟେ'

ବାରିପଦା ଅଫିସ,୨୮।୧




ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ରାଣୀଭୋଳସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିଭୂତି ଭୂଷଣ ମଣ୍ଡଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ସଂସ୍କାରୀ ହେଲେ ଦେଶର ସାମଗ୍ରିକ ବିକାଶ ଘଟିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଶୁଭ୍ରାଂଶୁ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ବିଇଓ ପ୍ରଭାତୀ ପଟ୍ଟନାୟକ, ପରିଚାଳନା ସମିତି ସଦସ୍ୟ ମେଜର ରବୀନ୍ଦ୍ର ନାଥ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ସଫଳ ହେବା ପାଇଁ ଶିକ୍ଷା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଜ୍ଞାନ ପତ୍ରିକା 'ଦ କ୍ୱାଏଟ', ଶ୍ରେଣୀ ପତ୍ରିକା ଆଦ୍ୟା ଓ ନବ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସିବିଏସ୍ଇ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୨୦୨୨-୨୩ ବର୍ଷ ପାଇଁ ଶ୍ରେଷ୍ଠ ଛାତ୍ର ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସରିଲା ଫିଆଟ-ଲକ୍ସ ମହୋତ୍ସବ

ନୀଳଗିରି, ୨୮।୧ (ସ୍ୱ.ପ୍ର.):

ନୀଳଗିରି କେସି ହାଇସ୍କୁଲ ପଡ଼ିଆରେ ୩ ଦିନ ଧରି ଚାଲିଥିବା ଫିଆଟ-ଲକ୍ସ କ୍ଲବ ମହୋତ୍ସବ ଶନିବାର ଉଦ୍ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଆକର୍ଷଣ ଥିଲେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଜିନା ସାମଲ, ଅଭିନେତା ପୁପିନ୍ଦରଙ୍କ ସମେତ କଣ୍ଠଶିଳ୍ପୀ ଅମ୍ରିତା ନାୟକ, ରଙ୍ଗିଲା ରଣଜିତ୍, କୈଶିକ ଶତପଥି ଓ କମେଡିଆନ କାଳିଆ ଷଣ୍ଢ ଯୋଗ ଦେଇଥିଲେ। ତେବେ ଅଭିନେତ୍ରୀ ଜିନା ନିଜର ସଂଳାପର ଯାଦୁରେ ଦର୍ଶକଙ୍କ ମନ ମୋହିଥିଲେ। ସେହିପରି ସିଙ୍ଗର ଅମ୍ରିତାଙ୍କ ମନଛୁଆଁ ଗୀତରେ ଫିଆଟ-ଲକ୍ସ ମଞ୍ଚ ଦୁଲୁକି ଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ଲବର ବରିଷ୍ଠ ସଦସ୍ୟ ଭାସ୍କର ବିଶାଳ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ନୀଳଗିରି ଏନଏସି ଅଧକ୍ଷା ଅମ୍ବିକା ଦାସ ମହୋତ୍ସବର ଉଦ୍ଦେଶ୍ୟ ସମ୍ବନ୍ଧରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଯୁବଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଜେଡି ନେତା ଶଶୀ ସାହୁ ଯୋଗଦେଇ ଫିଆଟ-ଲକ୍ସ କ୍ଲବ ଏକ ଅନୁଷ୍ଠାନ ନୁହଁ ବରଂ ଏକ ଆନ୍ଦୋଳନ ଭାବେ ଉଭା ହୋଇଛି ବୋଲି କହିଥିଲେ। ସଭାପତି ଉଦୟଜ୍ୟୋତି ମହାନ୍ତି, ସମ୍ପାଦକ ସବ୍ୟସାଚୀ ମହାପାତ୍ର ୩୧ବର୍ଷ ଧରି କ୍ଲବ ବିଭିନ୍ନ କ୍ଷେତ୍ରରେ ନିରନ୍ତର ଜନକଲ୍ୟାଣକାରୀ ସେବା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କ୍ଲବର ଉପସଭାପତି ତାପସ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# 'ସାମାଜିକ, ମାନବିକ ମୂଲ୍ୟବୋଧ ଶିକ୍ଷା ଜରୁରୀ'

**ଶିଶୁମନ୍ଦିର ବାର୍ଷିକୋତ୍ସବ**

ପଦ୍ମପୁର, ୨୮।୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଭେଡ଼ାନାୟକାଣୀଠାରେ ଶିଶୁମନ୍ଦିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢ଼ୀ ଏବଂ ଅନ୍ୟତମ ଅତିଥି ଭାବେ ବାସୁଦେବପୁର ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ବାରିକ, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ଛାତ୍ରନେତା କାଳନ୍ଦୀ ସାହୁ, ନଗର ସଭାପତି ମାନସ ରଞ୍ଜନ ସାହୁ, ସମ୍ବିତ କୁମାର ମହାନ୍ତି, ଶିଶୁମନ୍ଦିର ସଭାପତି ଶ୍ୟାମସୁନ୍ଦର ପଳିତା ପ୍ରମୁଖ ଯୋଗ ଦେଇଥିଲେ। ପାଠ ସହ ଛାତ୍ରୀଛାତ୍ରଙ୍କ ପାଇଁ ସାମାଜିକ ଓ ମାନବିକ ମୂଲ୍ୟବୋଧ ଶିକ୍ଷା ଜରୁରୀ। ଏହା ଶିକ୍ଷାରେ ସଂସ୍କାର ଆଣିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ବାଲିମୁଣ୍ଡାସ୍ଥିତ ଶିଶୁମନ୍ଦିର ପରିସରରେ ଆୟୋଜିତ ବାର୍ଷିକୋତ୍ସବକୁ ବିଧାୟକ ରାଉତରାୟ ଉଦ୍ଘାଟନ କରିଥିଲେ। ସରପଞ୍ଚ ନମିତା ଦାସ, ସମିତିସଭ୍ୟା ଛବିରାଣୀ ମାଇତି, ଶିକ୍ଷାବିତ୍ ବିଷ୍ଣୁଚରଣ ଦାସ, ସଭାପତି ସୁଶୀଲ ଚନ୍ଦ୍ର ମାଇତି, ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ଦଶରଥ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବନ୍ଧୁମିଳନରେ ଗର୍ଜିଲେ ନେତା, କର୍ମୀ

ଭୋଗରାଇ, ୨୮।୧(ଡି.ଏନ.ଏ.)



ବନ୍ଧୁମିଳନରେ ଯୋଗ ଦେଇଥିବା ଭାଜପା ନେତୃବୃନ୍ଦ।

ଭାଜପା ଲୋକଙ୍କ ବିଶ୍ୱାସୀ ଦଳ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବକା ସାଥ, ସବକା ପ୍ରୟାସ ଓ ସବକା ବିକାଶ ନାରା ଆଜି କାର୍ଯ୍ୟରେ ପରିଣତ ହେଉଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ତାହା ବ୍ୟତିକ୍ରମ ହେଉଛି ବୋଲି ଭୋଗରାଇ ଭାଜପା ଶାଖାର ଏକ ଶକ୍ତିଶାଳୀ ଗୋଷ୍ଠୀ ଦଳର ନେତୃତ୍ୱ ପ୍ରତି ଆରୋପ କରିଛନ୍ତି। ଶୁକ୍ରବାର ଭୋଗରାଇ ଜଳେଶ୍ୱରପୁର ଡାକ୍ତରଖାନା ସମ୍ମୁଖ ପୂର୍ବ ଭାଜପା କାର୍ଯ୍ୟାଳୟରେ ଦଳର ବରଷ୍ଠ ନେତା ଶକ୍ତିପଦ ପାଣ୍ଡେଙ୍କ ନେତୃତ୍ୱରେ ଏକ ବନ୍ଧୁମିଳନ ଆୟୋଜନ ହୋଇଥିଲା। ଏଥିରେ ଭୋଗରାଇର ୫୦ ପଞ୍ଚାୟତର ଭାଜପା ପ୍ରତିନିଧି, ବରିଷ୍ଠ, କନିଷ୍ଠ ଓ ବଳିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇ ଦଳର ମଙ୍ଗ ଧରିଥିବା ନେତାଙ୍କ କାର୍ଯ୍ୟ ବିରୋଧରେ ସ୍ୱର ଉଠାଇଥିଲେ। ଦଳର ଦୀର୍ଘ ୮ ବର୍ଷ ଧରି ନେତୃତ୍ୱ ନେଉଥିବା ବ୍ୟକ୍ତି ବରିଷ୍ଠ ଓ କନିଷ୍ଠ ନେତା ଓ କର୍ମୀଙ୍କୁ ଅଣଦେଖା କରିବା, ଗଣତାନ୍ତ୍ରିକ ପଦ୍ଧତିରେ କର୍ମୀମାନଙ୍କ ଦଳର ହିତ ପାଇଁ ସୁଚିନ୍ତିତ ମତ ନ ନେବା, କର୍ମୀଙ୍କ ସମସ୍ୟା ନ ବୁଝିବା, ଦୁର୍ବଳ ଥିବା ସଙ୍ଗଠନକୁ ଦୃଢ଼ ନ କରି ନିଜ ସ୍ୱେଚ୍ଛାଚାରୀ ନୀତି ଓ କାର୍ଯ୍ୟକୁ ସାବ୍ୟସ୍ତ କରିବା ଦ୍ୱାରା ଦଳ ଧୀରେ ଧୀରେ ଦୁର୍ବଳ ହେଉଥିବା ଦଳର ବରିଷ୍ଠ ନେତାମାନେ ଅଭିଯୋଗ କରିଥିଲେ। ଦୀର୍ଘ ୩୦ ବର୍ଷ ଧରି ଭାଜପା ନେତା ଓ କର୍ମୀମାନଙ୍କ ଅକ୍ଲାନ୍ତ ଉଦ୍ୟମ ଯୋଗୁ ଭାଜପା ଲୋକଙ୍କ ବିଶ୍ୱାସଭାଜନ ହୋଇ ମୁଖ୍ୟ ବିରୋଧୀ ଦଳ ଭାବେ ଆଗକୁ ବଢ଼ୁଥିବା ବେଳେ ୨୦୧୭ ମସିହା ପଞ୍ଚାୟତ ନିର୍ବାଚନରେ ଦଳ ସମର୍ଥନରେ ୫ ସରପଞ୍ଚ ଓ ୨ ସମିତିସଭ୍ୟ ହାତେଇ ଥିଲା। ଏବେ ଦଳର କର୍ମୀ ଓ ନେତାଙ୍କ ମଧ୍ୟରେ ସମନ୍ୱୟ ଅଭାବ ଓ ସାଙ୍ଗଠନିକ ଦୁର୍ବଳ ପାଇଁ ୨୦୨୨ ପଞ୍ଚାୟତ ନିର୍ବାଚନରେ ଦଳର କ୍ଷତି ଘଟି ଜଣେ ମାତ୍ର ସରପଞ୍ଚ ହାତେଇ ଥିବା ନେତାମାନେ କହିଥିଲେ। ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ନ ଦେବା, ପ୍ରଧାନମନ୍ତ୍ରୀଙ୍କ ଜନହିତ କାର୍ଯ୍ୟକୁ ଗ୍ରାମ ସହରରେ ପ୍ରଚାର ପ୍ରସାର ନ କରିବା ଦ୍ୱାରା ଦଳର କ୍ଷତି ଘଟୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଭାଜପା ପତାକା ତଳେ ଏକ ହୋଇ ପ୍ରତ୍ୟେକ ପଞ୍ଚାୟତ ଓ ବୁଥସ୍ତରୀୟ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଘରେ ଘରେ ପ୍ରଚାର ଓ ପ୍ରସାର କରିବାକୁ ଶପଥ ନେବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଦିଲୀପ କୁମାର ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନରେ ରାଜ୍ୟ ଭାଜପା ନେତା ମିହିର ପାଣି, ସମୀର ପାତ୍ର, ଜିଲାନେତା ଆଶିଷ କୁମାର ମହାନ୍ତି, ସଞ୍ଜୀବ କୁମାର ସାହୁ, ନୀଳକଣ୍ଠ ଘୋଷ, ସୁଭାଷ ଚାନ୍ଦ, ବନମାଳୀ ଦାସ, ଅଶୋକ ଦାସ, ରମାକାନ୍ତ ଜେନା, ତପନଦାସ, ସତ୍ୟସୁନ୍ଦର ଭଞ୍ଜ ସହିତ ଶତାଧିକ ନେତା ଓ ଆଗଧାଡିର କର୍ମୀମାନେ ଯୋଗଦେଇଥିଲେ। ଭୋଗରାଇ ଭାଜପା ମଣ୍ଡଳ ସଭାପତି ସୁନୀଲ କୁମାର କର ଭୋଗରାଇ ଭାଜପା ସାଙ୍ଗଠନିକ ଦୁର୍ବଳ ଥିବାର ସ୍ୱୀକାର କରିବା ସହିତ ଗ୍ରାସରୁଟ କର୍ମୀ ଓ ନେତାମାନେ ହତାଶ ହେଉଥିବାରୁ ରାଜ୍ୟ ଓ ଜିଲା ନେତାଙ୍କ ହସ୍ତକ୍ଷେପ ଲୋଡିଥିବା କହିଛନ୍ତି।

## ଯୌତୁକ ନିର୍ଯାତନା ଅଭିଯୋଗ

ଖୁଣ୍ଟା, (ଡି.ଏନ୍.ଏ.)-ଖୁଣ୍ଟା ଥାନା ଲକ୍ଷଣସାହି ଗ୍ରାମରେ ରଶ୍ମିରେଖା ମହାନ୍ତ ନାମ୍ନୀ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ସହ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏପରିକି ଇଚ୍ଛା ବିରୋଧରେ ତାଙ୍କ ଗର୍ଭ ନଷ୍ଟ କରାଯାଇଥିବା ରଶ୍ମିରେଖା ଏତଲାରେ ଦର୍ଶାଇଛନ୍ତି। ଖୁଣ୍ଟା ପୋଲିସ ମାମଲା (ନଂ.୨୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ରଶ୍ମିରେଖା ଅଭିଯୋଗ କରିଛନ୍ତି ଯେ, ୨୦୨୦ରେ ବୈଦିକ ରୀତିରେ ତାଙ୍କର ବିବାହ ହୋଇଥିଲା। ତିନିମାସ ପରେ ଅଧିକ ଦୁଇ ଲକ୍ଷ ଟଙ୍କା ଯୌତୁକ ଦାବି କରି ଶାଶୁ ଏବଂ ସ୍ୱାମୀ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ।

## ସଂକ୍ଷେପରେ

### ରାଜମିସ୍ତ୍ରିଙ୍କର ସନ୍ଦେହଜନକ ମୃତ୍ୟୁ

ସୋର, ୨୮।୧(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ୍ ମଧୁସୂଦନପୁର ପଞ୍ଚାୟତ ଖଜୁରଡିହା ଗ୍ରାମରେ ରହୁଥିବା ଜଣେ ବିହାରୀ ରାଜମିସ୍ତ୍ରିଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ବିଲ ମଧରୁ ଜବତ ହୋଇଛି। ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଇଛି। ବିହାରର ଜିତେନ ଜେନାଙ୍କ ପୁଅ ଧୀରଜ ଜେନା(୩୨) ସୋର ମଧୁସୂଦନପୁର ପଞ୍ଚାୟତ ଖଜୁରଡ଼ିହା ଗ୍ରାମର ପ୍ରଭାକର ଜେନାଙ୍କ ଝିଅ ରଶ୍ମିତାଙ୍କୁ ୧୦ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୬ ବର୍ଷର ପୁଅ ଓ ୩ବର୍ଷର ଝିଅ ଅଛନ୍ତି। ଧୀରଜ ରାଜମିସ୍ତ୍ରି ଭାବେ ବିଭିନ୍ନ ଆଡ଼େ ଠିକାରେ ଗୃହ ନିର୍ମାଣ କାର୍ଯ୍ୟ କରନ୍ତି। ମାତ୍ର ଅଧିକାଂଶ ଦିନେ ଅତ୍ୟଧିକ ମଦ୍ୟପାନ କରିଆସୁଥିବା କାରଣରୁ ସ୍ତ୍ରୀ ଏବଂ ଶ୍ୱଶୁର ଘର ଲୋକଙ୍କ ସହିତ ଝଗଡ଼ା ଲାଗନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରାତି ୮ଟାରେ ଧୀରଜ ଘରକୁ ଫେରିବା ପରେ ସ୍ତ୍ରୀ ସହିତ ଝଗଡ଼ା କରିବାରୁ ତାଙ୍କ ଶ୍ୱଶୁର ଏହାର ପ୍ରତିବାଦ କରିଥିଲେ। ସେ ଉତକ୍ଷିପ୍ତ ହୋଇ ଶ୍ୱଶୁରଙ୍କୁ ଗାଳିଗୁଲଜ କରିବା ପରେ ସେ ତାଙ୍କୁ ମାରିବା ପାଇଁ ଗୋଡ଼ାଇଥିଲେ। ଏହି ସମୟରେ ଧୀରଜ ଦୌଡ଼ି ପଳାଇଯାଇଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ସକାଳେ ଧୀରଜଙ୍କ ମୃତଦେହ ଘରଠାରୁ ୧୦୦ମିଟର ଦୂର ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି।

### 'ଦୃଶ୍ୟାନ୍ତର' ଲୋକାର୍ପିତ

ଭଣ୍ଡାରିପୋଖରୀ, ୨୮।୧ (ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ପାହିମାହୁରା ନିବାସୀ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ସାହୁଙ୍କ କବିତା ସଂକଳନ 'ଦୃଶ୍ୟାନ୍ତର' ଲୋକାର୍ପଣ ଉତ୍ସବ ଗୀତିକାର ଇଂ. ଅଭୟ ସୁତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଡ. କ୍ଷୀରୋଦ କୁମାର ସାମଲ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଅଧାପକ ନିହାର ରଞ୍ଜନ କର ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗୟାଧର ପଣ୍ଡା, ସମୀକ୍ଷକ ଅଧାପକ ଡ. ରମାକାନ୍ତ ନାୟକ, କବୟିତ୍ରୀ ଜାନକୀ ପାଢ଼ୀ, ଖବରଦାତା ରବିନାରାୟଣ ଖିଲାର, ସାହିତ୍ୟିକ ଶଶିକାନ୍ତ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶ୍ରେଷ୍ଠ ଶବ୍ଦଗୁଡ଼ିକୁ ଚମତ୍କାର ଭାବେ ସଜାଇଲେ ହିଁ ପ୍ରକୃତ କବିତା ସୃଷ୍ଟି ହୁଏ ବୋଲି ଅତିଥିମାନେ କହିଥିଲେ। ଡ. ପୁରୁଷୋତ୍ତମ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବସନ୍ତ କୁମାର ସାହୁ, ଅକ୍ଷୟ ମହାନ୍ତି, ଦେବାଶିଷ ସାହୁ, ଶିକ୍ଷାବିତ୍ ଜଗନ୍ନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ଶ୍ରାଦ୍ଧ ବାର୍ଷିକୀ

ପାଟଣା,୨୮।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରହ୍ଲାଦ ଦାଶଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୪ ଶାସନର ବ୍ରହ୍ମଣ ମଣ୍ଡଳୀ, କେନ୍ଦୁଝର ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋରଚନ୍ଦ୍ର ପୃଷ୍ଟି, ପ୍ରହ୍ଲାଦଙ୍କ ପୁତ୍ର ମନୋଜ, ବିଜନ, ରାଜନ, ଅନୁପ ଓ ଝିଅ ଶ୍ରଦ୍ଧାଞ୍ଜଳି ଉପସ୍ଥିତ ଥିଲେ।

# ପୂର୍ବତନ ପୋଷ୍ଟମାଷ୍ଟରଙ୍କୁ ୩ବର୍ଷ ଜେଲ

**ଜମା ଟଙ୍କା ହଡ଼ପ ମାମଲା**

ବାଲେଶ୍ୱର ଅଫିସ, ୨୮।୧

ଡାକବିଭାଗରେ ଜମାଟଙ୍କା ହଡ଼ପ ମାମଲାର ବିଚାର କରି ବାଲେଶ୍ୱର ସିଜେଏମ୍ କୋର୍ଟ ବିଚାରପତି ଲଳିତା ମଞ୍ଜରୀ ପଟ୍ଟନାୟକ ଶନିବାର ଜଣେ ପୂର୍ବତନ ପୋଷ୍ଟ ମାଷ୍ଟରଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ପ୍ରଦାନ ଲାଗି ଆଦେଶ ଦେଇଛନ୍ତି।

୨୦୧୨ ଜୁଲାଇ ୨୪ରେ ବିଜୟ କୁମାର ମହାନ୍ତି, ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାଲେଶ୍ୱର ପୋଷ୍ଟାଲ ଡିଭିଜନଙ୍କ ଏତଲାକ୍ରମେ ପୁରୁଣା ବାଲେଶ୍ୱରର ପୂର୍ବତନ ପୋଷ୍ଟ ମାଷ୍ଟର କପିଳେଶ୍ୱର ପଣ୍ଡାଙ୍କ ବିରୋଧରେ ବାଲେଶ୍ୱର ଟାଉନ ଥାନାରେ ମାମଲା (ନଂ.୨୪୨(୧୬)/୧୨) ଫୌଜଦାରୀ ଦଣ୍ଡବିଧି ଆଇନର ଦଫା ୪୦୯ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ କରାଯାଇ ବାଲେଶ୍ୱର ସିଜିଏମ୍‌ଙ୍କ କୋର୍ଟରେ ସିଟି ମାମଲା (ନଂ. ୧୫୫୪/୧୨)ରେ ବିଚାର ହୋଇ ୯ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟ ଓ କାଗଜାତ୍ ଆଦିକୁ ବିଚାର କରି ସିଜେଏମ୍ ଲଳିତା ମଞ୍ଜରୀ ପଟ୍ଟନାୟକ, କପିଳେଶ୍ୱର ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଜେଲ ଦଣ୍ଡାଦେଶ ଓ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୩ ମାସ ଅତିରିକ୍ତ ଜେଲ ଦଣ୍ଡରେ ଦଣ୍ଡିତ ହେବାକୁ ରାୟରେ ପ୍ରକାଶ କରିଛନ୍ତି।

ସୂଚନା ଯେ, ଅଭିଯୁକ୍ତ କପିଳେଶ୍ୱର ପଣ୍ଡା ପୁରୁଣା ବାଲେଶ୍ୱର ସବ୍‌ପୋଷ୍ଟ ଅଫିସରେ ଗତ ୧୯୯୦ ଜୁନ୍ ୧୪ରୁ ୨୦୦୯ ମଇ ୧୨ ତାରିଖ ଯାଏ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରିଥିବା ସମୟରେ ଗତ ୨୦୦୭ ମାର୍ଚ୍ଚ ୨୪ରୁ ୨୦୦୯ ଏପ୍ରିଲ ୩୦ ତାରିଖ ମଧ୍ୟରେ ଜମାକାରୀମାନେ ନିଜ ଜମା ଖାତାରେ ଟଙ୍କା ଜମା କରିବାକୁ ଦେଉଥିଲେ। ମାତ୍ର ଅଭିଯୁକ୍ତ ପଣ୍ଡା କେବଳ ଲୋକଙ୍କ ଜମା ଖାତାରେ ଟଙ୍କା ଜମା ହେଲା ବୋଲି ନିଜର ଦସ୍ତଖତ ଓ ପୋଷ୍ଟ ଅଫିସ ଷ୍ଟାମ୍ପ ମାରି ଜମା ଖାତାଧାରୀଙ୍କ ବହି ଫେରସ୍ତ ଦେଇ ଦେଉଥିଲେ। ଆରଡ଼ି ଜମା ବହିର ମାଚ୍ୟୁରିଟି ସମୟ ହୋଇଯିବାରୁ ଜମାକାରୀ ନିଜ ନିଜର ଟଙ୍କା ଉଠାଣ ପାଇଁ ପୋଷ୍ଟ ଅଫିସରେ ଆବେଦନ କରିବାରୁ ଅଭିଯୁକ୍ତ ପଣ୍ଡା ଉକ୍ତ ମାଚ୍ୟୁରିଟି ଟଙ୍କା ଫେରସ୍ତ ଦେବାରେ ଟାଳଟୁଳ କରିଥିଲେ। ଏହା ପରେ ଜମାକାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାରେ ଅଫିସିଆଲ ତଦନ୍ତ ହୋଇ ୫ଟି ଜମା ଖାତାରୁ ପଣ୍ଡା ସର୍ବମୋଟ ୮୫ହଜାର ୬୦୦ଟଙ୍କା ଆତ୍ମସାତ୍ କରିଥିବା ପ୍ରମାଣ ମିଳିଥିଲା। ତଦନୁଯାୟୀ ବିଭାଗ ତରଫରୁ ମାମଲା ରୁଜୁ ହୋଇଥିଲା। ଏଥିରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଭାବେ ପ୍ରଭାତ କୁମାର ଦାସ ମକଦ୍ଦମା ପରିଚାଳନା କରିଥିଲେ।

## ଜାତୀୟ କାର୍ଯ୍ୟକାରିଣୀରେ ଦଶମତୀ



ମଞ୍ଚରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

କେନ୍ଦୁଝର, ୨୮।୧ (ସ୍ୱ.ପ୍ର.)

କର୍ଣ୍ଣାଟକର ଟୁମକୁର ଜିଲାରେ ଜାନୁୟାରୀ ୨୦ ଓ ୨୧ରେ ଭାଜପା ମହିଳା ମୋର୍ଚ୍ଚାର ଜାତୀୟ କାର୍ଯ୍ୟକାରିଣୀ ବୈଠକ ହୋଇଥିଲା। ଏଥିରେ କେନ୍ଦୁଝର ଜିଲା ପାଟଣା ବିଧାନସଭା କ୍ଷେତ୍ରର ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ମେମ୍ବର ଭାଜପା ନେତ୍ରୀ ଦଶମତୀ ଚାତାର ଯୋଗଦାନ କରିଥିଲେ। ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ବାନଥି ଶ୍ରୀନିବାସନ ଅଧ୍ୟକ୍ଷତା କରିଥିବା ବେଳେ ବୈଠକରେ ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବି.ଏଲ. ସନ୍ତୋଷ, ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ପ୍ରଭାରୀ ଦୁଷ୍ମନ୍ତ ଗୌତମ, କର୍ଣ୍ଣାଟକର ମହିଳା ମୋର୍ଚ୍ଚା ଟିମ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଅଙ୍ଗୁରବାଳା, ମନୋଜଙ୍କୁ କବିତା ପୁରସ୍କାର




ଉତ୍ସବରେ ଯୋଗଦେଇଥିବା ଅତିଥି।

**ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ଉତ୍ସବ**

ବାଲେଶ୍ୱର ଅଫିସ, ୨୮।୧

ବାଲେଶ୍ୱର ସହର ପାଣିଟାଙ୍କିସ୍ଥିତ ଆତିଥ୍ୟ ସଭାଗୃହରେ ଶନିବାର କବି ଚନ୍ଦ୍ରକୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ.ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବରେ ନବରଙ୍ଗପୁର ଉପ ଆରକ୍ଷୀଅଧୀକ୍ଷକ ପ୍ରାବନ୍ଧିକ ଡ. ଚନ୍ଦ୍ରଶେଖର ହୋତା, ଯୁବ ପ୍ରାବନ୍ଧିକ ଡ. ସନ୍ତୋଷ କୁମାର ନାୟକ, ସହକାରୀ ପ୍ରଫେସର କୈଳାସ ଦାଶ ପ୍ରମୁଖ ଯୋଗଦେଇ କବି ଚନ୍ଦ୍ରକୁମାରଙ୍କ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚନ୍ଦ୍ର କୁମାର ମହାନ୍ତି କବିତା ପୁରସ୍କାର ୨୦୨୨ ଓ ୨୦୨୩ ଅଙ୍ଗୁରବାଳା ପରିଡ଼ା ଓ ମନୋଜ କୁମାର ମେହେରଙ୍କୁ ପ୍ରଦାନ କରାଯାଇଥିଲା। କବିଙ୍କର ସାନ ପୁଅ ଉତ୍ପଳ ମହାନ୍ତି ଉପସ୍ଥିତ ଥିବା ବେଳେ ପ୍ରାକ୍ କଥା ରଖିଥିଲେ ସାହିତ୍ୟିକ କୃଷ୍ଣ କୁମାର ମହାନ୍ତି। କବି ରଞ୍ଜନ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେହ ବ୍ୟବସାୟର ମୂଳଚାଲ ଭିଡିଓ ଭାଇରାଲ

**ଅଭିଯୁକ୍ତ କୋର୍ଟଚାଲାଣ**

କରଞ୍ଜିଆ,୨୮।୧(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା କରଞ୍ଜିଆରେ ଚାଲିଛି ଖୁଲମ ଖୋଲା ଦେହ ବେପାର। କରଞ୍ଜିଆ ଗଡ଼ ସାହି ଅଞ୍ଚଳର କୋଠରୀ ଭିତରକୁ ଗରାଖ ଆସୁଛନ୍ତି। ମୂଳଚାଲ ହେଉଛି। ଆଉ ନିଜ ଇଛା ମୁତାବକ ତାଙ୍କୁ ଝିଅ ଯୋଗାଇ ଦିଆଯାଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ଜିଲା ଘସିପୁରା ଅଞ୍ଚଳର ଗୋପୀନାଥ ଚୌଧୁରୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୋପୀନାଥ ଦେହ ବ୍ୟବସାୟ ଅଭିଯୋଗରେ ୨୦୧୯ରେ କେନ୍ଦୁଝରରୁ ଗିରଫ ହୋଇଥିଲେ। କିଛିମାସ ଜେଲରେ ରହି ଫେରିବା ପରେ ସେଠାରୁ ତଡ଼ି ପାର ହୋଇ କରଞ୍ଜିଆ ଆସି ରହିଥିଲେ। ଏଠାରେ ମଧ୍ୟ ଗୋପୀନାଥ କିଛି ଯୁବତୀଙ୍କୁ ପରିବାର ସଦସ୍ୟ ଦର୍ଶାଇ ରଖି ଦେହ ବ୍ୟବସାୟ ଚଳାଉଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏବେ ଭିଡିଓ ଭାଇରାଲ ପରେ ଶୁକ୍ରବାର ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉକ୍ତ ଘରୁ ନଗଦ ୭୦୦ ଟଙ୍କା, ମୋବାଇଲ ଓ ଆପତି ଜନକ ପଦାର୍ଥ ଜବତ କରିଛି। ଥାନାରେ (ନଂ. ୩୫/୨୩ )ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଆଇଆଇସି ସୂଚନ୍ଦ୍ର ମହାଳିକ କହିଛନ୍ତି।

# ଲୋଡିଂ ସ୍ଲିପ୍ ବଣ୍ଟାକୁ ନେଇ ପାତରଅନ୍ତର ଅଭିଯୋଗ

**କେନ୍ଦୁଝର ଟ୍ରକ୍ ମାଲିକ ସଂଘରେ ବିବାଦ**

କେନ୍ଦୁଝର,୨୮।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘରେ ବିବାଦ ବଢ଼ିବାରେ ଲାଗିଛି। ନିର୍ବାଚନକୁ ନେଇ ଛକାପଞ୍ଝା ଲାଗି ରହିଥିବା ବେଳେ ଏହାକୁ ନେଇ କୋର୍ଟରେ ମାମଲା ରୁଜୁ ହୋଇଛି। ଏଥିସହ ଟ୍ରକ୍ ଭଡ଼ା ବୃଦ୍ଧିକୁ ନେଇ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିଛି। ବର୍ତ୍ତମାନ ଲୋଡିଂ ସ୍ଲିପ୍ ବଣ୍ଟାକୁ ନେଇ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଥିବା ଅନେକ ଟ୍ରକ୍ ମାଲିକ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସଂଘର ବର୍ତ୍ତମାନର ସଭାପତିଙ୍କ ଦଶଚକିଆ ଗାଡ଼ି ଓଆର୦୯କେ-୪୨୭୩ ଜାନୁୟାରୀ ମାସରେ ୨୦ଦିନରେ ୧୮ ଟ୍ରିପ୍ କରିଥିବାକୁ ନେଇ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ସମ୍ପର୍କରେ ସଭାପତି ରମାକାନ୍ତ ନାଏକଙ୍କୁ ପଚାରିବାରୁ ଏହା ଜିଲା ଭିତରର ଗୋଟିଏ ନିର୍ଦ୍ଦିଷ୍ଟ ପ୍ଲାଣ୍ଟରୁ ଲୋଡ୍ ହେଉଛି ବୋଲି କହିଥିଲେ। ଏ ବାବଦରେ ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରୁ ଏହା ସମ୍ଭବ ନୁହେଁ ଏବଂ ଯେଉଁଦିନ ଅଧିକ ଗାଡ଼ିର ଆବଶ୍ୟକତା ଥିବ ସେହିଦିନ ଲୋଡ୍ ହେଉଥିବ ବୋଲି ପ୍ରକାଶ କରିଥିଲେ। ଏହିଭଳି ନିୟମିତ ଲୋଡିଂ କ'ଣ ସାଧାରଣ ମାଲିକଙ୍କ ପକ୍ଷରେ ସମ୍ଭବ କି ବୋଲି ଜଣେ ଗାଡ଼ି ମାଲିକ ଦୁର୍ଯ୍ୟୋଧନ ସାହୁ ପ୍ରଶ୍ନ କରିଛନ୍ତି।

OFFICE OF THE SUPERINTENDENT
SAHEED LAXAMAN NAYAK MEDICAL COLLEGE AND HOSPITAL, KORAPUT

No.639/2023 Date:25.01.2023

CORRIGENDUM

No.E-861:The annexure-I of this office Tender Bid Reference No.372, dtd.13.01.2023 towards empanelment of agency on rate contract basis for supply of total Hip replacement implants is hereby modified and may be read as per modified Annexure-I. Other terms and conditions of the tender Bid reference No-372, dtd.13.01.2023 will remains unchanged.

Sd./- Medical Superintendent
SLNMCH, Koraput
OIPR-10121/11/0032/2223

# 'ଜଗନ୍ନାଥ ରାଉତ ଥିଲେ ଧାମନଗର ବିକାଶର କର୍ଣ୍ଣଧାର'




ସ୍ମୃତିସଭାରେ ଅତିଥିମାନେ।

ଧାମନଗର, ୨୮।୧(ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ, ବିଧାୟକ ସ୍ୱର୍ଗତ ଜଗନ୍ନାଥ ରାଉତ ଧାମନଗର ଉନ୍ନତି କଥା ସବୁବେଳେ ଚିନ୍ତା କରୁଥିଲେ। ତାଙ୍କ ସମୟରେ ଏହି ବ୍ଲକର ବହୁ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରିଛି। ସେ ଧାମନଗର ବିକାଶର କର୍ଣ୍ଣଧାର ଥିଲେ ବୋଲି ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ କୁହାଯାଇଛି। ଧାମନଗରସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ସ୍ମୃତି କମିଟି ସଭାପତି ଖବରଦାତା ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ପୌରାଧକ୍ଷା ଗୁଲମୁକ୍କୀ ହବିବି, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ସୀତାକାନ୍ତ ମହାପାତ୍ର, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜୟଦେବ ଜେନା, ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ପଞ୍ଚାନନ ମଣ୍ଡଳ, ପୂର୍ବତନ ଏମ୍‌ପି ମୁରଲୀଧର ଜେନା, ଅନନ୍ତ ପ୍ରସାଦ ସେଠୀ, ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ସିପିଆଇ୍‌ଏମ୍ ନେତା ଚନ୍ଦ୍ରଶେଖର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ମହାନ୍ତି, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନୋଦ ନାୟକ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀ, ରସାନନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜଗନ୍ନାଥ ରାଉତ ସ୍ମୃତି କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ଏବଂ ଅଧାପକ ଚିତ୍ତରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅଭିଷେକ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ନନ୍ଦୁର ପଞ୍ଚାୟତର ଗର୍ବ ଗୌରବ ତପନ

ଖଇରା, ୨୮।୧(ଡି.ଏନ.ଏ.)

ଲୋକଙ୍କୁ ନିରନ୍ତର ସେବା ପ୍ରଦାନ କରି ନିଜ ଜୀବନକୁ ସମାଜ ପାଇଁ ସମର୍ପିତ କରିଥିବା ନନ୍ଦୁର ପଞ୍ଚାୟତ ଅସୁରିଆ ଗ୍ରାମର ତପନ କୁମାର ବାରିକଙ୍କୁ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ସରପଞ୍ଚ ଜୟନ୍ତୀ ପତି ଓ ସମିତିସଭ୍ୟା ଦମୟନ୍ତୀ ସିଂ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରାକ୍ତନ ସମିତିସଭ୍ୟ ଭରତ ଜେନା, ଗୌତମ ନାୟକ, ଏମବିକେ ରଞ୍ଜିତା ମହାନ୍ତି, ପଦ୍ମଲୋଚନ ନାୟକ, ସୁରେନ୍ଦ୍ର ନାୟକ, ଯଦୁନାଥ ସାମଲ ଓ ନରେନ୍ଦ୍ର ବରାଳଙ୍କ ସମେତ ସିଆରସିସି ଓ ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ। ଏହାପୂର୍ବରୁ ଡ୍ରିମର ଗ୍ରୁପରେ ସାମିଲ ହୋଇ ତପନ ଗରିବ ଅସହାୟଙ୍କୁ ପାଇଁ ସ୍ୱାସ୍ଥ୍ୟସେବା ବନ୍ଦୋବସ୍ତ, ବନ୍ୟାବାତ୍ୟା ଅଞ୍ଚଳରେ ସହାୟତା ଆଦି ପ୍ରଦାନ କରି ହ୍ୟାଣ୍ଡସମ ଡ୍ରିମର ମାନ୍ୟତା ଲାଭ କରି ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ।

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO.II
BHUBANESWAR
eerb2_bbsr@yahoo.com

INVITATIONS FOR BIDS THROUGH e-Procurement
Bid identification No.C.C. (R&B)-02
e-Procurement Notice No.67 of 2022-23
No. Bhubaneswar the 2022

No.B-1182:The Superintending Engineer, Bhubaneswar (R&B) Division No.II, Bhubaneswar on behalf of the Governor of Odisha invites percentage rate bids for One Number of Gas Pipeline work to be received in online bidding. Double Cover System as detailed in: https://tendersorissa.gov.in. The details of bid documents will be available in the above website from 01.02.2023 to 5.00 PM of 15.02.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 16.02.2023 in the Office of the Superintending Engineer, Bhubaneswar (R&B) Division No.II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/ Corrigendum, if required, will be available only in the website.

Sd./-Superintending Engineer, BBSR
(R&B) Division No.II, BBSR
OIPR-34088/11/0029/2223

# ମହାତ୍ମା ଗାନ୍ଧୀଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ

ଚମ୍ପୁଆ,୨୮।୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଗାନ୍ଧୀଛକଠାରେ ଥିବା ୩୦ବର୍ଷ ତଳର ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ହଟାଯାଇ ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ତହସିଲଦାର ସାଇସସ୍ମିତା ହୋତା, ବିଡିଓ ଜ୍ୟୋସ୍ନା ନାଏକ, ଏସ୍‌ଡିପିଓ ରାମରାୟ ମୁର୍ମୁ, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ଆଇଆଇସି ଗଗନ ବିହାରୀ ନାଏକ, ବଣିକ ସଂଘ ସଦସ୍ୟଙ୍କ ସମେତ ସମସ୍ତ କାଉନ୍‌ସିଲର, ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



ଅତିଥି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ ଅବସରରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବାହାନଗା,୨୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଜାଗେଶ୍ୱରପଦା ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏକାଦଶତମ ବାର୍ଷିକ ଉତ୍ସବ ଓ ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା କରାଯାଇ ଗୃହ ଭିତରକୁ ପ୍ରବେଶ କରାଯାଇଥିଲା । ପରେ ବିଦ୍ୟାମନ୍ଦିର ଏକଦଶତମ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯିବା ସହିତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପୁରସ୍କାର ବିତରଣ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଗୁରୁମା ସ୍ମୃତି ସଙ୍ଗୀତା ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଦର୍ଶନ ମହାଳିକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସମ୍ପାଦକ ମହେଶ୍ୱର ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଓଡିଶା ପ୍ରାନ୍ତ ପୂର୍ବଛାତ୍ର ପରିଷଦ ସହମନ୍ତ୍ରୀ ରଶ୍ମିରଞ୍ଜନ ଦାସ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଭଗବାନ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଗୁରୁଜୀ ବିନୋଦ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

NOTICE INVITING TENDER No. 01/OMC/DTR/Civil/2022-23, Dt. 25.01.2023
No.CAD-4644:Tender for the following works are invited.

| Sl. No. | Name of Work | Estimate Cost Rs. | Time Period of the work | Class of Contractor | EMD in D.D. (Rs.) | Cost of Bid documents (Rs.) |
|---|---|---|---|---|---|---|
| 1 | Renovation of road side drain with protection wall near Children's Park Daitari Mines in the district of Keonjhar. | Rs.486600/- | 2 Months | D & C | Rs.4870/- | Rs.2000/- + 18% GST |
| 2 | Development of road work providing CC pavement near Old Market in Township of Daitari Mines. | Rs.496500/- | 2 Months | D & C | Rs.4970/- | Rs.2000/- + 18% GST |
| 3 | Development of existing Black topped road with laying of SDBC of Daitari Town (Guest House Chhak to Old Market via Post Office) | Rs.434900/- | 2 Months | D & C | Rs.4350/- | Rs.2000/- + 18% GST |
| 4 | Development of existing Black topped road with laying of SDBC of Daitari Town (Old Market to Hospital Gate & road upto 104 Tenement) | Rs.484500/- | 2 Months | D & C | Rs.4850/- | Rs.2000/- + 18% GST |
| 5 | Development of existing Black topped road with laying of SDBC of Daitari Town (Sector-1 Chhak to Police Station) | Rs.485500/- | 2 Months | D & C | Rs.4860/- | Rs.2000/- + 18% GST |

1. Date & time of availability of bids at OMC web-site (www.omcltd.in / www. orissamining.com) from Dt. 08.02.2023 to dt.14.02.2023 up to 5.00 PM.
2. Last date and time of submission of bids at allocated tender box dtd.15.02.2023 up to 5.00 PM.
3. Date & time of opening of bid dtd.16.02.2023 at 11.00 AM.
4. For details you may refer D.T.C.N.
5. Tender inviting authority: Sr. Manager (Civil)
6. The Odisha Mining Corporation Ltd reserves the right to reject any or all tenders without assigning any reason thereof.

OIPR-30005/11/0206/2223
Sd./- 25.01.2023
Sr. Manager (Civil), Daitari

## ରିଲାଏନ୍ସ ଜିଓ ଓଡ଼ିଶାରେ ଏକ ନମ୍ବର

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଓଡ଼ିଶାରେ ଏକ ନମ୍ବର ଟେଲି ସେବା ପ୍ରଦାନକାରୀ ସଂସ୍ଥା ଭାବେ ଉଭା ହୋଇଛି। ଏପରି କି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରେ ମଧ୍ୟ ଏ ନେଇ ଉଲ୍ଲେଖ କରାଯାଇଛି। ବିଶେଷ କରି ରିଲାଏନ୍ସ ଜିଓ ୨୦୨୨ ନଭେମ୍ବରରେ ସର୍ବାଧିକ ସଂଖ୍ୟକ ମୋବାଇଲ୍ ଗ୍ରାହକ ସମେତ ସର୍ବାଧିକ ଫିକ୍ସଡ୍-ଲାଇନ୍ ଗ୍ରାହକ ଯୋଡ଼ିଥିବା ବେଳେ କମ୍ପାନୀ ତା'ର ଏକ ନମ୍ବର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଦିଗରେ ଅଗ୍ରସର ହେଉଛି।

# 'ଉତ୍ପାଦର ସୁରକ୍ଷା, ଗ୍ରାହକଙ୍କୁ ଆକର୍ଷିତ କରିବ ଉପଯୁକ୍ତ ପ୍ୟାକେଜିଂ'

### ଓଡ଼ିଶାର ପାରମ୍ପରିକ ଖାଦ୍ୟର ପ୍ୟାକେଜିଂ ଉପରେ ଜାତୀୟ କର୍ମଶାଳା




ଭୁବନେଶ୍ୱର, ୨୮।୧

ରାଜ୍ୟର ପ୍ରମୁଖ ଶିଳ୍ପଭିତ୍ତିକ ଅନୁଷ୍ଠାନ ଫୋରମ୍ ଫର ଏଣ୍ଟରପ୍ରାଇଜ ଡେଭଲପମେଣ୍ଟ (ଫେଡ୍), ଭୁବନେଶ୍ୱର ପକ୍ଷରୁ ଶନିବାର ସ୍ଥାନୀୟ ଖାରବେଳନଗର ସ୍ଥିତ ଏକ ହୋଟେଲରେ ଦିନିକିଆ ଜାତୀୟସ୍ତରୀୟ କର୍ମଶାଳା ଆୟୋଜନ କରାଯାଇଥିଲା। ଏପରି କି ଓଡ଼ିଶାର ପାରମ୍ପରିକ ଖାଦ୍ୟର ପ୍ୟାକେଜିଂ ଉପରେ କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ସହାୟତାରେ ଏକ ଦିନିକିଆ ଜାତୀୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ସଚିବ ବି.ବି. ସ୍ୱାଇଁ କହିଥିଲେ, ଓଡ଼ିଆ ଖାଦ୍ୟର ସଠିକ ପ୍ୟାକେଜିଂ ହୋଇପାରିଲେ ଏହା ବୈଶ୍ୱିକସ୍ତରରେ ଆଦୃତ ହୋଇପାରିବ। ଏହାଛଡା ସଠିକ ପ୍ୟାକେଜିଂ ଗ୍ରାହକଙ୍କୁ ଆକର୍ଷିତ କରିବା ସହ ଉତ୍ପାଦକୁ ବେଶିଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିବ ବୋଲି ସ୍ୱାଇଁ ମତପ୍ରକାଶ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଥିଲେ, ଓଡ଼ିଆ ଖାଦ୍ୟ ପ୍ରତି ଆଗ୍ରହ ବୃଦ୍ଧି କରିବା ପାଇଁ ଆମର ପାରମ୍ପରିକ ଖାଦ୍ୟର ସୁନ୍ଦର ପ୍ୟାକେଜିଂ ଓ ସଠିକ ମାର୍କେଟିଂ ହୋଇପାରିଲେ ସେଗୁଡ଼ିକ ଆହୁରି ଲୋକପ୍ରିୟ ହୋଇପାରିବ ବୋଲି ମିଶ୍ର କହିଥିଲେ। ଅପରପକ୍ଷରେ ଓଡ଼ିଶା ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନର ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ଏବଂ ଓର୍ମାସର ସିଇଓ ଗୁହା ପୁନମ୍ ତାପସ କୁମାର ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉଲ୍ଲେଖଯୋଗ୍ୟ ଫେଡ୍ ଭୁବନେଶ୍ୱରର ଅଧ୍ୟକ୍ଷ ପଞ୍ଚାନନ ଦାଶ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲା ବେଳେ ଏମ୍ଏସ୍ଏମ୍ଇ ବିକାଶ ଏବଂ ସୁବିଧା କାର୍ଯ୍ୟାଳୟ କଟକର ମୁଖ୍ୟ ପି.କେ. ଗୁପ୍ତା ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଟୟୋଟାର ନ୍ୟୁ ଇନୋଭା କ୍ରିଏଷ୍ଟାର ବୁକିଂ ଆରମ୍ଭ

ନୂଆଦିଲ୍ଲୀ, ୨୮।୧

ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍)ର ନ୍ୟୁ ଇନୋଭା କ୍ରିଏଷ୍ଟାର ବୁକିଂ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଟିକେଏମ୍ର ସେଲ୍ସ ଏବଂ ରଣନୀତିକ ଉପସଭାପତି ଅତୁଲ ସୁଦ କହିଛନ୍ତି, ନ୍ୟୁ ଇନୋଭା କ୍ରିଏଷ୍ଟାର ବୁକିଂ ୫୦,୦୦୦ ଟଙ୍କାରେ କରିହେବ। ଏହା ଡିଲର ପଏଣ୍ଟ କିମ୍ବା ଅନ୍‌ଲାଇନ ଜରିଆରେ ମଧ୍ୟ ବୁକିଂ କରାଯାଇପାରିବ। ନ୍ୟୁ ଇନୋଭା କ୍ରିଏଷ୍ଟା ଜି, ଜିଏକ୍ସ, ଭିଏକ୍ସ ଏବଂ ଜେଡ୍ଏକ୍ସ ଆଦି ୪ଟି ଗ୍ରେଡ୍‌ରେ ଉପଲବ୍ଧ। ଏହା ହ୍ୱାଇଟ ପର୍ଲ କ୍ରିଷ୍ଟାଲ ଶାଇନ, ସୁପର ହ୍ୱାଇଟ, ସିଲଭର ଆଟିଚ୍ୟୁଡ ବ୍ଲାକ୍ ଏବଂ ଆଭଣ୍ଟ ଗ୍ରେଡ୍ ବ୍ରୋଞ୍ଜ୍ ଆଦି ୫ଟି ରଙ୍ଗରେ ଉପଲବ୍ଧ। ଏପରି କି ୨୦୦୫ରେ ଏହାର ବଜାର ପ୍ରବେଶଠାରୁ ନ୍ୟୁ ଇନୋଭା କ୍ରିଏଷ୍ଟା ଭାରତୀୟ ବଜାରରେ ଏକ ବିଶ୍ୱସନୀୟତା, ଆରାମଦାୟକ, ସୁରକ୍ଷିତ, ବିଳାସପୂର୍ଣ୍ଣ ଏବଂ ଶକ୍ତିଶାଳୀ ଯାନ ଭାବେ ପରିଚିତି ହାସଲ କରିଛି।

## ବାରିପଦାରେ ଉତ୍କଳ ହସ୍ପିଟାଲର ଆଉଟରିଚ ସେଣ୍ଟର



ଭୁବନେଶ୍ୱର, ୨୮।୧

ରାଜ୍ୟ ପ୍ରମୁଖ ଘରୋଇ ଚିକିତ୍ସାଳୟ 'ଉତ୍କଳ ହସ୍ପିଟାଲ' ଭୁବନେଶ୍ୱର ପକ୍ଷରୁ ସୁଦୂର ବାରିପଦାଠାରେ ଶନିବାର ଏକ ସୁପର ସ୍ପେସାଲିଟି ଆଉଟରିଚ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଉତ୍କଳ ହସ୍ପିଟାଲ ଭୁବନେଶ୍ୱରର ଚେୟାରମ୍ୟାନ ତଥା ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଆଦିତ୍ୟ କୁମାର ସାମଲ ଏବଂ ଡା. ନିତ୍ୟାନନ୍ଦ ଉପାଧ୍ୟାୟଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ହସ୍ପିଟାଲର ସିଇଓ ଡା. ଆଶିଷ ଚନ୍ଦ୍ର, ନିର୍ଦ୍ଦେଶକ ଶୈଳେନ୍ଦ୍ର ନାରାୟଣ ପଣ୍ଡା, ସିଓଓ ଡା. ଆଲୋକ ଲୋଧା ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ବାରିପଦା ଉତ୍ତର ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସହର ହୋଇଥିବାରୁ ଏଠାକାର ଲୋକଙ୍କ ପାଇଁ ଉନ୍ନତମାନର ଅତ୍ୟାଧୁନିକ (ସୁପର ସ୍ପେସାଲିଟି) ଚିକିତ୍ସା ସୁବିଧାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଉତ୍କଳ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବାରିପଦାର ମୁରଗାବାଡି ଗୋଲେଇସ୍ଥିତ ନିଗମ ଭବନଠାରେ ଉକ୍ତ ସେଣ୍ଟରର ଶୁଭାରମ୍ଭ କରାଯାଇଛି।

## 'ସୁରକ୍ଷିତ ପ୍ଲାଟଫର୍ମ, ଗୁଣବତ୍ତା ବୃଦ୍ଧିକୁ ଗୁରୁତ୍ୱାରୋପ'

ନୂଆଦିଲ୍ଲୀ, ୨୮।୧

ବର୍ତ୍ତମାନ ସମୟରେ ପ୍ରତିଟି ଭାରତୀୟଙ୍କ ହାତରେ ଏକ ସ୍ମାର୍ଟଫୋନ ରହିଥିବା ବେଳେ ଉକ୍ତ ଫୋନରେ ସମସ୍ତ ସୁବିଧା ସହ ମୋବାଇଲ ଗେମିଂ ହାରରେ ମଧ୍ୟ ଦ୍ରୁତ ଅଭିବୃଦ୍ଧି ଦେଖାଯାଇଛି। ଏପରି କି ଓଡ଼ିଶାରେ ସର୍ବାଧିକ ମୋବାଇଲ ଗେମରରେ ଅଭିବୃଦ୍ଧି (୫୫%) ହାସଲ କରିଥିବା ବେଳେ ପଞ୍ଜାବ (୫୩%), ତାମିଲନାଡୁ (୪୨%), ପୁଡୁଚେରୀ (୩୮%) ଓ ହିମାଚଳ ପ୍ରଦେଶ (୨୩%) ପର୍ଯ୍ୟାୟ କ୍ରମେ ରହିଥିବା ମୋବାଇଲ ପ୍ରିମିୟର ଲିଗ (ଏମ୍‌ପିଏଲ୍)ର ମୋବାଇଲ ଏସ୍‌ପୋର୍ଟ ଓ ଡିଜିଟାଲ ଗେମିଂ ପ୍ଲାଟଫର୍ମ ଦ୍ୱାରା ନିକଟରେ ପ୍ରକାଶିତ ଇଣ୍ଡିଆ ମୋବାଇଲ ଗେମିଂ ରିପୋର୍ଟରେ ଏ ନେଇ ମଧ୍ୟ ବିସ୍ତୃତ ସୂଚନା ପ୍ରକାଶ ପାଇଛି। ଏପରି କି ଓଡ଼ିଶାରେ ସର୍ବାଧିକ ମୋବାଇଲ ଖେଳାଳି ରହିଛନ୍ତି ; ଯାହାର ଦ୍ରୁତ ଅଭିବୃଦ୍ଧି ହୋଇଥିବା ଜଣାପଡିଛି। ସେହିଭଳି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ବିହାର ଓ ପଶ୍ଚିମବଙ୍ଗରେ ସର୍ବାଧିକ ମୋବାଇଲ ଖେଳାଳି ଥିବା ଶ୍ରେଷ୍ଠ ୫ଟି ରାଜ୍ୟ ଅଟନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ ଅନ୍ୟାନ୍ୟ ଇଣ୍ଟରନେଟ କାର୍ଯ୍ୟକଳାପ ମଧ୍ୟରେ ମୋବାଇଲ ଗେମିଂରେ ଦ୍ରୁତ ଅଭିବୃଦ୍ଧି ମୋବାଇଲ ଖେଳର ବ୍ୟାପକ ଲୋକପ୍ରିୟତାର ପ୍ରମାଣ । ଏ ସମ୍ପର୍କରେ ଏମ୍‌ପିଏଲ୍‌ର କଣ୍ଟ୍ରି ହେଡ୍ ଇଣ୍ଡିଆ ନମ୍ରଥା ସ୍ୱାମୀ କହିଛନ୍ତି, ଉକ୍ତ ରିପୋର୍ଟର ଫଳାଫଳ ଭାରତୀୟ ସହର ଓ ଅନ୍‌ଲାଇନ ଖେଳ ପ୍ରତି ଭଲପାଇବା ଦର୍ଶାଉଛି। ଏପରି କି ପ୍ରାୟ ଲୋକ ମୋବାଇଲ ଖେଳକୁ ଭଲ ପାଉଛନ୍ତି। ବିଶେଷ କରି ଉନ୍ନତ ଇଣ୍ଟରନେଟ ଓ ସୁରକ୍ଷିତ ଏସପୋର୍ଟ ଓ ଗେମିଂ ପ୍ଲାଟଫର୍ମର ଉପଲବ୍ଧତା ଏହି ବୃଦ୍ଧିରେ ସହଯୋଗ କରୁଛନ୍ତି।

## ଆଜି ଜୀ ସାର୍ଥକରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କନ୍ୟାଦାନ'

ଭୁବନେଶ୍ୱର, ୨୮।୧

ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନଧର୍ମୀ ଘରୋଇ ଚ୍ୟାନେଲ ଜୀ ସାର୍ଥକରେ ରବିବାର ଜୀ ସାର୍ଥକ ଫିଲ୍ମସର ନୂଆ ଚଳଚ୍ଚିତ୍ର 'କନ୍ୟାଦାନ'ର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ହେବ। ବିଶେଷ କରି ଜୀ-ସାର୍ଥକ ଫିଲ୍ମସ ସବୁବେଳେ ନୂଆ ଓ ଭିନ୍ନ ଭିନ୍ନ କାହାଣୀରେ ନିର୍ମିତ ଚଳଚ୍ଚିତ୍ର ତା'ର ଦର୍ଶକଙ୍କୁ ଭେଟି ଦେଇ ଆସିଛି। ଏଥର ସେହି ଚିରାଚରିତ ଶାଶୁ- ବୋହୂଙ୍କର ଝଗଡ଼ା ନୁହେଁ ବରଂ ଜଣେ ଶାଶୁ କିପରି ନିଜ ବୋହୂର କନ୍ୟାଦାନ କରୁଛନ୍ତି ତାକୁ ନେଇ ଏକ ଦମ୍‌ଦାର କାହାଣୀ ପରିବେଷଣ ହେଉଛି। ବିଶେଷ କରି ପ୍ରିୟବ୍ରତଙ୍କ କାହାଣୀ ତଥା କବିର ଦାସଙ୍କ ପ୍ରଯୋଜନା ଓ ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ର ପାଇଁ ନିର୍ମଳ ନାୟକ ଗୀତ ରଚନା କରିଛନ୍ତି ଓ ପ୍ରଶାନ୍ତ ପାଢ଼ୀ ଗୀତଗୁଡ଼ିକ ସଙ୍ଗୀତରେ ସଜେଇଛନ୍ତି । ସେହିଭଳି ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପାଢ଼ୀ, ଦେବାଂଶୀ ଦାଶ ଓ ଶୁଭାଶିଷ ଲେଙ୍କା ଏଥିରେ କଣ୍ଠଦାନ କରିଛନ୍ତି। ଅପରପକ୍ଷରେ 'କନ୍ୟାଦାନ'ରେ ମୁଖ୍ୟ ଭୂମିକାରେ ବରିଷ୍ଠ ଓଡ଼ିଆ ଅଭିନେତ୍ରୀ ମହାଶ୍ୱେତା ରାୟ ଅଭିନୟ କରିଥିବା ବେଳେ ଜସ୍ମିନ ଓ ବିକ୍ରମ ନାୟକ ଏବଂ ନାୟିକା ଭୂମିକାରେ ଅଭିନୟ କରିଛନ୍ତି। ଏକ ଭିନ୍ନ ସ୍ୱାଦ ଓ ସମାଜରେ ବର୍ତ୍ତମାନ ସ୍ଥିତି ଉପରେ ଏହି କାହାଣୀ ସହ ଚଳଚ୍ଚିତ୍ରଟି ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି ପ୍ରଯୋଜନା ସଂସ୍ଥା ଓ ଜୀ ସାର୍ଥକର ଚ୍ୟାନେଲ୍ ହେଡ୍ ପ୍ରତୀକ ସିଲ୍ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଶାଶୁ-ବୋହୂ ସମ୍ପର୍କର ଅଦ୍ଭୁତ କାହାଣୀ ସହ ଜୀ-ସାର୍ଥକରେ ୨୯ ତାରିଖ ସନ୍ଧ୍ୟା ୬ଟା ୩୦ରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କନ୍ୟାଦାନ' ପ୍ରସାରିତ ହେବ।



## ଆଇଡିଏଫ୍‌ସି ଫାଷ୍ଟର ତ୍ରୈମାସିକ ଫଳାଫଳ


ନୂଆଦିଲ୍ଲୀ, ୨୮।୧

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ୨୦୨୨-୨୩ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରି କି ବ୍ୟାଙ୍କର ବୋର୍ଡ ଅଫ ନିର୍ଦ୍ଦେଶକ ମଣ୍ଡଳୀର ବୈଠକରେ ତ୍ରୈମାସିକ ମଞ୍ଜୁରିପ୍ରାପ୍ତ ଆର୍ଥିକ ଫଳଫଳ ମଞ୍ଜୁର ଦିଆଯାଇଛି। ଏ ସମ୍ପର୍କରେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଭି. ବୈଦ୍ୟନାଥନ କହିଛନ୍ତି, ଆମେ ଆନନ୍ଦର ସହ ଏହା ଜଣାଇବାକୁ ଚାହୁଁ ଯେ ବର୍ତ୍ତମାନ ବ୍ୟାଙ୍କ ପାଇଁ ସିଏଏସ୍ଏ ଅନୁପାତ ୫୦% ଓ ଦୃଢ ରିଟେଲ ଜମା ଫ୍ରାଞ୍ଚାଇଜ ଗ୍ରାହକଙ୍କ ମୋଟ ୭୭% ଯୋଗଦାନ ରହିଛି। ଆମର ଗ୍ରାହକଙ୍କ ବନ୍ଧୁତ୍ୱପୂର୍ଣ୍ଣ ଉତ୍ପାଦ ଓ ସେବା, ଉପଯୋଗୀ ଗ୍ରାହକ ସେବା, କର୍ପୋରେଟ ଶାସନ, ନୈତିକତା ଓ ଡିଜିଟାଲ କାର୍ଯ୍ୟକାରିତା ଜଣାଶୁଣା ବ୍ରାଣ୍ଡ ଉପରେ ଦୃଢ ହେବାରେ ଲାଗିଛି। ଏହି ଶକ୍ତିଶାଳୀ ପ୍ଲାଟଫର୍ମରେ ସ୍ଥିର ଶୈଳୀରେ ଆମର ଋଣ ପୁସ୍ତକକୁ ଦୃଢ ଉପସ୍ଥାପନ କରୁଛୁ। ସେହିଭଳି ଖୁଚୁରା କାରବାର ଯେଉଁଠାରେ ଆମ ବ୍ୟାଙ୍କ ବିଶେଷ ଭାବେ ମୋଟ ଏନ୍‌ପିଏ ୧.୮୭% କୁ ଖସି ଆସିଛି ଓ ନେଟ୍ ଯଥାକ୍ରମରେ ୨.୦% ଓ ୧.୦% ଜିଏନ୍‌ପିଏ ଓ ନେଟ୍ ଏନ୍‌ପିଏର ନିର୍ଦ୍ଦେଶନାମା ବିପକ୍ଷରେ ୦.୭୦%କୁ ଖସି ଆସିଛି। ଏପରି କି ସାମଗ୍ରିକ ବ୍ୟାଙ୍କ ସ୍ତରରେ ମଧ୍ୟ ଉଭୟ ଗ୍ରସ ଓ ନେଟ୍ ଏନ୍‌ପିଏ ଗତ ବର୍ଷ ୩.୯୬% ଓ ୧.୭୪%ରୁ ଯଥାକ୍ରମେ ୨.୯୬% ଓ ୧.୦୩%କୁ ଉନ୍ନତ ହୋଇଛି। ସେହିପରି ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ଜମା ଓ ଋଣ ଗ୍ରାହକ ଜମା ୮୫,୮୧୮କୋଟି ଟଙ୍କାରୁ ବୃଦ୍ଧି ଘଟି ୧,୨୩,୫୭୮ କୋଟି ଟଙ୍କାରେ ପହଞ୍ଚିଛି।

## ଫୁର୍‌ସତ୍

# ଦିବ୍ୟାଙ୍ଗ ଯୁବକଙ୍କୁ କାନ୍ଧେଇ 'ପଠାନ୍' ଦେଖାଇଲେ ବନ୍ଧୁ

### ୩ ଦିନରେ ୩୦୦ କୋଟି ଆୟ କଲାଣି ଶାହରୁଖ୍‌ଙ୍କ ଫିଲ୍ମ

କୋଲକାତା

ଶାହରୁଖଙ୍କ ସୁପରହିଟ୍ ଫିଲ୍ମ 'ପଠାନ୍'ର ଲୋକପ୍ରିୟତା ଏବେ ଚାରିଆଡ଼େ ବଢ଼ିବାରେ ଲାଗିଛି। ଶାହରୁଖ୍‌ଙ୍କୁ ବଡ଼ ପରଦାରେ ଦେଖିବା ଲାଗି ତାଙ୍କ ଫ୍ୟାନ୍ସମାନଙ୍କୁ ୪ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିବାବେଳେ ପଠାନ୍‌ର କାହାଣୀ ଦର୍ଶକଙ୍କୁ ପସନ୍ଦ ଆସିଛି। ତେବେ ଏସବୁ ଭିତରେ ଶାହରୁଖଙ୍କ ଦୁଇଜଣ ଫ୍ୟାନ୍ ଏବେ ଚର୍ଚ୍ଚାକୁ ଆସିଛନ୍ତି। ଦୁଇ ଯୁବକ ବିହାରର। ହଲ୍‌ରେ ପଠାନ୍ ଦେଖିବାକୁ ହେଲେ ସେମାନେ ବିହାରରୁ ପଶ୍ଚିମବଙ୍ଗ ଆସିଛନ୍ତି। ତେବେ ସେ ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ଦିବ୍ୟାଙ୍ଗ। ଦୁଇବନ୍ଧୁ ଶାହରୁଖଙ୍କୁ ଖୁବ୍ ପସନ୍ଦ କରୁଥିବାବେଳେ ଦିବ୍ୟାଙ୍ଗ ଯୁବକଙ୍କୁ ତାଙ୍କ ବନ୍ଧୁ କାନ୍ଧେଇ ବିହାରରୁ ପଶ୍ଚିମବଙ୍ଗ ଆସିଛନ୍ତି। ତେବେ ଏହି ଦୁଇ ଯୁବକଙ୍କ ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି।

ଫିଲ୍ମ ପଠାନ୍ ଗତ ୨୫ ତାରିଖରେ ପ୍ରେକ୍ଷାଳୟକୁ ଓହ୍ଲାଇଛି। ଫିଲ୍ମର ସଙ୍ଗୀତ ବେସରମ ରଙ୍ଗକୁ ନେଇ ବହୁ ବିବାଦ ଦେଖାଦେଇଥିଲେ ମଧ୍ୟ ଏହା ସଫଳତାର ସହ ହଲ୍‌କୁ ଆସିଛି। ତେବେ ଫିଲ୍ମକୁ ସିନେପ୍ରେମୀଙ୍କ ଖୁବ୍ ଭଲପାଇବା ମିଳିଛି। ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ରିଲିଜ୍ ହୋଇଥିବା ଏହି ଫିଲ୍ମ ମାତ୍ର ୩ ଦିନରେ ୩୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ କରିସାରିଲାଣି।

## ରୋଗ ଭଲ କରୁଛନ୍ତି 'କମ୍ବଳ ବାଲା ବାବା'

ଗାନ୍ଧିନଗର

ଗୁଜରାଟର କମ୍ବଳ ବାଲା ବାବାଙ୍କୁ ଏ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। କମ୍ବଳ ବାବା ଯାହାକୁ ସ୍ପର୍ଶ କରନ୍ତି ତାଙ୍କ ଦେହରୁ ରୋଗ ଉଭେଇ ଯାଉଛି। ଗୁଜରାଟର ଗଣେଶ ଭାଇ ଗୁଜର ଏବେ କମ୍ବଳ ବାଲା ବାବା ଭାବେ ବେଶ୍ ପରିଚୟ ଅର୍ଜନ କରିଛନ୍ତି। ବିଭିନ୍ନ ରୋଗରେ ଆକ୍ରାନ୍ତ ଶହ ଶହ ରୋଗୀ ତାଙ୍କ ନିକଟରେ ଭିଡ଼ ଜମାଇବାରେ ଲାଗିଛନ୍ତି। କମ୍ବଳ ବାବା ସବୁ ପ୍ରକାର ରୋଗ ଭଲ କରିଦେଉଥିବା ତାଙ୍କ ନିକଟକୁ ଆସୁଥିବା ଭକ୍ତଙ୍କ ବିଶ୍ୱାସ ରହିଛି। ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ କମ୍ବଳ ବାବା ଅନେକ ସମୟରେ କ୍ୟାମ୍ପର ଆୟୋଜନ କରୁଛନ୍ତି। ଯେଉଁଠାକୁ ଲୋକେ ଆସି ବାବାଙ୍କ କୃପାରୁ ସୁସ୍ଥ ହେଉଥିବା କହିଛନ୍ତି।

## ଶ୍ରୁତିଙ୍କ ନୂଆ ପ୍ରୋଜେକ୍ଟ



**ହାଇଦ୍ରାବାଦ୍:** ଶ୍ରୁତି ଏବେ ନିଜ ଆଗାମୀ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିର୍ଦ୍ଦେଶକ ପ୍ରଶାନ୍ତ ନୀଲଙ୍କ ଅପ୍‌କମିଂ ଥ୍ରିଲର ଫିଲ୍ମ 'ସଲାର'ରେ ନଜର ଆସିବେ। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ପ୍ରଭାସ। ତେବେ ପ୍ରଥମଥର ପାଇଁ ଶ୍ରୁତି ଓ ପ୍ରଭାସଙ୍କୁ ଦର୍ଶକେ ଏକାଠି ବଡ଼ ପରଦାରେ ଦେଖିବାର ସୁଯୋଗ ପାଇବେ। ଫିଲ୍ମଟି ସେପ୍ଟେମ୍ବର ୨୮ରେ ମୁକ୍ତିଲାଭ କରିବ। ନିକଟରେ ଶ୍ରୁତିଙ୍କ ଅଭିନୀତ ତେଲୁଗୁ କମେଡି ଫିଲ୍ମ 'ୱାଲଟେର ଭୀରୟା' ମୁକ୍ତିଲାଭ କରିଛି। ଏଥିରେ ଚିରଞ୍ଜୀବୀ, ରବି ତେଜା ଏବଂ ପ୍ରକାଶ ରାଜ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ବବି କୋହ୍ଲୀ। ଅଭିନେତ୍ରୀ ଶ୍ରୁତି ହାସନ ଶନିବାର ତାଙ୍କ ୩୭ତମ ଜନ୍ମଦିବସ ପାଳନ କରିଛନ୍ତି। ଏ ଅବସରରେ ସେ ଅନେକ ଫଟୋ ମଧ୍ୟ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଛନ୍ତି। ଶେୟାର ଫଟୋରେ ବୟଫ୍ରେଣ୍ଡ ଶାନ୍ତନୁଙ୍କୁ ଦେଖିବାକୁ ମିଳିଛି। ଶ୍ରୁତି ବୟଫ୍ରେଣ୍ଡଙ୍କ ପାଇଁ ସ୍ୱତନ୍ତ୍ର ପୋଷ୍ଟ ଶେୟାର କରି ଲେଖିଛନ୍ତି, ତାଙ୍କୁ ସେ ସବୁଠୁ ଅଧିକ ଭଲପାଆନ୍ତି।

## ୧.୨ କୋଟି ଦରମା ନିଅନ୍ତି ଅନୁଷ୍କାଙ୍କ ବଡିଗାର୍ଡ



**ମୁମ୍ବାଇ:** ବଲିଉଡ ସେଲିବ୍ରିଟିମାନେ ସେମାନଙ୍କ ସୁରକ୍ଷା ପାଇଁ ବହୁତ ଟଙ୍କା ଖର୍ଚ୍ଚ କରନ୍ତି। ଅଧିକାଂଶ ସେଲିବ୍ରିଟିଙ୍କ ପର୍ସନାଲ ବଡିଗାର୍ଡ ବି ଅଛନ୍ତି। ଯିଏକି ବର୍ଷ ବର୍ଷ ଧରି ଅଭିନେତ୍ରୀ, ଅଭିନେତାଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି। ଠିକ ସେମିତି ପ୍ରସିଦ୍ଧ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ବଡିଗାର୍ଡ ସୋନୁ ଓରଫ ପ୍ରକାଶ ସିଂ(ଛଦ୍ମନାମ) ରହିଛନ୍ତି। ସର୍ବସାଧାରଣ ସ୍ଥାନରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ସୋନୁ ପ୍ରତି ମୁହୂର୍ତ୍ତରେ ଅନୁଷ୍କାଙ୍କ ସହିତ ରହିଥାନ୍ତି। ଏହାର ପ୍ରତିବଦଳରେ ଅନୁଷ୍କା ସୋନୁଙ୍କୁ ବହୁତ ଦରମା ଦିଅନ୍ତି। ସୋନୁଙ୍କ ଦରମା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ଅନୁଷ୍କା ବିରାଟଙ୍କୁ ବିବାହ କରିବା ପୂର୍ବରୁ ବି ସୋନୁ ଅନୁଷ୍କାଙ୍କ ବଡିଗାର୍ଡ ଥିଲେ। ବିବାହ ପରେ ସୋନୁ ଅନୁଷ୍କା ଏବଂ ବିରାଟଙ୍କ ଯତ୍ନ ନେଉଛନ୍ତି। ଅନୁଷ୍କା ଗର୍ଭବତୀ ଥିବା ବେଳେ ସୋନୁ ତାଙ୍କର ବିଶେଷ ଯତ୍ନ ନେଉଥିଲେ। ବିରାଟଙ୍କର ନିଜର ବଡିଗାର୍ଡ ଅଛନ୍ତି ତଥାପି ସୋନୁ ବିରାଟଙ୍କ ବିଶେଷ ଯତ୍ନ ନିଅନ୍ତି। ଏହାର ପ୍ରତିବଦଳରେ ଏହି କପଲ ସେମାନଙ୍କ ବଡିଗାର୍ଡଙ୍କୁ ବିପୁଳ ପରିମାଣର ଟଙ୍କା ଦରମା ଆକାରରେ ଦେଇଥାନ୍ତି। ଏକ ରିପୋର୍ଟ ଅନୁଯାୟୀ, ସୋନୁଙ୍କ ଦରମା ପ୍ୟାକେଜ ହେଉଛି ୧.୨ କୋଟି ଟଙ୍କା। ଏପରିକି ଅନେକ କମ୍ପାନୀର ସିଇଓମାନେ ମଧ୍ୟ ଏତେ ଟଙ୍କା ଦରମା ପାଉନାହାନ୍ତି।

## ସଚେତନତା ଦ୍ୱାରା ନିଦାନ

### କୁଷ୍ଠ ମୂଳୋତ୍ପାଟନ ଦିବସ

ସଚେତନ ହେଲେ ବିଭିନ୍ନ ଶାରୀରିକ ସମସ୍ୟାରୁ ସହଜରେ ଦୂରେଇ ରହିବା ସମ୍ଭବ ହୋଇ ପାରିଥାଏ। ଏହି ମର୍ମରେ କୁଷ୍ଠ ଭଳି ସମସ୍ୟାଠାରୁ ମୁକ୍ତି ପାଇଁ ଜାନୁୟାରୀ ଶେଷ ରବିବାର ଦିନ ବିଶ୍ୱ କୁଷ୍ଠ ମୂଳୋତ୍ପାଟନ ଦିବସ ପାଳନ କରାଯାଇଥାଏ। ଚଳିତ ୨୦୨୩ ମସିହାରେ, ଏହି ଦିବସ ରବିବାର ୨୯ ଜାନୁଆୟୀରେ ପାଳିତ ହେଉଛି। ଏହି ଦିବସ ପାଳନ ଅବସରରେ ଏନେଇ ସଚେତନତା ସୃଷ୍ଟି ସହିତ ଏହାକୁ ନେଇ ସମାଜରେ ଦେଖାଯାଉଥିବା ଭେଦଭାବ ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଥାଏ। ୧୯୫୪ ମସିହାରେ ଫ୍ରାନ୍ସର ଗଣମାଧ୍ୟମ ପ୍ରତିନିଧି ତଥା କାର୍ଯ୍ୟକର୍ତ୍ତା ରାଓଲ ଫୋଲେରୋଙ୍କ ଦ୍ୱାରା ବିଶ୍ୱ କୁଷ୍ଠ ଦିବସ ପ୍ରତିଷ୍ଠା କରାଯାଇଥିଲା। ଦୁଇଟି ଲକ୍ଷ୍ୟ ସହିତ ଫୋଲେରୋ ବିଶ୍ୱ କୁଷ୍ଠ ଦିବସ ସୃଷ୍ଟି କରିଥିଲେ। କୁଷ୍ଠରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ଏବଂ ଏହି ସମସ୍ୟା ସମ୍ପର୍କରେ ଥିବା ଭୁଲ ଧାରଣାକୁ ସଂଶୋଧନ କରି କୁଷ୍ଠ ବିଷୟରେ ଜନସାଧାରଣଙ୍କୁ ଶିକ୍ଷା ଦେବା ତାଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା। କୁଷ୍ଠ ଭାରତର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଦେଖାଯାଇଥାଏ। ବାର୍ଷିକ ୧୦ ହଜାର ଜନସଂଖ୍ୟାରେ ଏହାର ହାର ୪.୫୬ ପ୍ରତିଶତ ରହିଛି। କୁଷ୍ଠର ପ୍ରାଦୁର୍ଭାବ ହାର ଦେଶରେ୧୦ ହଜାର ଜନସଂଖ୍ୟାରେ ଏହାର ହାର ୦.୪ ପ୍ରତିଶତ । ନ୍ୟାଶନାଲ କୁଷ୍ଠ ମୂଳୋତ୍ପାଟନ କାର୍ଯ୍ୟକ୍ରମର ସର୍ବଶେଷ ତଥ୍ୟ ଅନୁଯାୟୀ, ୨୦୨୦-୨୧ ମସିହାରେ ଭାରତରେ ମୋଟ ୬୫,୧୪୭ କୁଷ୍ଠ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା। ସେହି ସମୟ ମଧ୍ୟରେ ମହାରାଷ୍ଟ୍ର ୧୨ ହଜାରରୁ ଅଧିକ ମାମଲା ରେକର୍ଡ କରିଥିଲା। ୨୦୦୨ରେ ଏନେଇ ଜାତୀୟ ସ୍ୱାସ୍ଥ୍ୟ ନୀତି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ କୁଷ୍ଠ ଦୂର କରିବା ନେଇ ଡିସେମ୍ବର ୨୦୦୫ରେ ଜାତୀୟ ସ୍ତରରେ ୧୦ ହଜାର ଜନସଂଖ୍ୟାରେ ୧ରୁ କମ ମାମଲା ଭାବରେ ଏହାକୁ ବ୍ୟାଖ୍ୟା କରାଯାଇଥିଲା।

## ଏ ସପ୍ତାହର ପ୍ରଶ୍ନ

୧– ପୁଲି ବେଜ୍ ଅଭୟାରଣ୍ୟ .............. ରାଜ୍ୟରେ ଅବସ୍ଥିତ ?
୨– କିରାତାର୍ଜୁନୀୟ ପୁସ୍ତକର ଲେଖକ ........... ?
୩– ଝିଝିଆ ନୃତ୍ୟଶୈଳୀ ଉତ୍ପତ୍ତି ................. ରାଜ୍ୟରେ ହୋଇଥିଲା ?
୪– ଏଜ୍ରା କପ୍ ............. ଖେଳରେ ଦିଆଯାଏ ?
୫– ଫିଫା ଓମେନ୍ସ ୱାର୍ଲ୍ଡ କପ୍‌ର ଡିଜାଇନ୍ .............. କରିଛନ୍ତି ?

## ଗତ ଥରର ଉତ୍ତର

୧ ମଧ୍ୟପ୍ରଦେଶ
୨ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ
୩ ମେଘାଳୟ
୪ ବିମଲ ଜଲାଲ
୫ କଲିକତା

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ପ୍ରଦୀପ୍ତ ସୁନ୍ଦର ଦାସ
ସମ୍ବଲପୁର

## ଟପ୍ ୧୦

### ଲୋକପ୍ରିୟ କଫି ବ୍ରାଣ୍ଡ




୧.................................ଷ୍ଟାରବକ୍ସ
୨................................. କିଉରିଗ୍ ଡ. ପିପର୍
୩................................. ନେସ୍କାଫେ
୪................................. ପିଟ୍ସ କଫି
୫................................. ଗ୍ଲୋରିଆ ଜିନ୍ସ କଫିଜ୍
୬................................. ଟିମ୍ ହର୍ଟନ୍ସ
୭................................. କୋଷ୍ଟା କଫି
୮................................. ଫଲ୍‌ଗର୍ସ
୯................................. ଲାଭାଜା
୧୦................................. ଡଙ୍କିନ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ୟୁନିସେକ୍ସ ଫ୍ୟାଶନ

**ଏବେ ଜେଣ୍ଡର ନ୍ୟୁଟ୍ରାଲ ବା ୟୁନିସେକ୍ସ ଫ୍ୟାଶନ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ। ଯଦ୍ଦ୍ୱାରା ନା କେବଳ ନାରୀ ଓ ପୁରୁଷ ମଧ୍ୟରେ ଅସମାନତା ଏବଂ ଭେଦଭାବ ହ୍ରାସ ପାଉଛି ବରଂ ଏହା ଅପେକ୍ଷାକୃତ ଟ୍ରେଣ୍ଡି ଓ ଆଇକ୍ୟାଚି ଲୁକ୍ ବି ଦେଉଛି। ଯେଉଁଥିପାଇଁ ଯୁବପିଢ଼ିଙ୍କ ଦ୍ୱାରା ଏହା ବେଶ୍ ଆଦୃତ ହେଉଥିବା ଦେଖିବାକୁ ମିଳୁଛି...**






ଦିନ ଥିଲା ପୁରୁଷ ଓ ନାରୀଙ୍କ ଫ୍ୟାଶନ ପରସ୍ପରଠୁ ଥିଲା ସମ୍ପୂର୍ଣ୍ଣ ଭିନ୍ନ। ପରିବର୍ତ୍ତିତ ସମୟ ସହ ଏଥିରେ କିଛିଟା ପରିବର୍ତ୍ତନ ହେଲା ଏବଂ ଧୀରେ ଧୀରେ ଉଭୟଙ୍କ ଫ୍ୟାଶନ୍‌ରେ ସାମଞ୍ଜସ୍ୟ ଦେଖିବାକୁ ମିଳିଲା। ହେଲେ ବର୍ତ୍ତମାନ ୟୁନିସେକ୍ସ ବା ଜେଣ୍ଡର ନ୍ୟୁଟ୍ରାଲ ଫ୍ୟାଶନ ଅଧିକାଂଶ ବିଶେଷକରି ଯୁବପିଢ଼ି ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ହ୍ରାସ ପାଉଛି ଭେଦଭାବ:** ସମୟ ସହିତ ବଦଳୁଛି ଫ୍ୟାଶନ୍ ଟ୍ରେଣ୍ଡ। ଆଉ ଏହି ଧାରାରେ ନାରୀ ଓ ପୁରୁଷଙ୍କ ଆଉଟ୍‌ଫିଟ୍‌କୁ ନେଇ ଥିବା ଗ୍ୟାପ୍ ଧୀରେ ଧୀରେ କମିବାରେ ଲାଗିଛି। ପୂର୍ବରୁ ଯେଉଁସବୁ କେବଳ ନାରୀ କିମ୍ବା କେବଳ ପୁରୁଷଙ୍କ ଲାଗି ଉଦ୍ଦିଷ୍ଟ ଥିଲା ଅବା ଏହାକୁ ପ୍ରସ୍ତୁତ କରିବା ଲାଗି ଯେଉଁ ସାମଗ୍ରୀ ବ୍ୟବହାର କରାଯାଉଥିଲା, ଉଭୟ ଫ୍ୟାଶନ ଉତ୍ପାଦରେ ବ୍ୟବହାର କରାଯାଉଛି। ଏବେ ଡିଜାଇନରମାନେ ସ୍ତ୍ରୀ–ପୁରୁଷ ଭିତରେ ଭେଦଭାବ ନ ରଖି କେଉଁ ଆଉଟ୍‌ଫିଟ୍ ବ୍ୟକ୍ତିତ୍ୱ ଏବଂ ସୌନ୍ଦର୍ଯ୍ୟ ଉଭୟକୁ ହାଇଲାଇଟ୍ କରିବ, ସେଥିପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। ଶପିଂ ମଲ୍‌ଠୁ ଆରମ୍ଭ କରି ଅନେକ ଗାର୍ମେଣ୍ଟ ଶପ୍‌ରେ ଭଳିକି ଭଳି ୟୁନିସେକ୍ସ ଫ୍ୟାଶନର ଲାଟେଷ୍ଟ କଲେକ୍ସନ ସହଜରେ ଉପଲବ୍ଧ ହୋଇପାରୁଛି।

**ଏକାପରି ପୋଷାକର ବଢୁଛି ଡିମାଣ୍ଡ:** ବ୍ଲେଜର, ଟ୍ରାଉଜର, ଓଭରସାଇଜ୍ ଶର୍ଟ୍ସ, ଜିନ୍ସ, ଶାର୍ଟ ଆଦି ଯାହାକି ସାଧାରଣତଃ ମେନ୍ ଫ୍ୟାଶନରେ ପରିଗଣିତ ହେଉଥିଲା ; ଏବେ ଓମେନ୍ ୱାର୍ଡରୋବ୍‌ରେ ବି ସାମିଲ ହେଲାଣି। ଏହା ପ୍ରାୟତଃ ସବୁ ପ୍ରକାର ଫିଗରର ଝିଅଙ୍କୁ ଭଲ ଲାଗୁଛି। ଏମିତିକି ପୁରୁଷଙ୍କ ଧୋତି–କୁର୍ତ୍ତା ଭଳି ପାରମ୍ପରିକ ପରିଧାନ ନୂଆ ରୂପରେ ଧୋତିପ୍ୟାଣ୍ଟ ଏବଂ କୁର୍ତ୍ତୀ ଭାବେ ଝିଅମାନେ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଓମେନ୍ ଫ୍ୟାଶନ ବି ମେନ୍ ଫ୍ୟାଶନରେ ଆଦୃତ ହେଉଥିବା ଦେଖିବାକୁ ମିଳୁଛି।



### ଏମାନେ କ'ଣ କୁହନ୍ତି



**ଦୁଷ୍ମନ୍ତ ନାୟକ**(ଭୁବନେଶ୍ୱର)– ସମୟ ସହ ଯୁବପିଢ଼ିଙ୍କ ମଧ୍ୟରେ ଫ୍ୟାଶନ ଟ୍ରେଣ୍ଡ ବଦଳୁଛି। ୟୁନିସେକ୍ସ ଫ୍ୟାଶନ ଭିତରେ ମୋର ଅଧିକ ପସନ୍ଦ ଧୋତି ପ୍ୟାଣ୍ଟ। ମାର୍କେଟ୍‌ରେ ଏହାର ନୂଆ ଭେରାଇଟି ଦେଖିବାକୁ ମିଳୁଛି। ପୁଅ ହେଉ ଅବା ଝିଅ, ଧୋତି ପ୍ୟାଣ୍ଟ ସିମ୍ପଲ୍ ଲୁକ୍‌ଠାରୁ ଆରମ୍ଭ କରି ପାର୍ଟି ୱେର୍ ପର୍ଯ୍ୟନ୍ତ ସବୁଠି ଷ୍ଟାଇଲିଶ୍ ଲୁକ୍ ଦେଇପାରୁଛି। ମୋତେ ମ୍ୟାରେଜ୍ ଫଙ୍କଶନ୍‌ରେ କୁର୍ତ୍ତା ସହ ଧୋତି ପ୍ୟାଣ୍ଟ ପିନ୍ଧିବାକୁ ବହୁତ ଭଲଲାଗେ। ଏଥିସହ ନୂଆ ଲୁକ୍ ପାଇବା ପାଇଁ ୟୁନିସେକ୍ସ ପାର୍ଲର ମଧ ବହୁତ ସ୍ଥାନରେ ଦେଖିବାକୁ ମିଳୁଛି। ଯେ କେହି ବି ନିଜ ପସନ୍ଦର ହେୟାର୍ ଷ୍ଟାଇଲ୍ ସେଠାରେ ଯାଇ ଟ୍ରାଏ କରିପାରୁଛନ୍ତି।



**ସ୍ୱାତୀ ମିଶ୍ର**(ଭଦ୍ରକ)– ବ୍ଲେଜର, ଲଙ୍ଗ୍ କୋର୍ଟ, ହୁଡ଼ି ଟି'ଶାର୍ଟ କିମ୍ବା ନି ସାଇଜ୍ ଫୁଲ୍‌ବୁଟ୍, କେବଳ ପୁଅମାନଙ୍କ ମଧ୍ୟରେ ସୀମିତ ନାହିଁ। ଏସବୁ ଝିଅମାନଙ୍କ ପାଇଁ ମଧ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟରେ ପରିଣତ ହେଲାଣି। ଫଟୋଶୁଟ୍ ହେଉ କି ଶୀତଦିନେ କୌଣସି ଟ୍ରିପ୍‌ରେ ଯାଉଥିଲେ ମୁଁ ଏସବୁ କ୍ୟାରି କରିଥାଏ। ସେହିପରି ଖରାଦିନେ ଅଫିସ୍ କିମ୍ବା ଅନ୍ୟ କୌଣସି ପ୍ରୋଗ୍ରାମ୍ ଥିଲେ ମୁଁ ଓଭର ସାଇଜ୍ ଟି'ଶାର୍ଟ କମ୍ଫର୍ଟ ପାଇଁ ପିନ୍ଧିବାକୁ ବହୁତ ପସନ୍ଦ କରେ।

**ଫେବ୍ରିକ୍, କଲର, ପ୍ରିଣ୍ଟରେ ବି ରହୁଛି ସମାନତା:** ନିଅନ୍ ଅରେଞ୍ଜ, ପିଙ୍କ୍, ରେଡ୍, ପ୍ୟାରୋଟ୍ ଗ୍ରୀନ୍ ଭଳି ରଙ୍ଗ ସାଧାରଣତଃ ମହିଳାଙ୍କ ପରିଧାନ ଭାବେ ଗ୍ରହଣ କରାଯାଏ। ହେଲେ ବର୍ତ୍ତମାନ ଏଭଳି ରଙ୍ଗ ମେନ୍ ଫ୍ୟାଶନରେ ଲାଟେଷ୍ଟ ଟ୍ରେଣ୍ଡ ସାଜୁଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ଡ୍ରେସ୍ ଶପ୍‌ରେ ଏଭଳି ରଙ୍ଗର ପୋଷାକ ଖୁବ୍ ସହଜରେ ମିଳୁଛି ଏବଂ ଏହାର ଚାହିଦା ମଧ ବଢୁଥିବା ଦେଖିବାକୁ ମିଳୁଛି। ମେନ୍‌ୱେର୍‌ରେ ବ୍ୟବହାର କରାଯାଉଥିବା ଷ୍ଟିଫ୍ କଟନ୍, ଲେନିନ୍ ଭଳି ଫେବ୍ରିକ୍ ବର୍ତ୍ତମାନ ଓମେନ୍‌ୱେର୍‌ରେ ମଧ୍ୟ ବ୍ୟବହାର କରାଯାଉଛି। ସେହିପରି ସିଲ୍କ, ସାଟିନ୍ ଭଳି ବିଭିନ୍ନ ସାଇନିଂ ଏବଂ କଲରଫୁଲ୍ କ୍ଲଥ୍, ଯାହାକି ସାଧାରଣତଃ ଓମେନ୍‌ୱେର୍ ଭାବେ ପରିଚିତ ; ଏବେ ମେନ୍‌ୱେର୍‌ରେ ବହୁଳ ଭାବେ ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ପୋଲ୍‌କା ଡଟ୍, ଫ୍ଲାୱାର ଭଳି ପ୍ରିଣ୍ଟ ମଧ ମେନ୍‌ୱେର୍‌ରେ ବ୍ୟବହାର ହେଉଛି।

**ବଢୁଛି ଜେଣ୍ଡର–ନ୍ୟୁଟ୍ରାଲ ଫୁଟ୍‌ୱେରର ଡିମାଣ୍ଡ:** ଦିନ ଥିଲା, ପୁଅ–ଝିଅଙ୍କ ଚପଲ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଅଧିକାଂଶ ପୁଅ ଫୁଲ୍ ଶୁ ପିନ୍ଧୁଥିବା ବେଳେ ଝିଅମାନେ ପିନ୍ଧୁଥିଲେ ଭଳିକି ଭଳି ଡିଜାଇନ୍‌ର ଫୁଟ୍‌ୱେର୍। ବର୍ତ୍ତମାନ ୟୁନିସେକ୍ସ ଫ୍ୟାଶନ ଟ୍ରେଣ୍ଡ ଚାଲିଛି। ପୁଅମାନଙ୍କ ଭଳି ଶୁ' ବର୍ତ୍ତମାନ ଝିଅମାନେ ଅଧିକ ବ୍ୟବହାର କରୁଥିବା ବେଳେ ଝିଅଙ୍କ ଭଳି ଷ୍ଟାଇଲିଶ୍ ଜୁତି ଏବଂ ଡିଜାଇନର ହାପ୍ ଶୁ' ଏବଂ ଚପଲ ମେନ୍‌ଫ୍ୟାଶନରେ ବେଶ୍ ଆଦୃତ ହେଉଥିବା ଦେଖିବାକୁ ମିଳୁଛି।

**ଆସେସରିଜ୍ ହେଲାଣି କମନ୍:** ରିଷ୍ଟୱାଚ୍, ନେକ୍‌ଲେସ୍, ଚେନ୍, ବ୍ରେସ୍‌ଲେଟ୍, ଇଅର ରିଂ ଏବଂ ଅନ୍ୟାନ୍ୟ ଆସେସରିଜ୍ ବି ଏବେ ୟୁନିସେକ୍ସ ଫ୍ୟାଶନ୍ ଟ୍ରେଣ୍ଡରେ ରାଜ୍ କରୁଛି। ବଡ଼ ବଡ଼ ଡାଏଲ୍ ଥିବା ସ୍ମାର୍ଟ ୱାଚ୍ ହେଉ ଅବା ଚଉଡ଼ା ବ୍ୟାଣ୍ଡ କିମ୍ବା ମେଟାଲିକ୍ ଚେନ୍ ଥିବା ରିଷ୍ଟୱାଚ୍‌କୁ ଉଭୟେ ଏକାପରି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ସନ୍‌ଗ୍ଲାସ୍, ବ୍ୟାଗ୍ ଇତ୍ୟାଦି ମଧ ଏକାପରି ବ୍ୟବହାର କରୁଛନ୍ତି। ତେବେ ଏହି ୟୁନିସେକ୍ସ ଫ୍ୟାଶନ ଦୌଡ଼ରୁ ହେୟାର ଷ୍ଟାଇଲ, ଟାଟୁ, ପିୟର୍ସିଂ ଆଦି ପଛରେ ପଡ଼ିନି ; ଯେଉଁଥିପାଇଁ ଛୋଟ ବଡ଼ ପ୍ର । ୟ ଅଧିକାଂଶ ସହରରେ ୟୁନିସେକ୍ସ ପାର୍ଲର ବା ସେଲୁନ୍ ବଢ଼ି ବଢ଼ି ଚାଲିଛି।

## ଜାଣନ୍ତୁ ଦୁନିଆ

### ସିଟି ଅଫ୍ ହିଲ୍ସ

**ଗୁଜରାଟ ଏହାର ଐତିହ୍ୟ ସହର ପାଇଁ ସୁପରିଚିତ। ଏହାର କଳା ଓ ଭାସ୍କର୍ଯ୍ୟର ନିଦର୍ଶନ ପ୍ରତିଟି ମନ୍ଦିର କାରୁକାର୍ଯ୍ୟରେ ଝଲସି ଉଠେ। ତେବେ ଏହାର ଏକ ଜିଲା ଜୁନାଗଡ଼, ସିଟି ଅଫ୍ ହିଲ୍ସ ନାମରେ ପରିଚିତ। ଏହାର ପର୍ବତମାଳାରେ ଖୋଦେଇ ହୋଇଛି ଅନେକ ମନ୍ଦିର। ଆସନ୍ତୁ ଜାଣିବା ଏ ବିଷୟରେ...**



➤ଗୁଜରାଟର ଜୁନାଗଡ଼ ଜିଲାରେ ଥିବା ପର୍ବତମାଳା ମଧ୍ୟରୁ ଗିରିନାର ହେଉଛି ସବୁଠାରୁ ଉଚ୍ଚତମ ଗିରିଶୃଙ୍ଗ। ଏହି ଶୃଙ୍ଗର ଉଚ୍ଚତା ୩୬୦୦ ଫୁଟ୍। ଏହାର ଅନ୍ୟ ନାମ ଗିରି ନଗର ବା ସିଟି ଅଫ୍ ହିଲ୍ସ।

➤ଏହି ପର୍ବତମାଳା ମଧ୍ୟରୁ ୫ଟି ଶିଖରରେ ପଥର ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଥିବା ୮୬୬ଟି ମନ୍ଦିର ଅଛି। ଏହି ମନ୍ଦିରର ଦେବଦେବୀଙ୍କୁ ହିନ୍ଦୁ ଓ ଜୈନ ଭକ୍ତମାନେ ପୂଜା କରିଥା'ନ୍ତି।

➤ପର୍ବତ ଶିଖରରେ ସେଠାକାର ଲୋକପ୍ରିୟ ଗୁରୁ ଦତ୍ତାତ୍ରେୟଙ୍କର ମନ୍ଦିର ରହିଛି। ଦତ୍ତାତ୍ରେୟଙ୍କ ପାଦ ଚିହ୍ନ ଏଠାରେ ଏବେବି ରହିଥିବା କୁହାଯାଏ।

➤ପାହାଡ଼ ପାଦଦେଶରୁ ପାହାଡ଼ ଶୀର୍ଷରେ ଥିବା ଶେଷ ମନ୍ଦିରଯାଏ ୧୦,୦୦୦ ଶିଡ଼ି ରହିଥିବା କୁହାଯାଏ। ତେବେ ୭୦୦୦ ଶିଡ଼ି ଚଢ଼ିବା ପରେ ପ୍ରଥମ ମନ୍ଦିର ଆସିଥାଏ। ସେହି ସ୍ଥାନରେ ୫ଟି ମନ୍ଦିର ରହିଛି, ଯେଉଁଠାରେ ଜୈନ ଭକ୍ତମାନେ ପୂଜା କରିଥା'ନ୍ତି।

➤ପ୍ରତିବର୍ଷ ଏଠାରେ ଏକ ଦୌଡ଼ ପ୍ରତିଯୋଗିତା ଆୟୋଜନ କରାଯାଏ, ଯାହା ପର୍ବତର ପାଦଦେଶରୁ ଆରମ୍ଭ କରାଯାଇ ପର୍ବତ ଶିଖର ପର୍ଯ୍ୟନ୍ତ କରାଯାଇଥାଏ। ସ୍ଥାନୀୟ ଲୋକମାନଙ୍କ ମତାନୁଯାୟୀ, ପର୍ବତ ଶିଖରରେ ପହଞ୍ଚିବାକୁ ଏପର୍ଯ୍ୟନ୍ତ ରେକର୍ଡ କରାଯାଇଥିବା ସର୍ବନିମ୍ନ ସମୟ ହେଉଛି ୪୩ ମିନିଟ୍। ଏହା ସବୁଠାରୁ ଆଶ୍ଚର୍ଯ୍ୟକର ବିଷୟ। କାରଣ ଯେଉଁମାନେ ଟ୍ରେକିଂ ପାଇଁ ଯାଇଥା'ନ୍ତି ସେମାନଙ୍କୁ ଶୃଙ୍ଗ ପର୍ଯ୍ୟନ୍ତ ପହଞ୍ଚିବାକୁ ୫ରୁ ୮ ଘଣ୍ଟା ଲାଗିଥାଏ।

## ୟୁଥ୍ କ୍ଲବ

### ଲୁଚ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ପ୍ରୟାସ

କଳା, ସଂସ୍କୃତି ଓ ପରମ୍ପରାରେ ପରିପୂର୍ଣ୍ଣ ମୟୂରଭଞ୍ଜ ଜିଲା। ଏଠାରେ ରହିଛନ୍ତି ଅନେକ ଲୁଚ୍କାୟିତ ପ୍ରତିଭା ; ଯାହାକୁ ଲୋକଲୋଚନକୁ ଆଣିବାକୁ ଅଣ୍ଟା ଭିଡିଛି ୟଙ୍ଗ ମାସ୍ ଆସୋସିଏଶନ(ୱାଇଏମ୍ଏ)। ଦୀର୍ଘ ୨୮ବର୍ଷ ଧରି ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ନେଇ ଗଢ଼ି ଉଠିଥିବା ଏହି ସଙ୍ଗଠନ କୁନି କୁନି ଶିଶୁ କଳାକାରଙ୍କଠାରୁ ଆରମ୍ଭ କରି ଯୁବ କଳାକାରମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେଇ ଚାଲିଛି। ଆଉ ଜିଲା ତଥା ରାଜ୍ୟରେ ପ୍ରଶଂସା ଲାଭ କରିଛି। ଦରିଦ୍ର ଓ ଅସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇ ଚାଲିଥିବା ବେଳେ ରକ୍ତଦାନ ଭଳି ମହତ୍ ଦାନ କାର୍ଯ୍ୟକ୍ରମକୁ ବଜାୟ ରଖିଛି। ଜିଲାର ବେତନଟୀ ବ୍ଲକ ମୁଖ୍ୟାଳୟରେ ଥିବା ୱାଇଏମ୍ଏ ସଙ୍ଗଠନ ୧୯୯୩ ଡିସେମ୍ବର ୩୧ରେ ୨୫ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ କରାଯାଇଥିଲା, ଯାହାର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୫୦୦। ସେବେଠୁ ସଂଗଠନ ପକ୍ଷରୁ ବୃକ୍ଷରୋପଣଠାରୁ ଆରମ୍ଭ କରି ସ୍ୱଚ୍ଛତା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଶିକ୍ଷା ବ୍ୟବସ୍ଥା ଓ ଜଳଦାନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଅଞ୍ଚଳବାସୀଙ୍କ ସହାୟତା ଭଳି କାର୍ଯ୍ୟକ୍ରମ କରାଯାଇଆସୁଛି। ବର୍ଷ ଶେଷରେ ଅର୍ଥାତ୍ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଦିନିକିଆ କାର୍ଯ୍ୟକ୍ରମରେ ୫ଟି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥାଏ, ଯେଉଁଥିରେ ଆଖପାଖ ଅଞ୍ଚଳର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥା'ନ୍ତି ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଏ। ତେବେ ଗତବର୍ଷ ଡିସେମ୍ବର ୩୧ରୁ ଜାନୁୟାରୀ ୪ ପର୍ଯ୍ୟନ୍ତ ୫ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୫ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ୨ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଜିଲାର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସିନେ ପରଦାରେ ଆଗଧାଡ଼ିର କଳାକାରମାନେ ଏଥିରେ ଉପସ୍ଥିତ ରହି ଲୋକଙ୍କ ମନୋରଞ୍ଜନ କରିଥିଲେ। ସମସ୍ତ ସଦସ୍ୟ ଶୃଙ୍ଖଳିତ ରହି କାର୍ଯ୍ୟକ୍ରମକୁ ସଫଳ କରିଚାଲିଛନ୍ତି। ସଙ୍ଗଠନ ସଭାପତି ପ୍ରଦୀପ କୁମାର ସାମଲ ଓ ସମ୍ପାଦକ ସିପୁନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ହୋଇଥାଏ। ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ମଜଭୁତ କରି ଅଞ୍ଚଳର ବିକାଶ କରିବା ସହ ଜିଲାର ଐତିହ୍ୟକୁ ବଜାୟ ରଖିବାକୁ ପ୍ରୟାସ ଜାରି ରହିବ ବୋଲି ସଦସ୍ୟମାନେ ମତପ୍ରକାଶ କରିଛନ୍ତି।

– ନୀଳାଦ୍ରି ବିହାରୀ ଦଣ୍ଡପାଟ



ୱାଇଏମ୍ଏ ପକ୍ଷରୁ ରକ୍ତଦାନ ଶିବିର।


ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାର ମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ନିଶାନ୍ତ
ପରିବାରବର୍ଗ



ହେତଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଚାର ବିଭାଗୀୟ ତଦନ୍ତ ଆରମ୍ଭ

## ଗୋବିନ୍ଦ ସାହୁ ମୃତ୍ୟୁ ଘଟଣା

### ଜେଲ୍‌ର ୩ ଅନ୍ତେବାସୀଙ୍କ ବୟାନ ରେକର୍ଡ

ବଲାଙ୍ଗୀର ଅଫିସ, ୨୮।୧

୨୦୨୨ ଡିସେମ୍ବର ୨୦ ତାରିଖ ସକାଳେ କଣ୍ଟାବାଞ୍ଜି ଜେଲରେ ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ରହସ୍ୟଜନକ ମୃତ୍ୟୁ ଘଟିଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଶନିବାର ଆରମ୍ଭ ହୋଇଛି। କଣ୍ଟାବାଞ୍ଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ କଣ୍ଟାବାଞ୍ଜି ଜେଲର ତିନିଜଣ ଅନ୍ତେବାସୀ ପ୍ରତାପ ମାଝି, ରାଜୁ ହଂସ ଏବଂ ତରୁଣ ବେହେରାଙ୍କୁ ହାଜର କରାଯାଇ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। କିଭଳି ପରିସ୍ଥିତିରେ ଜେଲ ଭିତରେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଲା ଏବଂ ସେ ସଂକ୍ରାନ୍ତରେ ଏହି ତିନି ଅନ୍ତେବାସୀ କ'ଣ ଜାଣିଛନ୍ତି ତାହା ରେକର୍ଡ କରାଯାଇଛି। କୋର୍ଟରେ କେଣ୍ଟାବାଞ୍ଜି ଜେଲର ମଧ ଉପସ୍ଥିତ ଥିଲେ।

# ଏସ୍‌ସିଓ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟିତ

**ମୁମ୍ବାଇ,୨୮।୧:** ସାଂଘାଇ କୋଅପରେଶନ୍ ଅର୍ଗାନାଇଜେଶନ୍ (ଏସ୍‌ସିଓ) ଫିଲ୍ମ ଫେଷ୍ଟିଭାଲ ଶୁକ୍ରବାର ସନ୍ଧ୍ୟାରେ ମୁମ୍ବାଇଠାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର, ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ଓ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ହେମା ମାଳିନୀ, ପୁନମ୍ ଧିଲୋଁ, ଅକ୍ଷୟ କୁମାର, ଟାଇଗର ଶ୍ରଫ୍, ସାଜିଦ୍ ନାଡିଆଦୱାଲା, ଈଶା ଗୁପ୍ତା ପ୍ରମୁଖ ବଲିଉଡ୍ ସେଲିବ୍ରିଟି ଉପସ୍ଥିତ ଥିଲେ। ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ପାଇଁ ଏସ୍‌ସିଓ ଦେଶଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅନୁରାଗ ସିଂ ଠାକୁର ଏହି ଅବସରରେ କହିଛନ୍ତି।



ଏସ୍‌ସିଓ ଫିଲ୍ମ ଫେଷ୍ଟିଭାଲ୍ ଉଦ୍‌ଘାଟନ ଅବସରରେ ଅନ୍ୟ ଅତିଥିଙ୍କ ସହ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ମନେ ପଡ଼ନ୍ତି


### ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପୋଥାଳ
(ଶ୍ୟାମଦାଶପୁର, କୁଜାହାଲା, ଯାଜପୁର)
ତିରୋଧାନ: ୨୯।୦୧।୨୦୧୬
ଆପଣଙ୍କ ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆପଣଙ୍କର ପୂଜିତ ପ୍ରଭୁ ଗୋବିନ୍ଦ ଏବଂ ଗିରିଧାରୀଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଝିଅ: ଚଗଲି (ଲିଲି), ଜ୍ୱାଇଁ: ହୃଷୀକେଶ, ନାତି: ସୁନୁ, ନାତୁଣୀ: ଲିସି।
ଧ-୨୬୦୪

### ଦଶାହ ଉପଲକ୍ଷେ



ସ୍ୱର୍ଗତ ବିଶ୍ୱନାଥ ମିଶ୍ର
ଦକ୍ଷୀଣକାଳୀ, ଢେଙ୍କାନାଳ
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୪୦୩୯

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଁନନ୍ଦିନୀ ମହାନ୍ତି
ବେଣ୍ଟକାର, ୪୨ମୌଜା ଓ ନାୟକ ସାହି, କଟକ
ଆବିର୍ଭାବ : ୨୭.୦୬.୧୯୩୪
ତିରୋଧାନ : ୧୯.୦୧.୨୦୨୩
ବୋଉ, ତୋ'ର ବିୟୋଗରେ ଆମେ ସମସ୍ତେ ଶୋକାପତ ଓ ମର୍ମାହତ ଯାହା ଆମ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି। ତୋର ଆମ ପ୍ରତି ଥିବା ସ୍ନେହ, ମମତା ସହିତ ସମାଜସେବାରେ ତୋର ଯୋଗଦାନ କେବେ ଭୁଲି ହେବ ନାହିଁ। ଆଜି ତମର ଏକାଦଶାହ ଅବସରରେ ଆମେ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତାଙ୍କୁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ପୁତ୍ର-ଅତୁଲ୍ୟ, ଜନ୍ମେଜୟ, ସୁଜାତା, ନିବେଦିତା, ସିକତା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୬୦୨



## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

ଜଗନ୍ନାଥ ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ପର୍ସନାଲ, ପ୍ରପର୍ଟି, ଏଗ୍ରିକଲ୍ଚର, ଏଜୁକେଶନ, ଆଧାର କାର୍ଡ, ହୋମ୍ ଲୋନ୍ 36 ଘଣ୍ଟାରେ, 2% ସୁଧ, 50% ରିହାତି । ଖରାପ ସିବିଲଧାରୀ ମଧ ଋଣ ପାଆନ୍ତୁ ।
ଏଜେଣ୍ଟ ଆମନ୍ତ୍ରିତ
7589086693


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ରୀଡ଼ା ଅଭ୍ୟାସ ବେଳେ ୨୫ ଛାତ୍ରୀ ଗୁରୁତର

ସୋର, ୨୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ପୌରପାଳିକା ବଡଖୁରୀ ମଧ ଇଂରାଜୀ ବିଦ୍ୟାଳୟରେ ଶନିବାର ବାର୍ଷିକ କ୍ରୀଡା ଲାଗି ଅଭ୍ୟାସ ଚାଲିଥିବା ବେଳେ ୨୫ରୁ ଊର୍ଦ୍ଧ୍ୱ ଛାତ୍ରୀ ଗୁରୁତର ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଛାତ୍ରୀମାନେ ମ୍ୟୁଜିକ୍ ଚେୟାର ଖେଳୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ କେତେଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଲୋକ ଅଟୋ ଓ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଛାତ୍ରୀଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଅସୁସ୍ଥତାର କାରଣ ଜଣା ପଡ଼ି ନ ଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦାସ କହିଛନ୍ତି, ଖାଇବା ପାଇଁ ଘଣ୍ଟା ବାଜି ଯିବା ପରେ କିଛି ଛାତ୍ରୀ ଖେଳୁଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମେ ଜଣେ ଅସୁସ୍ଥ ହୋଇ ପଡ଼ିଥିଲେ। ଏହାପରେ ଅନ୍ୟମାନେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସୋର ଡାକ୍ତରଖାନା ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକ ଗୁରୁତର ଥିବା ସୁନାଲି ନାୟକ, ଗାୟତ୍ରୀ ବେହେରା, ପ୍ରତିଭା ମଞ୍ଜରୀ ଶିଅଳ ବାଲେଶ୍ୱରରୁ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ହାଣ୍ଡିରୁ ଭାତ ଖାଇଗଲା ଦନ୍ତା

ଢେଙ୍କାନାଳ ଅଫିସ, ୨୮।୧

ଜଙ୍ଗଲ ତଳି ଅଞ୍ଚଳରେ ରହୁଥିବା ପରିବାରର ବାସିପଖାଳ ବାସ୍ନା ହାତୀପଲକୁ ମତୁଆଲା କରୁଛି। ଜମିରୁ ଧାନ ଅମଳ ସରିଯାଇଥିବାବେଳେ ଏବେ ବଣୁଆ ହାତୀ ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହେଉଛନ୍ତି। ପଖାଳ ଖାଇବାକୁ ଯାଇ ସେମାନେ ଘରଦ୍ୱାର ଭାଙ୍ଗି ପକାଉଛନ୍ତି। ଘଉଡ଼ାଇବାକୁ ଉଦ୍ୟମ କଲେ ହିଂସ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି। ତେଣୁ ହାତୀ ଉପଦ୍ରୁତ ଅଞ୍ଚଳବାସୀ ଘରେ ବାସି ଭାତ କିମ୍ବା ପଖାଳ ରଖିବା ବିପଦ ବୋଲି ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ସତର୍କ କରାଯାଇଛି।



ଶୁଣ୍ଢ ବଢ଼ାଇ ଭାତ ଖାଉଛି।


# Classified Everyday

0674-2580101, 2549949



MATRIMONIAL

BRIDE WANTED

ବୟସ-50, ଉଚ୍ଚତା 5'8" Private Job, ଦରମା-32,000/- ପୁରୁଷ ପାଇଁ ମହିଳା ଆବଶ୍ୟକ। ବିବାହିତ ଅବିବାହିତ ଗ୍ରହଣୀୟ। ଯୋଗାଯୋଗ-9178392294. D-2610

GROOM WANTED

ବୟସ-୪୩, ଉଚ୍ଚତା 5'4", Govt. employee, ଦରମା 41,000 ମହିଳା ପାଇଁ ବର ଆବଶ୍ୟକ। ଘରଜ୍ୱାଇଁକୁ ପ୍ରାଥମିକତା। ସବୁ ଜାତି ମାନ୍ୟ ଅଟନ୍ତି। ବିବାହିତ, ଅବିବାହିତ ଗ୍ରହଣୀୟ। ଯୋଗାଯୋଗ-9178392294. D-2609



REAL ESTATE

SALE

ତୁରନ୍ତ ବିକ୍ରି 30' ଘରବାରି ସଙ୍ଗେସଙ୍ଗେ ଘର କରିବା ପାଇଁ ରବି ଟକିଜ୍ 2K.M. @ 3,600/- (ବ୍ରୋକର ଏକ୍ସକ୍ୟୁଜ୍), ଯୋଗାଯୋଗ-9776729177. D-48728

**NH side plot (gharabari, boundarywall), Nakhara to Niali road, Cuttack. 8249851363.** D-74628

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

**ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456.** D-74197

Plot ଭୁବନେଶ୍ୱର-ପଟିଆ ରେଲୱେଷ୍ଟେସନରୁ 1.5K.M. ଦୂରତାରେ ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 7978159231. D-74803

Duplex sale at Bhubaneswar @ 45 Lakhs only- Contact: 9777433701. D-74199

**ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.-650/-. 8249081980.** D-74187

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ଛକରୁ 5 K.M. ବେଣ୍ଟପୁର ମୌଜା-ଆଦର୍ଶ ବିଦ୍ୟାଳୟ ପାଖରେ ଘରବାରି ପ୍ଲଟ୍ ବିକ୍ରିହେବ। 9090809945, 9437114429. D-74805

**Residential gharabari plot at Brahmanjharilo Cuttack with boundary wall, Electrypole inside Temple on Bank loan facilities near English Medium High School. 6K.M. from Phulnakhara, 11K.M, from Bhubaneswar. 7809525452.** D-74634

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

ଭୁବନେଶ୍ୱର ହଂସପାଳ ଛକଠାରୁ ବାଲିଅନ୍ତା ଥାନା ନିକଟବର୍ତ୍ତୀ **100 ଫୁଟ୍** ରାସ୍ତା ନିକଟରେ ୩୦ଫୁଟ୍ ରାସ୍ତା, ଇଲେକ୍ଟ୍ରିକ୍, ଡ୍ରେନେଜ, ପ୍ଲାଣ୍ଟେସନ୍, ସିକ୍ୟୁରିଟି ସୁବିଧା ଥାଇ ବାସୋପଯୋଗୀ ବାଉଣ୍ଡାରୀ ପ୍ଲଟ୍ ମିଳୁଅଛି। **9938298517.** D-74804

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200mtr** ଦୂରରେ **BDA yellowzone** ପ୍ଲଟ୍ **boundary** ସହ ମିଳୁଅଛି। **8338932027, 7978676652.** D-74192

**30'road, boundary** ଥାଇ **yellowzone proposed 100ft.** ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ **12,00,000/-** ରେ ମିଳୁଛି। **9937391249, 6371915941.** D-74195


### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




CONSTRUCTION

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186





For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615

Furnished accommodation for working ladies/ girl students at Garage Chhak, Lewis Road, Bhubaneswar. Contact: 9937357215. D-2607

3BHK Duplex beautiful corner Villa in gated community, Patia for Family. 9439920321. D-2595





Full body massage in homely Atmospher all therapy. Mob: 8114881641. D-73421

Newly open health benefits SPA special offer@999 Nayapalli. 7846814019. D-73676

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Newly open SPA positively health benefits with expert therapist. 7849011931. D-73677

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74633

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





ଶିରିଡ଼ିସାଇ, ଶନିସିଗ୍ନାପୁର, ଭୀମାଶଙ୍କର, ପଣ୍ଡରପୁର ଓ ସ୍ୱାମୀସମର୍ଥ ଦର୍ଶନ 07 ଏପ୍ରିଲରୁ 6N/7D ଯୋଗାଯୋଗ, ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 9437090931, 7978044197. D-70299




BUSINESS

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



ନିଶାନ୍ତ ମହାନ୍ତି
ଗ୍ରାମ: ସୌରିପାଲି, ପୋ: ଖଟଖଟିଆ, ଜିଲ୍ଲା: ବୌଦ୍ଧ
ଆଜି ତୋର ତୃତୀୟ ଜନ୍ମ ଦିବସରେ ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
**ଶୁଭେଚ୍ଛା ସହ:** ପିତା: ପିଣ୍ଟୁ ମହାନ୍ତି, ମାତା: ଲିଜା ମହାନ୍ତି, ଅଜା: ବାମଦେବ ମହାନ୍ତି, ଆଈ: ସନ୍ଧ୍ୟାରାଣୀ ମହାନ୍ତି, ମାମୁ: ବିମଳ ପଧାନ, ଶିଲୁ ପଧାନ, ମନୋଜ ପଧାନ ।
ଧ-୨୬୧୧

### ୧୪ତମ ଜନ୍ମବାର୍ଷିକୀ



ହେତଲ
ମୀନା ବଜାର, ଢେଙ୍କାନାଳ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସଦାସର୍ବଦା ତୋ ଉପରେ ଥାଉ ।
-:ଶୁଭେଚ୍ଛା ସହ:-
ଅଜା, ଆଈ, ମାଆ, ମାମୁ, ବାବା, ବାପା, ମମି, ଏଲି ଆଉ ରାଜୁ ମାମା ।
ଧ-୭୩୫୩୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ବେଲ୍‌ଜିୟମ ୧୫, ଜର୍ମାନୀ ୧୩

ଭୁବନେଶ୍ୱର, ୨୮।୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପର ଫାଇନାଲରେ ରବିବାର ବେଲଜିୟମ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବ। କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଦୁଇଟିଯାକ ଦଳ ହେଲେ ୟୁରୋପ ହକିର ପାୱାର ହାଉସ। ଜର୍ମାନୀ ପୂର୍ବରୁ ୨ ଥର ଚାମ୍ପିୟନ ହେବାର ଅଭିଜ୍ଞତା ରଖିଥିବାବେଳେ ବେଲଜିୟମ ହେଉଛି ଡିଫେଣ୍ଡିଂ ଚାମ୍ପିୟନ ଏବଂ ଅଲିମ୍ପିକ୍ ଚାମ୍ପିୟନ। ସେମିଫାଇନାଲରେ ଜର୍ମାନୀ ୪-୩ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ସେହିପରି ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚକୁ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ଡ୍ର ରଖିବାପରେ ବେଲଜିୟମ ଶୁଟ୍‌ଆଉଟରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଇତିହାସ ଅନୁଧ୍ୟାନ କଲେ ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୩୫ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ବେଲଜିୟମ ୧୫ଟି ମ୍ୟାଚ ଜିତି ସାମାନ୍ୟ ଆଗରେ ଥିବାବେଳେ ଜର୍ମାନୀ ୧୩ଟିରେ ବିଜୟୀ ହୋଇଛି ଏବଂ ୭ଟି ମ୍ୟାଚ ଡ୍ର ରହିଛି। ଚଳିତ ବିଶ୍ୱକପରେ ଦୁଇ ଦଳ ଗୋଟିଏ ପୁଲ୍‌ରେ ରହିଥିବାରୁ ଗ୍ରୁପ୍ ପର୍ଯ୍ୟାୟରେ ପରସ୍ପରକୁ ଭେଟିଥିଲେ। ମାତ୍ର ଗତ ୧୭ ତାରିଖରେ ଅନୁଷ୍ଠିତ ଏହି ମ୍ୟାଚଟି ୨-୨ ଗୋଲରେ ଡ୍ର ରହିଥିଲା। ଏହା ପୂର୍ବରୁ ୨୦୨୨ ପ୍ରୋ-ଲିଗ୍‌ର ୨ଟି ମ୍ୟାଚରେ ଉଭୟଙ୍କ ମଧ୍ୟରେ ଭେଟ ହୋଇଥିଲା। ନଭେମ୍ବର ୪ରେ ଅନୁଷ୍ଠିତ ମ୍ୟାଚରେ ଜର୍ମାନୀ ୩-୨ ଗୋଲରେ ବିଜୟୀ ହୋଇଥିବାବେଳେ ନଭେମ୍ବର ୭ରେ ବେଲଜିୟମ ୧-୦ ଗୋଲରେ ବିଜୟ ହାସଲ କରିଥିଲା। ଗୋଟିଏ ଟୁର୍ନାମେଣ୍ଟରେ ସମାନ ଷ୍ଟାଡିୟମରେ ଦ୍ୱିତୀୟ ଥରପାଇଁ ପରସ୍ପରକୁ ଭେଟୁଥିବାରୁ ବିଶ୍ୱକପର ମେଗା ଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

## ବିଶ୍ୱକପ୍ ରେକର୍ଡ

| ମସିହା | ଜର୍ମାନୀ (୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୪ ବ୍ରୋଞ୍ଜ) | ବେଲ୍‌ଜିୟମ (ଥରେ ଚାମ୍ପିୟନ) |
|---|---|---|
| ୧୯୭୧ | ପଞ୍ଚମ ସ୍ଥାନ | ଅଂଶଗ୍ରହଣ କରି ନ ଥିଲା |
| ୧୯୭୩ | ତୃତୀୟ ସ୍ଥାନ | ଅଷ୍ଟମ ସ୍ଥାନ |
| ୧୯୭୫ | ତୃତୀୟ ସ୍ଥାନ | ଅଂଶଗ୍ରହଣ କରି ନ ଥିଲା |
| ୧୯୭୮ | ଚତୁର୍ଥ ସ୍ଥାନ | ୧୪ତମ ସ୍ଥାନ |
| ୧୯୮୨ | ରନରଅପ୍ | ଅଂଶଗ୍ରହଣ କରି ନ ଥିଲା |
| ୧୯୮୬ | ତୃତୀୟ ସ୍ଥାନ | ଅଂଶଗ୍ରହଣ କରି ନ ଥିଲା |
| ୧୯୯୦ | ଚତୁର୍ଥ ସ୍ଥାନ | ଅଂଶଗ୍ରହଣ କରି ନ ଥିଲା |
| ୧୯୯୪ | ଚତୁର୍ଥ ସ୍ଥାନ | ୧୧ତମ ସ୍ଥାନ |
| ୧୯୯୮ | ତୃତୀୟ ସ୍ଥାନ | ଯୋଗ୍ୟତା ଅର୍ଜନ କରିପାରି ନ ଥିଲା |
| ୨୦୦୨ | ଚାମ୍ପିୟନ | ୧୪ତମ ସ୍ଥାନ |
| ୨୦୦୬ | ଚାମ୍ପିୟନ | ଯୋଗ୍ୟତା ଅର୍ଜନ କରିପାରି ନ ଥିଲା |
| ୨୦୧୦ | ରନରଅପ୍ | ଯୋଗ୍ୟତା ଅର୍ଜନ କରିପାରି ନ ଥିଲା |
| ୨୦୧୪ | ଷଷ୍ଠ ସ୍ଥାନ | ପଞ୍ଚମ ସ୍ଥାନ |
| ୨୦୧୮ | ପଞ୍ଚମ ସ୍ଥାନ | ଚାମ୍ପିୟନ |

## ଫାଇନାଲ ପଥରେ

| ଜର୍ମାନୀ | ବେଲ୍‌ଜିୟମ |
|---|---|
| ଜାପାନ ବିପକ୍ଷରେ ୩-୦ରେ ବିଜୟୀ | ଦକ୍ଷିଣ କୋରିଆକୁ ୫-୦ରେ ହରାଇଲା |
| ବେଲ୍‌ଜିୟମ ସହିତ ୨-୨ରେ ଡ୍ର | ଜର୍ମାନୀ ସହିତ ୨-୨ରେ ଡ୍ର |
| ଦକ୍ଷିଣ କୋରିଆକୁ ୭-୨ରେ ହରାଇଲା | ଜାପାନ ବିପକ୍ଷରେ ୭-୧ରେ ବିଜୟୀ |
| ଫ୍ରାନ୍ସ ବିପକ୍ଷରେ ୫-୧ରେ ବିଜୟୀ | ନ୍ୟୁଜିଲାଣ୍ଡ ବିପକ୍ଷରେ ୨-୦ରେ ବିଜୟୀ |
| ଇଂଲଣ୍ଡ ବିପକ୍ଷରେ ଶୁଟ୍‌ଆଉଟ ବିଜୟ | ନେଦରଲାଣ୍ଡ୍ସ ବିପକ୍ଷରେ ଶୁଟ୍‌ଆଉଟ ବିଜୟ |
| ଅଷ୍ଟ୍ରେଲିଆକୁ ୪-୩ରେ ହରାଇଲା | |



ଶନିବାର କ୍ଲାସିଫିକେଶନ ମ୍ୟାଚ ଅବସରରେ ଦର୍ଶକରେ ଭରା ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ।

# ଭାରତ: ବିଜୟରୁ ଆରମ୍ଭ, ବିଜୟରେ ଶେଷ

ରାଉରକେଲା ଅଫିସ/ ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୮।୧

ଚଳିତ ହକି ବିଶ୍ୱକପରେ ଭାରତର ଅଭିଯାନ ବିଜୟରୁ ଆରମ୍ଭ ହୋଇଥିବାବେଳେ ବିଜୟରେ ହିଁ ଶେଷ ହୋଇଛି। ମାତ୍ର ଗୋଟିଏ ପରାଜୟ ଦଳକୁ ଏତେ ବଡ଼ କ୍ଷତି ପହଞ୍ଚାଇଥିଲା ଯେ କ୍ଲାସିଫିକେଶନ ମ୍ୟାଚ ଖେଳି ଯୁଗ୍ମ ୯ମ ସ୍ଥାନରେ ରହିବାକୁ ବାଧ ହୋଇଥିଲା। ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଶନିବାର ୯ରୁ ୧୨ତମ ସ୍ଥାନପାଇଁ ଅନୁଷ୍ଠିତ ମ୍ୟାଚରେ ଭାରତ ୫-୨ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। ଭାରତ ପକ୍ଷରୁ ଅଭିଷେକ ୪ର୍ଥ, ଅଧିନାୟକ ହରମନପ୍ରୀତ ସିଂ ୧୧, ସମଶେର ସିଂ ୪୪, ଆକାଶଦୀପ ସିଂ ୪୮ ଓ ସୁଖଜିତ ସିଂ ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦକ୍ଷିଣ ଆଫ୍ରିକାର ସାମକେଲୋ ଏମ୍‌ଭିଏମ୍‌ବି ୪୮ ଓ କାସିମ ମୁସ୍ତାଫା ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

ପୁଲ୍ 'ଡି'ରେ ସ୍ପେନ୍ ବିପକ୍ଷରେ ୨-୦ ଗୋଲରେ ବିଜୟ ସହ ଭାରତର ଅଭିଯାନ ଆରମ୍ଭ ହୋଇଥିଲା। ଇଂଲଣ୍ଡ ବିପକ୍ଷ ପରବର୍ତ୍ତୀ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିବା ଘରୋଇ ଦଳ ଶେଷ ଗ୍ରୁପ୍ ମ୍ୟାଚରେ ୱେଲ୍ସକୁ ୪-୨ ଗୋଲରେ ପରାସ୍ତ କରିଥିଲା। ୩ ମ୍ୟାଚରୁ ଇଂଲଣ୍ଡ ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ପଛରେ ପଡ଼ିଯିବାରୁ ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଫଳରେ କ୍ରସ୍ ଓଭର ଖେଳିବାକୁ ପଡ଼ିଥିଲା। ସେଠାରେ ନ୍ୟୁଜିଲାଣ୍ଡଠାରୁ ପରାଜୟ ଦଳକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ନିର୍ଦ୍ଧାରିତ ସମୟ ଖେଳ ୩-୩ ଗୋଲରେ ବରାବର ରହିବାରୁ ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ଦଳ ନ୍ୟୁଜିଲାଣ୍ଡଠାରୁ ୪-୫ ଗୋଲରେ ହାରି ଯାଇଥିଲା। ଏହିଠାରୁ ହିଁ ଭାରତର ଟାଇଟଲ ଅଭିଯାନ ଶେଷ ହୋଇ ଯାଇଥିଲା। କ୍ଲାସିଫିକେଶନର ପ୍ରଥମ ମ୍ୟାଚରେ ଜାପାନକୁ ୮-୦ରେ ହରାଇଥିବା ଭାରତ ଦ୍ୱିତୀୟ ତଥା ନିଜର ଶେଷ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୫-୨ ଗୋଲରେ ହରାଇ ସମ୍ପୂର୍ଣ୍ଣଭାବେ ଅଭିଯାନ ଶେଷ କରିଥିଲା। କ୍ଲାସିଫିକେଶନ ମ୍ୟାଚ ପରେ ଆର୍ଜେଣ୍ଟିନା ଓ ଭାରତ ଯୁଗ୍ମ ୯ମ, ୱେଲ୍ସ ଓ ଦକ୍ଷିଣ ଆଫ୍ରିକା ଯୁଗ୍ମ ୧୧, ମାଲେସିଆ ଓ ଫ୍ରାନ୍ସ ଯୁଗ୍ମ ୧୩ ଏବଂ ଜାପାନ ଓ ଚିଲି ଯୁଗ୍ମ ୧୫ତମ ସ୍ଥାନରେ ରହିଥିଲେ।

## ୨୦୦ତମ ମ୍ୟାଚ ଖେଳିଲେ ମନଦୀପ

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ମନଦୀପ ସିଂ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୧୯୯୫ ଜାନୁୟାରୀ ୨୫ରେ ପଞ୍ଜାବର ଜଳନ୍ଧରରେ ଜନ୍ମିତ ମନଦୀପ ଭାରତୀୟ ଦଳର ଜଣେ ଦକ୍ଷ ଫରୱାର୍ଡଭାବେ ପରିଚିତ। ସେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ଏହା ବ୍ୟତୀତ ଏସିଆନ ଗେମ୍ସ, ଏସିଆ କପ୍, ଚାମ୍ପିୟନ୍ସ ଟ୍ରଫି, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ହକି ୱାର୍ଲ୍ଡ ଲିଗ୍, ଏସିଆନ ଚାମ୍ପିୟନ୍ସ ଟ୍ରଫି ଆଦି ବଡ଼ ପ୍ରତିଯୋଗିତା ଗୁଡ଼ିକରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ପଦକ ହାସଲ କରିଛନ୍ତି।




# ଚାର୍ଲି ଚାପ୍‌ଲିନ୍ ବେଶରେ ଷ୍ଟାଡିୟମରେ ଉତ୍ତମ

**ରାଉରକେଲା ଅଫିସ,୨୮।୧:** ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଶନିବାର ଭାରତ ଦଳ ତାର ଶେଷ ମ୍ୟାଚ ଦକ୍ଷିଣ ଆଫ୍ରିକା ସହିତ ଖେଳିଥିଲା। ଏହି ଖେଳ ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଥିଲା। ଏହି ଖେଳ ଆରମ୍ଭ ପୂର୍ବରୁ ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହିନ୍ଦି ବିଷୟରେ ଡିଗ୍ରୀ କରୁଥିବା ଛାତ୍ର ଉତ୍ତମ ତାଣ୍ଡି ଚାର୍ଲି ଚାପଲିନଙ୍କ ବେଶରେ ଷ୍ଟାଡିୟମରେ ପହଞ୍ଚିଥିଲେ। ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ଗେଟ ନଂ.୬ ସମ୍ମୁଖରେ ଭାରତ ମ୍ୟାଚ ଦେଖିବା ପାଇଁ ଭିଡ଼ ଲାଗିଥିବା ଦର୍ଶକଙ୍କୁ ଭାରତର ଜାତୀୟ ପତାକା ହାତରେ ଧରି ଚାର୍ଲି ଚାପଲିନଙ୍କ ବିଭିନ୍ନ ହାସ୍ୟ ରଙ୍ଗଶୈଳୀ ପ୍ରଦର୍ଶନ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଭାରତୀୟ ଦଳ ବିଶ୍ୱକପ କ୍ରସ୍ ଓଭରରୁ ବିଦା ହୋଇଥିଲେ ମଧ୍ୟ ହକିର ପ୍ରସାର ଓ ପ୍ରଚାର କିଭଳି ଅଧିକ ହୋଇପାରିବ ସେନେଇ ଉତ୍ତମ ଚାର୍ଲି ଚାପଲିନ ବେଶରେ ଷ୍ଟାଡିୟମ ବାହାରେ ହକି କ୍ରୀଡାପ୍ରେମୀଙ୍କୁ ଅବଗତ କରାଇଥିଲେ। ଏହା ପୂର୍ବରୁ ଉତ୍ତମ ପରିବେଶ ସୁରକ୍ଷା, ସଡକ ସୁରକ୍ଷା ସଚେତନତା ଉପରେ ଅମୀର ଖାନଙ୍କ ପି.କେ ବେଶରେ ବିଭିନ୍ନ ଜନହିତ ଦିଗରେ ଅବଗତ କରାଇଥିଲେ।




### ଭାରତ ଅଭ୍ୟାସ ମ୍ୟାଚ ଖେଳିଲେ ବି ଦର୍ଶକ ଭିଡ଼ ହେବେ

ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ୪ଟି ମ୍ୟାଚ ଖେଳା ଯାଇଥିଲା। ଉକ୍ତ ସନ୍ଧ୍ୟାର ଶେଷ ମ୍ୟାଚ ଭାରତ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଦୁଇଟି ମ୍ୟାଚ ଜିତିଥିବାବେଳେ ଇଂଲଣ୍ଡ ବିପକ୍ଷ ମ୍ୟାଚ ଡ୍ର ରଖିଥିଲା। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଯେଉଁ ଦିନ ଭାରତର ମ୍ୟାଚ ଖେଳା ଯାଇଥିଲା ଉକ୍ତ ଦିନ ଆମର ବ୍ୟବସାୟରେ ଦୁଇଗୁଣା ଲାଭ ହୋଇଥିବା ଚିତ୍ରଶିଳ୍ପୀ ସୌରଭ ବାଗ ମତ ପ୍ରକାଶ କରିଥିଲେ। ସୌରଭ ଜଣେ ଚିତ୍ରଶିଳ୍ପୀ ହୋଇଥିବାବେଳେ ସେ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ୫ ଓ ୬ ନମ୍ବର ଗେଟରେ ରହି ବିଭିନ୍ନ ଦର୍ଶକଙ୍କ ଗାଲରେ ତ୍ରିରଙ୍ଗା ଚିତ୍ର ଆଙ୍କୁଥିଲେ। ଏଥିସହ ବିଶ୍ୱକପ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟର ଚିତ୍ର ଷ୍ଟାଡିୟମକୁ ଆସୁଥିବା ଅନେକ ଦର୍ଶକଙ୍କ ଶରୀରରେ ଚିତ୍ରଣ କରି ଭାରତୀୟ ଦଳକୁ ଉତ୍ସାହିତ କରୁଥିଲେ। ଏନେଇ ସୌରଭଙ୍କୁ ପଚାରିବାରୁ ସେ କହିଥିଲେ, ଯଦି ଏଫଆଇଏଚ ବା ହକି ଇଣ୍ଡିଆ ଭାରତର କୌଣସି ଅଭ୍ୟାସ ମ୍ୟାଚ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆୟୋଜନ କରେ ଜିଲାରେ ହକିର ଏତେ କ୍ରେଜ ଅଛି ଯେ ନିଶ୍ଚିତ ଷ୍ଟାଡିୟମ ଆଖପାଖରେ ବ୍ୟବସାୟ କରୁଥିବା ବହୁ ବ୍ୟବସାୟୀ ଲାଭବାନ ହେବ।

– ରିପୋର୍ଟ: ଦୀନେଶ ମିଶ୍ର



ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିବେକ ମହାନ୍ତି)



ମ୍ୟାଚ ଦେଖିବା ପାଇଁ ଦର୍ଶକମାନେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ପ୍ରବେଶ କରୁଛନ୍ତି।

# ମାଲେସିଆ, ଫ୍ରାନ୍ସ, ଆର୍ଜେଣ୍ଟିନା ବିଜୟୀ

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୮।୧

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହକି ବିଶ୍ୱକପର କ୍ଲାସିଫିକେଶନ ମ୍ୟାଚରେ ମାଲେସିଆ, ଫ୍ରାନ୍ସ ଓ ଆର୍ଜେଣ୍ଟିନା ବିଜୟ ସହ ଅଭିଯାନ ଶେଷ କରିଛନ୍ତି। ୧୩ରୁ ୧୬ତମ ସ୍ଥାନ ପାଇଁ ଅନୁଷ୍ଠିତ ୨ଟି ମ୍ୟାଚରେ ମାଲେସିଆ ୩-୨ ଗୋଲରେ ଜାପାନକୁ ଏବଂ ଫ୍ରାନ୍ସ ୪-୨ ଗୋଲରେ ଚିଲିକୁ ପରାସ୍ତ କରିଛି। ସେହିପରି ୯ରୁ ୧୨ତମ ସ୍ଥାନ ପାଇଁ ଅନୁଷ୍ଠିତ ଏକ ମ୍ୟାଚରେ ଆର୍ଜେଣ୍ଟିନା ୬-୦ ଗୋଲରେ ୱେଲ୍ସକୁ ହରାଇ ଦେଇଛି। ପୂର୍ବାହ୍ନ ୧୧ଟା ୩୦ରେ ଅନୁଷ୍ଠିତ ମ୍ୟାଚରେ ମାଲେସିଆ ପକ୍ଷରୁ ସିଲଭରିଅସ ଶେଲୋ ୭ମ ଓ ୩୧ତମ ମିନିଟରେ ୨ଟି ଏବଂ ଶାମେ ଇରଫାନ ସୁହାମି ୩୩ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଜାପାନ ପକ୍ଷରୁ ତନକା କାଇତୋ ୨୩ ଓ ତନକା ସେରେନ ୩୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅପରାହ୍ନ ୨ଟାରେ ଅନୁଷ୍ଠିତ ମ୍ୟାଚରେ ବିଜୟୀ ଫ୍ରାନ୍ସ ପକ୍ଷରୁ ଅଧିନାୟକ ଭିକ୍ଟର ଚାର୍ଲେଟ ୧୭ତମ ମିନିଟରେ ପେନାଲ୍ଟି କର୍ନରରୁ ଲଗାତର ୨ଟି ଗୋଲ ଦେଇଥିବାବେଳେ କୁର୍ଟି ଇଲିଅଟ ୧୩ ଓ ଜାଭିଅର ଗାସ୍ପାର୍ଡ ୪୨ତମ ମିନିଟରେ ଏବଂ ଚିଲି ପକ୍ଷରୁ ବେସେରା ଫ୍ରାଙ୍କୋ ୨୦ ଏବଂ ଆନ୍ଦ୍ରେସ ପିଜାରୋ ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅପରାହ୍ନ ୪ଟା ୩୦ରେ ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକତରଫା ମ୍ୟାଚରେ ଆର୍ଜେଣ୍ଟିନା ପକ୍ଷରୁ ମାର୍ଟିନ ଫେରେରୋ ୨୮ ଓ ୪୮ ମିନିଟରେ ୨ଟି ଏବଂ ଲୁକାସ ଟୋସକାନି ୧୫, ଅଗଷ୍ଟିନ ବୁଗାଲୋ ୩୦, ସାଣ୍ଟିଆଗୋ ତାରାଜୋନା ୩୬ ଓ ମାଇକୋ କାସେଲା ୪୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।





ମାଲେସିଆ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସାବାଲେଙ୍କାଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ

ମେଲବୋର୍ନ, ୨୮।୧

ବେଲାରୁଷର ଆରିନା ସାବାଲେଙ୍କା ଅଷ୍ଟ୍ରେଲିଆନ୍ ଓପନ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ୪-୬, ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ରଡ୍ ଲାଭର ଆରେନାଠାରେ ଖେଳାଯାଇଥିବା ଏହି ମ୍ୟାଚ ୨ ଘଣ୍ଟା ୨୮ ମିନିଟ୍ ଧରି ଚାଲିଥିଲା। ପ୍ରତିଯୋଗିତାରେ ୫ମ ସିଡ୍ ୨୪ ବର୍ଷୀୟା ସାବାଲେଙ୍କାଙ୍କର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ମ୍ୟାଚର ପ୍ରଥମ ସେଟ୍ ରିବାକିନା ମାତ୍ର ୩୪ ମିନିଟ୍‌ରେ ଜିତିନେଇଥିଲେ। ସାବାଲେଙ୍କା ପରେ ଲଢୁଆ ପ୍ରତ୍ୟାବର୍ତ୍ତନ ସହ ୫୭ ମିନିଟ୍‌ରେ ଦ୍ୱିତୀୟ ସେଟ୍ ଜିତିନେଇଥିଲେ। ପରେ ସେ ନିର୍ଣ୍ଣାୟକ ସେଟ୍ ୬-୪ରେ ବିଜୟୀ ହୋଇଥିଲେ। ସାବାଲେଙ୍କା ବର୍ତ୍ତମାନ ର୍‍ୟାଙ୍କିଙ୍ଗ ତାଲିକାର ଦ୍ୱିତୀୟ ସ୍ଥାନ କରିନେବେ। ଅନ୍ୟପକ୍ଷରେ ରିବାକିନା ୭ ମାସରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିବା ଦ୍ୱାରା ପ୍ରଥମ ଥର ର୍‍ୟାଙ୍କିଙ୍ଗ ତାଲିକାର ଟପ୍-୧୦ରେ ପ୍ରବେଶ କରିବେ। ସେ ଗତ ୱିମ୍ବେଲଡନ ଚାମ୍ପିୟନଶିପ୍ ଜିତିଥିଲେ ମଧ୍ୟ ସେଠାରେ ରୁଷିଆ ଓ ବେଲାରୁଷ ଖେଳାଳିଙ୍କୁ ବାସନ୍ଦ କାରଣରୁ ତାଙ୍କୁ କୌଣସି ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳି ନ ଥିଲା। ରଡ୍ ଲାଭର ଆରେନାଠାରେ ରିବାକିନାଙ୍କ ଦ୍ରୁତତମ ସର୍ଭିସ ଘଣ୍ଟା ପ୍ରତି ୧୯୫ କିଲୋମିଟର ରହିଥିବା ବେଳେ ସାବାଲେଙ୍କାଙ୍କର ଘଣ୍ଟା ପ୍ରତି ବେଗ ୧୯୨ କିଲୋମିଟର ଥିଲା। ମ୍ୟାଚରେ ସାବାଲେଙ୍କା ୧୩ ବ୍ରେକ୍ ପଏଣ୍ଟ ପାଇଥିବା ବେଳେ ରିବାକିନାଙ୍କୁ ୭ ମିଳିଥିଲା।


ଟ୍ରଫି ସହ ଆରିନା ସାବାଲେଙ୍କା।

### ଡି' ଗ୍ରୁଟ୍‌ଙ୍କୁ କ୍ରମାଗତ ୯ମ ଗ୍ରାଣ୍ଡସ୍ଲାମ ହ୍ୱିଲଚେୟାର ଟାଇଟଲ

ମେଲବୋର୍ନ, ୨୮।୧(ଏପି)

ଡଚ୍ କିମ୍ବଦନ୍ତୀ ଡିଡେ ଡି' ଗ୍ରୁଟ୍ ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ହ୍ୱିଲଚେୟାର ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ଜାପାନର ୟୁଇ କାମିଜିଙ୍କୁ ୦-୬, ୬-୨, ୬-୨ ହରାଇ ଦେଇଥିଲେ। ଏହା ହେଉଛି ତାଙ୍କର କ୍ରମାଗତ ୯ମ ଗ୍ରାଣ୍ଡସ୍ଲାମ ଟାଇଟଲ। ଗ୍ରୁଟ୍‌ଙ୍କର ଏହା ୫ମ ଅଷ୍ଟ୍ରେଲିଆନ ଓପନ ଏବଂ ୧୭ତମ ଗ୍ରାଣ୍ଡସ୍ଲାମ ଟ୍ରଫି।

### ବ୍ଲକ୍ସ, କୋର୍ନିଭା ଜୁନିୟର ଚାମ୍ପିୟନ

ବେଲ୍‌ଜିୟମର ଆଲେକ୍‌ଜାଣ୍ଡର ବ୍ଲକ୍ସ ୬-୧, ୨-୬, ୭-୬ (୯)ରେ ଆମେରିକାର ଲର୍ନର ଟିନ୍‌ଙ୍କୁ ହରାଇ ଅଷ୍ଟ୍ରେଲିଆନ ଓପନ ଜୁନିୟର ଟାଇଟଲ ହାସଲ କରିଛନ୍ତି। ୧୭ ବର୍ଷୀୟ ବ୍ଲକ୍ସ କହିଛନ୍ତି, ତାଙ୍କ ଜୀବନର ଏହା ସବୁଠାରୁ କଠିନ ମ୍ୟାଚ ଥିଲା। ଅନ୍ୟପକ୍ଷରେ ଜୁନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ନବମ ସିଡ୍ ଅଲିନା କୋର୍ନିଭା ୬-୭ (୨), ୬-୪, ୭-୫ରେ ୭ମ ସିଡ୍ ମୀରା ଆନ୍ଦ୍ରିଭାଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ ୩ ଘଣ୍ଟା ୧୮ ମିନିଟରେ ଶେଷ ହୋଇଥିଲା।

# ଭାରତ-ଇଂଲଣ୍ଡ ଫାଇନାଲ ଆଜି

**୧୯ ବର୍ଷରୁ କମ୍ ଟି୨୦ କ୍ରିକେଟ ବିଶ୍ୱକପ୍**

ପୋଚେଫଷ୍ଟ୍ରମ୍, ୨୮।୧ (ପି.ଟି.)

ଚଳିତ ୧୯ ବର୍ଷରୁ କମ୍ ମହିଳା ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ। ଟାଇଟଲ ଜିତି ଇତିହାସ ସୃଷ୍ଟିକରିବା ଲାଗି ବ୍ୟାଟିଂ ସେନ୍‌ସେସନ ଶେଫାଳି ବର୍ମାଙ୍କ ପାଇଁ ଏହା ଏକ ସୁଯୋଗ। ଭାରତୀୟ ମହିଳା କ୍ରିକେଟ ଦଳ ଏପର୍ଯ୍ୟନ୍ତ କୌଣସି ସ୍ତରରେ ଏକ ବିଶ୍ୱକପ୍ ଜିତିପାରି ନାହିଁ। ଶେଫାଳି ସିନିୟର ଦଳ ସହ ଦୁଇଟି ବିଶ୍ୱକପ୍ ଏବଂ ଗୋଟିଏ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫାଇନାଲ ଖେଳିଛନ୍ତି। ଦେଶକୁ ସେ ଟାଇଟଲ ସହ ଫେରିବା ଲକ୍ଷ୍ୟରେ ଥିଲେ। ସିନିୟର ଦଳ ସମସ୍ତ ଫର୍ମାଟରେ ଏ ପର୍ଯ୍ୟନ୍ତ ୩ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛନ୍ତି ଏବଂ ଦୁଃଖଦ ଅନୁଭୂତି ନେଇ ଫେରିଛନ୍ତି। ସେମାନେ ୨୦୦୫ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆଠାରୁ ୯୮ରନରେ ଏବଂ ୨୦୧୭ରେ ଇଂଲଣ୍ଡ ନିକଟରୁ ୯ ରନରେ ପରାଜିତ ହୋଇଛନ୍ତି। ପୁନଶ୍ଚ ଟି୨୦ରେ ସେମାନେ ୨୦୨୦ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ୮୫ ରନରେ ହାରିଛନ୍ତି। ଶେଫାଳି ଏଥର ସୁଯୋଗ ହାତଛଡ଼ା କରିବାକୁ ଚାହିଁବେ ନାହିଁ। ଟୁର୍ନାମେଣ୍ଟର ସୁପର ସିକ୍ସ ଲିଗ୍ ପର୍ଯ୍ୟାୟରେ ଭାରତ କେବଳ ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଛି। ତେବେ ଦଳ ଅଷ୍ଟ୍ରେଲିଆକୁ ମାତ୍ର ୮୭ ରନରେ ଅଲଆଉଟ କରିଦେଇଥିଲା। ଅନ୍ୟପକ୍ଷରେ ଭାରତର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଶକ୍ତିଶାଳୀ ମନେ ହେଉଛି। ସୁପର ସିକ୍ସ ଗ୍ରୁପ୍ ପର୍ଯ୍ୟାୟରେ ଦଳ ଏହାର ସମସ୍ତ ମ୍ୟାଚରେ ବିଜୟ ଲାଭ କରିଛି। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ସେମାନେ ୧୯.୫ ଓଭରରେ ୯୯ରନ କରି ଅଲଆଉଟ ହୋଇଯାଇଥିଲେ। ମାତ୍ର ଇଂଲଣ୍ଡ ପରେ ଅଷ୍ଟ୍ରେଲିଆକୁ ୧୮.୪ ଓଭରରେ ୯୬ ରନ ସ୍କୋରରେ ଅଲଆଉଟ କରିଦେଇଥିଲା।



ଉଭୟ ଦଳର ଅଧିନାୟିକା ଭାରତର ଶେଫାଳି ବର୍ମା ଓ ଇଂଲଣ୍ଡର ଗ୍ରେସ୍ ସ୍କ୍ରିଭେନ୍ସ।

## ମିଥାଲି ଗୁଜରାଟ ଜାଏଣ୍ଟ୍ସ ମେଣ୍ଟର

ଅହମଦାବାଦ, ୨୮।୧ (ପି.ଟି.)

ଭାରତର ପୂର୍ବତନ ଅଧିନାୟିକା ମିଥାଲି ରାଜ୍ ଓମ୍ୱେନ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଗୁଜରାଟ ଜାଏଣ୍ଟ୍ସର ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଡବ୍ଲ୍ୟୁପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ଖେଳାଯିବ। ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ମିଥାଲି ହେଉଛନ୍ତି ସବୁଠାରୁ ଅଧିକ ରନ ସଂଗ୍ରହ କରିଥିବା ବ୍ୟାଟର। ଦୀର୍ଘ ୨୩ ବର୍ଷର ଲମ୍ବା କ୍ୟାରିୟର ପରେ ଗତବର୍ଷ ସେ ଅବସର ଘୋଷଣା କରିଛନ୍ତି। ୪୦ ବର୍ଷୀୟା କ୍ରିକେଟର ଗୁଜରାଟରେ ତୃଣମୂଳ ସ୍ତରରୁ ମହିଳା କ୍ରିକେଟର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ନିକଟରେ ନିଲାମି ବେଳେ ୫ଟି ଦଳ ମଧ୍ୟରୁ ଅହମଦାବାଦ ଫ୍ରାଞ୍ଚାଇଜ୍‌କୁ ନେବା ଲାଗି ଆଦାନୀ ଗ୍ରୁପ୍ ୧୨୮୯ କୋଟି ଟଙ୍କା ଖର୍ଚ୍ଚ କରିଥିଲା।

# କିଶନ, ହୁଡାଙ୍କ ଉପରେ ନଜର

ଲକ୍ଷ୍ନୌ, ୨୮।୧(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜର ପ୍ରଥମ ଟି୨୦ ମ୍ୟାଚ ପରାଜିତ ହେବା ପରେ ଦ୍ୱିତୀୟ ଟି୨୦ରେ ଭାରତ ପାଇଁ କର ବା ମର ସ୍ଥିତି ସୃଷ୍ଟି ହୋଇଛି। ସିରିଜରେ ଜୀବନ୍ତ ରହିବା ପାଇଁ ଭାରତକୁ ନିଶ୍ଚିତ ବିଜୟ ଆବଶ୍ୟକ ଥିବାବେଳେ ରବିବାର ଲକ୍ଷ୍ନୌରେ ଉଭୟ ଦଳ ସାମ୍ନାସାମ୍ନି ହେବେ। ରାଞ୍ଚିରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ସ୍ପିନରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା। ଭାରତୀୟ ପେସ୍ ବୋଲର ଅତ୍ୟଧିକ ରନ୍ ବ୍ୟୟ କରିଥିବା ବେଳେ ଏହା ପରାଜୟର ମୁଖ୍ୟ କାରଣ ରହିଥିଲା। ଉମ୍ରାନ୍ ମଲିକ୍ ଗୋଟିଏ ଓଭରରେ ୧୬ ରନ ବ୍ୟୟ କରିଥିବା ବେଳେ ଅର୍ଶଦୀପ ସିଂ ଇନିଂସର ଅନ୍ତିମ ଓଭରରେ ଦେଇଥିଲେ ୨୭ ରନ। ଭାରତୀୟ ଟପ୍ ଅର୍ଡର ଫେଲ୍ ମାରିଥିବା ବେଳେ ଦଳ ୧୫ ରନରେ ୩ ଉଇକେଟ ହରାଇଥିଲା। ମଧ୍ୟକ୍ରମରେ ସୂର୍ଯ୍ୟକୁମାର ଓ ପାଣ୍ଡ୍ୟା ଭଲ ବ୍ୟାଟିଂ କରିଥିବା ବେଳେ ନିମ୍ନକ୍ରମରେ ୱାଶିଂଟନ୍ ସୁନ୍ଦର ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ତେବେ ଟପ୍ ଅର୍ଡରରେ ଇଶାନ କିଶନ ଏବଂ ମିଡିଲ ଅର୍ଡରରେ ଦୀପକ ହୁଡାଙ୍କ ବ୍ୟାଟିଂ ଉପରେ ଭାରତୀୟ ମ୍ୟାନେଜମେଣ୍ଟର ନଜର ରହିବ। ଉଭୟ ଖେଳାଳି ବିଗତ କିଛି ମ୍ୟାଚରେ ବିଫଳ ହୋଇଥିବା ବେଳେ ଉଭୟଙ୍କ ବ୍ୟାଟିଂ ଆଭିମୁଖ୍ୟ ସାମାନ୍ୟ ଧିମା ରହିଛି। ଉଭୟ ଖେଳାଳି ଷ୍ଟ୍ରାଇକ ରୋଟେଟ କରିବାରେ ବିଫଳ ହୋଇଥିବା ବେଳେ ବଡ ଶଟ୍ ମଧ୍ୟ ଖେଳିପାରୁନାହାନ୍ତି। ଅନ୍ୟତମ ଓପନର ଭାବରେ ଦଳରେ ଥିବା ଶୁବମନ ଗିଲ୍ ମାତ୍ର ୪ ଟି୨୦ ମ୍ୟାଚ ଖେଳିଥିବା ବେଳେ ଫର୍ମକୁ ଦେଖିଲେ ସେ ହିଁ ଦଳରେ ସ୍ଥାନ ପାଇବେ। ମାତ୍ର ବାଂଲାଦେଶ ବିପକ୍ଷ ଦ୍ୱିଶତକ ପରଠାରୁ ଇଶାନଙ୍କ ବ୍ୟାଟ ନୀରବ ରହିଛି। ସେହିପରି ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି୨୦ ପରେ ହୁଡା ମଧ୍ୟ ଭଲ ବ୍ୟାଟିଂ କରିନାହାନ୍ତି। ଶୁକ୍ରବାର ହୁଡା ୧୦ ବଲରୁ ୧୦ ରନ୍ କରିଥିବା ବେଳେ ସ୍ପିନରଙ୍କ ଆଗରେ ଅସହଜ ମନେ ହୋଇଥିଲେ। ଇଶାନ କିଶନଙ୍କ ସ୍ଥାନରେ ମ୍ୟାନେଜମେଣ୍ଟ ଜିତେଶ ଶର୍ମାଙ୍କୁ ସୁଯୋଗ ଦେଇପାରେ। ଏପରି ହେଲେ ରାହୁଲ ତ୍ରିପାଠୀ କିମ୍ବା ସୂର୍ଯ୍ୟକୁମାର ଯାଦବ ଇନିଂସ ଓପନ୍ କରିବେ।

**ଆଜି ଦ୍ୱିତୀୟ ଟି୨୦**

**ମ୍ୟାଚ ସ୍ଥାନ: ଲକ୍ଷ୍ନୌ**
**ମ୍ୟାଚ ସମୟ: ସନ୍ଧ୍ୟା ୭.୦୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ମ୍ୟାନେଜରଙ୍କୁ ବିଦା କଲେ ଉସେନ ବୋଲ୍ଟ

ସାନ ଜୁଆନ(ପୁଏର୍ଟୋରିକୋ), ୨୮।୧(ପି.ଟି.)

**ଆକାଉଣ୍ଟରୁ ଗାଏବ ୧୦୩ କୋଟି**

ଆକାଉଣ୍ଟରୁ ପଇସା ଉଭାନ ହୋଇଯିବା କାରଣରୁ ନିଜ ମ୍ୟାନେଜରଙ୍କୁ ବିଦା କରିଛନ୍ତି ଜାମାଇକାର ସ୍ପ୍ରିଣ୍ଟର ଉସେନ ବୋଲ୍ଟ। ଶୁକ୍ରବାର ବୋଲ୍ଟଙ୍କ ଆକାଉଣ୍ଟରୁ ୧୨.୭ ମିଲିୟନ୍ ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୧୦୩ କୋଟି ଟଙ୍କା ଗାଏବ ହୋଇଯାଇଥିଲା। ଏକ ସ୍ଥାନୀୟ ନିବେଶକ ଫାର୍ମରେ ବୋଲ୍ଟଙ୍କ ପଇସା ନିବେଶ ହୋଇଥିଲା। ଆକାଉଣ୍ଟରେ ୧୨.୮ ମିଲିୟନ ଡଲାର ରହିଥିବା ବେଳେ ଅଚାନକ ଏଥିରୁ ସବୁ ପଇସା କଟି ଯାଇ ମାତ୍ର ୧୨ ହଜାର ଡଲାର ରହିଥିଲା। ପ୍ରାୟ ୧୦ ବର୍ଷ ତଳୁ ଉକ୍ତ ଫାର୍ମରେ ଦୁର୍ନୀତି ଚାଲିଥିବା ବେଳେ ବର୍ତ୍ତମାନ ଏହା ଉପରେ ତଦନ୍ତ ଜାରି ରହିଛି। ଉକ୍ତ ଅର୍ଥ ଗାଏବ ହୋଇଥିଲେ ହେଁ ସେ ଦେବାଳିଆ ହୋଇ ନ ଥିବା ବୋଲ୍ଟ ସୂଚନା ଦେଇଛନ୍ତି। ତେବେ ଏହି ଅର୍ଥ ନିଜର ୩ ଶିଶୁଙ୍କ ଭବିଷ୍ୟତ ପାଇଁ ଗଚ୍ଛିତ ଥିଲା। ପଇସା ଫେରସ୍ତ ପାଇଁ କମ୍ପାନୀକୁ ଏକ ସପ୍ତାହର ମହଲତ ପ୍ରଦାନ କରାଯାଇଛି। ଯଦି ଅର୍ଥ ଫେରସ୍ତ ନ ମିଳେ ତେବେ ଫାର୍ମ ବିପକ୍ଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏକ ସପ୍ତାହ ପୂର୍ବରୁ ଅର୍ଥନୈତିକ ସେବା ବିଭାଗ ନିର୍ଦ୍ଦେଶକ ନିଜ ପଦରୁ ଓହରି ଯାଇଥିଲେ। ଏହି ଦୁର୍ନୀତି ଦ୍ୱାରା କେବଳ ବୋଲ୍ଟ ନୁହନ୍ତି ବରଂ ଅନେକ ବୟସ୍କ ଲୋକ ମଧ୍ୟ ଗଭୀର ଭାବରେ ପ୍ରଭାବିତ ହୋଇଛନ୍ତି।

# ଜାତୀୟ ବିଚ୍ ସକର୍: ଗୋଆ ନିକଟରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୮।୧(ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ବିଚ୍ ସକର୍ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚରେ ଗୋଆ ନିକଟରୁ ପରାଜିତ ହୋଇଛି ଓଡ଼ିଶା। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଗୋଆ ୪-୨ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ଗୋଆ ପକ୍ଷରୁ ସତୀଶ କାଙ୍କୋଣକର(୪ ଓ ୬ ମିନିଟ) ଡବଲ୍ ଗୋଲ ସ୍କୋର କରିଥିବା ବେଳେ ଲାଡିଶ କୁଙ୍କାଲୋକର(୧୩) ଓ ଶୁଭମ ରାଓ ଦେଶାଇ(୨୮ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପକ୍ଷରୁ ବାପୁନି ବିନ୍ଧାଣୀ(୨୩, ୨୩) ଦୁଇଟି ଗୋଲ ପରିଶୋଧ କରିଥିଲେ। ୬ଟି ଯାକ ଗୋଲ ପ୍ରଥମାର୍ଦ୍ଧରେ ହିଁ ହୋଇଥିଲା। ମ୍ୟାଚର ୩୫ତମ ମିନିଟରେ ଗୋଆର ଅଧିନାୟକ ନିହାଲ ପରବଙ୍କୁ ରେଡ୍‌କାର୍ଡ ମିଳିଥିଲା। ଓଡ଼ିଶା ୧୦ ଜଣିଆ ଗୋଆ ଦଳର ଫାଇଦା ଉଠାଇ ନ ପାରି ପରାଜିତ ହୋଇଥିଲା।

# ଓଡ଼ିଶା ଏଫ୍‌ସିର କ୍ରମାଗତ ପରାଜୟ

ଭୁବନେଶ୍ୱର, ୨୮।୧(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡାଙ୍ଗନରେ ଖେଳା ଯାଇଥିବା ଏଟିକେ ମୋହନ ବାଗାନ(ଏଟିକେଏମ୍‌ବି) ବିପକ୍ଷ ମ୍ୟାଚକୁ ୨-୦ରେ ହାରିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ଏହା ସହିତ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ଓଏଫ୍‌ସି ପରାଜିତ ହୋଇଛି। ଏଟିକେଏମ୍‌ବି ପକ୍ଷରୁ ଦିମିତ୍ରି ପେଟ୍ରାଟୋସ ଉଭୟ ଗୋଲ ସ୍କୋର କରିଥିଲେ। ମ୍ୟାଚର ତୃତୀୟ ମିନିଟରେ

**ଦିମିତ୍ରିଙ୍କ ଡବଲ୍**

ଦିମିତ୍ରି ପେଟ୍ରାଟୋସ ଏଟିକେଏମ୍‌ବି ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ୧-୦ରେ ଶେଷ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୮୦ ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ଦିମିତ୍ରି। ଓଏଫ୍‌ସି ମ୍ୟାଚର ୫୨ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଗୋଲ ସ୍କୋର କରିବାରେ ସମର୍ଥ ହୋଇନଥିଲା। ୯୦+୪ ମିନିଟରେ ବିପଜ୍ଜନକ ଖେଳ ପାଇଁ ଆଶିକ୍ କୁରିଏନଙ୍କୁ ରେଡକାର୍ଡ ମିଳିଥିଲା। ଏଟିକେଏମ୍‌ବି ଅନ୍ତିମ ୨ ମିନିଟ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ଓଏଫ୍‌ସି ଏହାର ଫାଇଦା ଉଠାଇ ପାରି ନ ଥିଲା।


ଏଟିକେର ଗ୍ଲାନ ଏବଂ ଓଡ଼ିଶା ଏଫ୍‌ସିର ଡିଏଗୋ ମରିସିଓଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

## ବ୍ରୋଞ୍ଜ ପାଇଁ ଲଢ଼ିବେ ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ସ

ଭୁବନେଶ୍ୱର, ୨୮।୧ (କ୍ରୀଡ଼ା ପ୍ରତିନିଧି)

**ହକି ବିଶ୍ୱକପ୍**

ହକି ବିଶ୍ୱକପର ବ୍ରୋଞ୍ଜ ପଦକ ପାଇଁ ରବିବାର ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ମଧ୍ୟରେ ଲଢ଼େଇ ହେବ। କଳିଙ୍ଗ ଷ୍ଟାଡିୟମରେ ଅପରାହ୍ନ ୪ଟା ୩୦ରେ ଏହି ମ୍ୟାଚ ଆରମ୍ଭ ହେବ। ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୩-୪ ଗୋଲରେ ଜର୍ମାନୀ ନିକଟରୁ ହାରି ଯାଇଥିବାବେଳେ ବେଲଜିୟମ ବିପକ୍ଷ ମ୍ୟାଚରେ ଶୁଟ୍‌ଆଉଟ ହୋଇ ଯାଇଥିଲା ନେଦରଲାଣ୍ଡ୍ସ । ନିର୍ଦ୍ଧାରିତ ସମୟ ଖେଳକୁ ନେଦରଲାଣ୍ଡ୍ସ ୨-୨ ଗୋଲରେ ଡ୍ର ରଖି ଫାଇନାଲ ଆଶା ଉଜ୍ଜୀବିତ ରଖିଥିଲା। ମାତ୍ର ଶୁଟ୍ ଆଉଟ ପର୍ଯ୍ୟାୟରେ ଦିଗହରା ପ୍ରଦର୍ଶନ ଦଳକୁ ପରାଜୟ ସ୍ୱାଦ ଚଖାଇଲା। ଦଳର କେବଳ ୨ ଜଣ ଖେଳାଳି ଶୁଟ୍‌ଆଉଟରେ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ୧୯୮୬, ୨୦୧୦ ଓ ୨୦୧୪ରେ ଚାମ୍ପିୟନ ଅଷ୍ଟ୍ରେଲିଆ ୨୦୦୨ ଓ ୨୦୦୬ରେ ରନରଅପ୍ ହୋଇଥିଲା। ଏହା ବ୍ୟତୀତ ୧୯୭୮, ୧୯୮୨, ୧୯୯୦, ୧୯୯୪ ଓ ୨୦୧୮ରେ ଦଳ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ପାଇଥିଲା। ୧୯୯୮ରେ ଦଳକୁ ଚତୁର୍ଥସ୍ଥାନ ମିଳିଥିଲା। ଗତ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଥିବାରୁ ଦଳ ଏଥର ତାହା ବଜାୟ ରଖିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ୧୯୭୩, ୧୯୯୦, ୧୯୯୮ରେ ଚାମ୍ପିୟନ ଏବଂ ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ରନରଅପ୍ ନେଦରଲାଣ୍ଡ୍ସ ୨୦୦୨ ଓ ୨୦୧୦ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ପାଇଥିଲା। ୧୯୮୨ରେ ଦଳକୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ